READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର
ଅନୁସନ୍ଧାନ ପରେ ଖବର

ପବିତ୍ର ରକ୍ଷାବନ୍ଧନ ଅବସରରେ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
- ଏକମାତ୍ର ପରିବାର



ବର୍ଷ-୪ ସଂଖ୍ୟା-୨୯ ୦୩ - ୦୯ ଅଗଷ୍ଟ, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-29 03rd - 09th AUGUST, 2020 BHUBANESWAR ₹ 5/- (8 Pages)

### ଓଡ଼ିଶାରେ କରୋନାର ୫ ପ୍ରକାର ଭୂତାଣୁ ସକ୍ରିୟ

# ସଂକ୍ରମଣ ଭୟ କମିନି

**ଭୁବନେଶ୍ୱର :** ସମ୍ପ୍ରତି ଓଡ଼ିଶାରେ ଯେଉଁ କରୋନା ଭୂତାଣୁ ବୁଲୁଛି ତାହା ୫ ପ୍ରକାର ରୂପରେ ଦେଖାଯାଉଛି। ଅଚାନକ ନିଜର ରୂପ (ମ୍ୟୁଟେସନ) ବଦଳାଇ ଓଡ଼ିଶାରେ ୧୯-ବିର ୨୦-ଏ ଏବଂ ୨୦-ବି ଭାବରେ ରୂପ ବଦଳାଇଥିବା କରୋନା ଭୂତାଣୁ ବିଭିନ୍ନ ମାଧ୍ୟମ ଦେଇ ଓଡ଼ିଶାକୁ ପ୍ରବେଶ କରିଛି। ଯାହାଫଳରେ ଓଡ଼ିଶାରେ ସଂକ୍ରମଣର ମାତ୍ରା ଗତ ଜୁଲାଇ ମାସରେ ରାଜ୍ୟରେ ଦେଖାଯାଇଛି। ଯାହାକି ଦେଶର ଅନ୍ୟ କୌଣସି ରାଜ୍ୟରେ ଦେଖିବାକୁ ମିଳିନାହିଁ। ଭୁବନେଶ୍ୱରରେ ଥିବା ଭାରତ ସରକାରଙ୍କ ବାୟୋଟେକ୍ନୋଲୋଜି ବିଭାଗ ଅଧିନସ୍ଥ ଜୀବ ବିଜ୍ଞାନ

**ଗୁଜରାଟ ଫେରନ୍ତା ଆକ୍ରାନ୍ତଙ୍କ ଠାରେ ୧୯-ଏ, ୧୯-ବି**
**ଭାରତରେ ରୂପ ବଦଳାଇ ହୋଇଛି ୨୦-ଏ ଓ ୨୦-ବି**
**୨୦-ସି ରୂପ କେବଳ ଓଡ଼ିଶାରେ ହିଁ ପରିବର୍ତ୍ତିତ ହୋଇଛି**
**ୟୁରୋପ-ଦକ୍ଷିଣ ପୂର୍ବ ଏସିଆରୁ ଓଡ଼ିଶାରେ ପ୍ରବେଶ**
**ନମୁନା ବିଶ୍ଳେଷଣ ପରେ ସୁରାଗ ଦେଲେ ଆଇଏଲ୍ଏସ୍**



ରୂପ ନେଇଥିଲା କରୋନା। ଯାହାଫଳରେ ରାଜ୍ୟରେ ସଂକ୍ରମଣ ବଢ଼ିଚାଲିଲା। କେବଳ ଓଡ଼ିଶାରେ ନୁହେଁ ଦେଶର ଅନ୍ୟ ରାଜ୍ୟରେ ମଧ୍ୟ ତୀବ୍ର ହୋଇଥିଲା। କେବଳ ଏତିକି ନୁହେଁ, ଓଡ଼ିଶାରେ ପ୍ରବେଶ ପରେ ପରିବେଶ ଅନୁଯାୟୀ କରୋନା ଭୂତାଣୁ ୨୦-ସିର ଏକ ସ୍ୱତନ୍ତ୍ର ରୂପ ପ୍ରତିଷ୍ଠାନ (ଆଇଏଲ୍ଏସ୍) ମାର୍ଚ୍ଚରୁ ଜୁଲାଇ ମଧ୍ୟରେ କରୋନା ରୋଗୀଙ୍କ ଠାରୁ ସଂଗୃହୀତ ୨୨୫ ଭାଇରାଣ ଜିନୋମ୍ ପରିକ୍ଷଣରୁ ଏହି ତଥ୍ୟ ଏବେ ହସ୍ତଗତ ହୋଇଛି। ଦେଶର ୧୩ଟି ରାଜ୍ୟରୁ ଓଡ଼ିଶାକୁ ଫେରିଥିବା ପ୍ରବାସୀ କରୋନା ରୋଗୀଙ୍କ ଠାରୁ ନମୁନା ସଂଗ୍ରହ କରାଯାଇ ଆଇଏଲ୍ଏସ୍‌ରେ ଗବେଷଣା ଆରମ୍ଭ ହୋଇଥିଲା। ଆର୍ଏମ୍ଆରସି ସହଯୋଗରେ ଆଇଏଲ୍ଏସ୍‌ର ବୈଜ୍ଞାନିକମାନେ ନିଜସ୍ୱ ଜ୍ଞାନକୌଶଳ ଓ ସାଧନ ବ୍ୟବହାର କରି କରୋନା ଭୂତାଣୁ ଉପରେ ଗବେଷଣା ଚଳାଇଛନ୍ତି। ରାଜ୍ୟର କରୋନା ରୋଗୀଙ୍କ ଠାରୁ ସଂଗୃହୀତ ନମୁନା ବିଶ୍ଳେଷଣ ପରେ ଏଥିରେ ସମସ୍ତ ୫ଟି ଯାକ କ୍ଲେଡ୍‌ର ଉପସ୍ଥିତି ରହିଥିବା ଜଣାପଡିଛି। ୧୯-ଏ, ୧୯-ବି, ୨୦-ଏ, ୨୦-ବି ଓ ୨୦-ସି ଭଳି କ୍ଲେଡ୍ ରହିଥିବା ସ୍ପଷ୍ଟ ଜଣାପଡିଛି। ବିଶେଷକରି ଗୁଜୁରାଟ, ଦିଲ୍ଲୀ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ, ପଶ୍ଚିମବଙ୍ଗ, ➤ ପୃ-୬

### ସାମ୍ପ୍ରତିକ ପରିସ୍ଥିତିରେ ଆତ୍ମସନ୍ତୋଷର ସ୍ଥାନ ନାହିଁ : ମୁଖ୍ୟମନ୍ତ୍ରୀ

# ନିୟମ ମାନିବାକୁ ଆହ୍ୱାନ




**ଭୁବନେଶ୍ୱର:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବ୍ରହ୍ମପୁରରେ ଦୁଇଟି କୋଭିଡ୍ ହସ୍ପିଟାଲ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଗଞ୍ଜାମ ଜିଲ୍ଲାରେ ସଂକ୍ରମଣ ହାର କ୍ରମାଗତ ଭାବରେ କମୁଛି। ଗଞ୍ଜାମରେ ଆରୋଗ୍ୟ ହାର ଜାତୀୟ ହାରଠାରୁ ଅଧିକ ରହିଛି ଏବଂ ଜିଲ୍ଲାର ୮୫% ଗ୍ରାମାଞ୍ଚଳ ସବୁଜ ଅଞ୍ଚଳରେ ରହିଛି। କିନ୍ତୁ ଯେପର୍ଯ୍ୟନ୍ତ ଟୀକା ବ ନିର୍ଦ୍ଦିଷ୍ଟ ଚିକିତ୍ସା ପଦ୍ଧତି ନ ବାହାରିଛି ଏହି ମହାମାରୀ ବିରୋଧରେ ଫଳପ୍ରଦ ଲଢ଼େଇର ଏକମାତ୍ର ଉପାୟ ହେଉଛି ମାସ୍କର ବ୍ୟବହାର, ସାମାଜିକ ଦୂରତ୍ୱ ଓ ସରକାରଙ୍କ କୋଭିଡ ନିୟମାବଳୀର ପାଳନ। ତେଣୁ ବର୍ତ୍ତମାନ ପରିସ୍ଥିତିରେ ଆତ୍ମସନ୍ତୋଷର କୌଣସି ସ୍ଥାନ ନାହିଁ। ଜନସାଧାରଣ କୋଭିଡ ନିୟମାବଳୀକୁ ହାଲକା ଭାବରେ ନ ନେଇ ଏହାର ଗୁରୁତ୍ୱକୁ ଭଲ ଭାବରେ ବୁଝନ୍ତୁ। ନିଜର ଏବଂ ନିଜ ପରିବାରର ସୁରକ୍ଷା ଦୃଷ୍ଟିରୁ ସବୁ କୋଭିଡ ନିୟମକୁ କଡାକଡି ଭାବରେ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଏହି ଅବସରରେ ନିବେଦନ କରିଥିଲେ। ଗହଳି ସ୍ଥାନକୁ ନ ଯିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଅନ୍‌ଲକ୍-୧ ପରେ ଦେଶର ହଟସ୍ପଟ୍ ଅଞ୍ଚଳରୁ ଆମର ଭାଇଭଉଣୀମାନେ ଘରକୁ ଫେରିଛନ୍ତି। ଆମର କୋଭିଡ ଯୋଦ୍ଧା ମାନଙ୍କର ତ୍ୟାଗ, ନିଷ୍ଠା ଏବଂ ଗଞ୍ଜାମର ଜନସାଧାରଣଙ୍କର ସହଯୋଗ ଯୋଗୁ ଗଞ୍ଜାମ ଜିଲ୍ଲା ଏହି ମହାମାରୀ ବିରୋଧରେ ସଫଳତାର ସହ ଲଢ଼େଇ ଜାରି ରଖିଛି। ଏଥିପାଇଁ ଜିଲ୍ଲା ପ୍ରଶାସନକୁ ଏବଂ ଗଞ୍ଜାମର ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। କରୋନା ମହାମାରୀ କବଳରୁ ଲୋକମାନଙ୍କ ଜୀବନରକ୍ଷା ନିମନ୍ତେ ସରକାର ସବୁପ୍ରକାର ଉଦ୍ୟମ ଜାରି ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ରାଜ୍ୟର ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସାମାଜିକ ଦୂରତ୍ୱ ନିୟମକୁ କଡାକଡି ଭାବରେ ପାଳନ କରିବାକୁ ଗୁରୁତ୍ୱ ଦେଇଥିଲେ। ଏହି ୨ ହସ୍ପିଟାଲ ଯୋଗେ କେବଳ ଗଞ୍ଜାମ ନୁହଁ ବରଂ ଗଜପତି, କନ୍ଧମାଳ ଏବଂ ଅନ୍ୟ ଜିଲ୍ଲାର କରୋନା ରୋଗୀ ମଧ୍ୟ ଚିକିତ୍ସା ସୁବିଧା ପାଇପାରିବେ ବୋଲି ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି। ସୂଚନାଯୋଗ୍ୟ ଉଦ୍‌ଘାଟିତ ହୋଇଥିବା ଦୁଇଟି କୋଭିଡ ହସ୍ପିଟାଲ ମଧ୍ୟରୁ ପ୍ରଥମଟି କଟକର ଅଶ୍ୱିନୀ ହସ୍ପିଟାଲ ସହାୟତାରେ ନିର୍ମିତ। ଏହି ହସ୍ପିଟାଲଟି ୧୫୦ ଶଯ୍ୟା ଓ ୨୪ ଆଇସିୟୁ ବିଶିଷ୍ଟ। ଏହି ଅବସରରେ ସେଠାରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏବଂ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ରହ୍ମପୁର ➤ ପୃ-୬

# ଭିଡରୁ ଦୂରେଇ ରୁହନ୍ତୁ : ବିଏମ୍‌ସି କମିଶନର




**ଭୁବନେଶ୍ୱର :** ପନିପରିବା ପାଇଁ ହେଉ କି ଗ୍ରୋସରୀ ସାମଗ୍ରୀ କିଣିବାକୁ ବଜାରକୁ ଯାଉଥିଲେ, ଭିଡରୁ ନିବୃତ୍ତ ରୁହନ୍ତୁ। ମହାମାରୀ କରୋନା ଭାଇରସ ଠାରୁ ବର୍ତ୍ତିବାକୁ ହେଲେ ଭିଡରୁ ଦୂରେଇ ରହିବା ଭଲ ବୋଲି କହିଛନ୍ତି ଭୁବନେଶ୍ୱର ମହାନଗର ନିଗମ କମିଶନର ପ୍ରେମଚନ୍ଦ୍ର ଚୌଧୁରୀ। ସେ କହିଛନ୍ତି, ଘରୁ ବାହାରକୁ ଯିବା ମାତ୍ରେ ମାସ୍କୁ ଅଧିକ ଗୁରୁତ୍ୱ ଦେବା ସହିତ ସାମାଜିକ ଦୂରତା ନିୟମ ପାଳନ କରନ୍ତୁ। ଟଙ୍କା ବଞ୍ଚାଇବା ପାଇଁ ଚାରିଆଡେ ବୁଲି ବୁଲି ଜିନିଷ ପତ୍ର ନ କିଣି ଗୋଟିଏ ସ୍ଥାନରୁ ପରିବା କିଣିଲେ ଭଲ। କାଣ ଶସ୍ତାରେ ଜିନିଷ କିଣିବା ଲାଗି ଟଙ୍କା ବଞ୍ଚାଇବା ଅପେକ୍ଷା ଜୀବନ ଅଧିକ ମୂଲ୍ୟବାନ। ଶ୍ରୀ ଚୌଧୁରୀ କହିଛନ୍ତି ଯେ, ଯି ଗ୍ରାହକମାନେ କଡାକଡି ଭାବେ କୋଭିଡ ଗାଇଡଲାଇନ ପାଳନ କରିବେ ତା'ହେଲେ ଆମେ ସଫଳତାର ସହିତ କରୋନା ମୁକାବିଲା କରିବାରେ ସଫଳ ହେବା। ଦିନକୁ ଯଦି ଆମେ ୩ ରୁ ୪ଦିନ ➤ ପୃ-୬

# ସାବାଡ ହେବେ ଅମାନିଆ

**ଭୁବନେଶ୍ୱର :** ଅନ୍‌ଲକ-୩ରେ ରାତ୍ରିକାଳୀନ କର୍ଫ୍ୟୁ ବଳବତ୍ତର ରହିବ। ହେଲେ ଏଥିରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଏଣିକି ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି ରହିବ। ପୂର୍ବରୁ ସନ୍ଧ୍ୟା ୭ଟାରୁ ସକାଳ ୭ଟା ଯାଏଁ କର୍ଫ୍ୟୁ ବଳବତ୍ତର ଥିଲା। ତେବେ ନୂଆ ଗାଇଡ୍‌ଲାଇନରେ ରାତି ୯ଟାରୁ ନାଇଟ କର୍ଫ୍ୟୁ ଲାଗୁ କରାଯିବାକୁ ନିର୍ଦ୍ଦେଶ ରହିଛି। ➤ ପୃ-୬

### ବକ୍ରବାଣୀ



ନିଶାକୁ ନିଶା କାଟେ ବିଶ୍ୱାସରେ
ପଣ୍ଡା ଧାଇଁଛନ୍ତି ସେଇ ଆଶାରେ
ନିଶାମୁକ୍ତ ହବ ଆମ ରାଇଜ
କହିବାକୁ ଲାଗେ କେଡ଼େ ସହଜ
ଗଞ୍ଜା ଅଫିମକୁ କାଟିବ ମଦ
ମଦ ବିନା ସାରା ଦୁନିଆ ଗଧ
ମଦ ନ ବିକିଲେ ସର୍କାର କାନ୍ଦେ
ମଦ ବିକି କରି ରାଜସ୍ୱ ବାନ୍ଧେ
ମଦ ବିକିବାକୁ ସର୍କାର ବାଇ
ଦୁଆରେ ଦୁଆରେ ଦିଏ ଯୋଗେଇ।

——— ଟୁଟୁ

# ଦେଶରେ ବଢ଼ିଲେ, ରାଜ୍ୟରେ ବଢ଼ିଲେନି ବାଘ

**ଭୁବନେଶ୍ୱର :** ସମଗ୍ର ଦେଶରେ ବାଘ ସଂଖ୍ୟା ବଢୁଛି। ୨୦୧୪ରେ ଦେଶରେ ୨୨୨୬ଟି ବାଘ ରହିଥିବା ବେଳେ ୨୦୧୮ରେ ସଂଖ୍ୟା ୨୯୬୭ଟିରେ ପହଞ୍ଚିଛି। ତେବେ ଓଡ଼ିଶାରେ ବାଘ ସଂଖ୍ୟାର ସ୍ଥିତି ଅପରିବର୍ତ୍ତିତ ରହିଛି। ୨୦୧୪ରେ ରାଜ୍ୟରେ ମୋଟ ବାଘଙ୍କ ସଂଖ୍ୟା ୨୮ ଥିବା ବେଳେ ୨୦୧୮ ମଧ୍ୟ ସେତିକି ବାଘ ଅଛନ୍ତି। ଏହି ୪ ବର୍ଷ ମଧ୍ୟରେ ଗୋଟିଏ ହେଲେ ବାଘ ଅଧିକ ହୋଇନାହିଁ। ରାଜ୍ୟରେ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ ହେଉଛି, ହେଲେ ବାଘ ସଂଖ୍ୟାରେ କୌଣସି ଉନ୍ନତି ପରିଲକ୍ଷିତ ହେଉନାହିଁ। ମଙ୍ଗଳବାର କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବାଘ ଗଣନା ରିପୋର୍ଟରୁ ଏହି ତଥ୍ୟ ପଦାକୁ ଆସିଛି। ଦେଶର ଅନ୍ୟ କେତେକ ରାଜ୍ୟରେ ବାଘଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ଘଟୁଥିଲେ ହେଁ ଓଡ଼ିଶାରେ ମିଶନ କ'ଣ ପାଇଁ ଫେଲ୍ ମାରୁଛି ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡ଼େକରଙ୍କ ତଥ୍ୟ ଅନୁଯାୟୀ ୨୦୧୮ ସୁଦ୍ଧା



ଦେଶରେ ମୋଟ ୨୯୬୭ଟି ବାଘ ରହିଛନ୍ତି। ସେଥିମଧ୍ୟରୁ ମଧ୍ୟପ୍ରଦେଶରେ ସର୍ବାଧିକ ୫୨୬ଟି ବାଘ ଥିବା ବେଳେ କର୍ଣ୍ଣାଟକରେ ୫୨୪ଟି, ମହାରାଷ୍ଟ୍ରରେ ୩୧୨ ଓ ତାମିଲନାଡୁରେ ୨୬୪ଟି ବାଘ ରହିଛନ୍ତି। ତେବେ ତୁଳନାତ୍ମକ ଭାବେ ଯଦି ୨୦୧୪ରେ ଦେଶବ୍ୟାପୀ ଓ ରାଜ୍ୟଓ୍ୱାରୀ ବାଘଙ୍କ ସଂଖ୍ୟା ବିଚାରକୁ ନିଆଯାଏ, ତାହେଲେ ଏଇଠି ହିଁ ସ୍ଥିତିରେ ଗଡ଼ବଡ଼ ଥିବା ସ୍ପଷ୍ଟ ପରିଲକ୍ଷିତ ହେଉଛି। ୨୦୧୪ରେ ମଧ୍ୟପ୍ରଦେଶରେ ୩୦୮ଟି ବାଘ ଥିବା ବେଳେ ୨୦୧୮ରେ ଏହି ସଂଖ୍ୟା ବୃଦ୍ଧି ପାଇ ୫୨୬ରେ ପହଞ୍ଚିଛି। ସେହିପରି ମହାରାଷ୍ଟ୍ରରେ ୨୦୧୪ରେ ୧୯୦ଟି ବାଘ ଥିବା ବେଳେ ୨୦୧୮ରେ ଏହି ସଂଖ୍ୟା ୩୧୨ , କର୍ଣ୍ଣାଟକରେ ବାଘ ସଂଖ୍ୟା ୪୦୬ରୁ ୫୨୪ରେ ପହଞ୍ଚିଛି। ଏପଟେ କେରଳରେ ମଧ୍ୟ ୨୦୧୪ରୁ ୨୦୧୮ ମଧ୍ୟରେ ୫୪ଟି ବାଘ ବଢ଼ି ସଂଖ୍ୟା ୧୯୦ ହୋଇଛି। ମାତ୍ର ଓଡ଼ିଶାରେ ସ୍ଥିତି ଅପରିବର୍ତ୍ତିତ ରହିବାର କାରଣ ନେଇ ଦେଶବ୍ୟାପୀ ପରିବେଶବିତ୍ ମାନେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ୨୦୧୦ରେ ରାଜ୍ୟରେ ୩୨ଟି ବାଘ ଥିବା ବେଳେ ୨୦୧୮ ବେଳକୁ ସଂଖ୍ୟା ୨୮କୁ ଖସି ଆସିବା ପରିବେଶପ୍ରେମୀଙ୍କୁ ବ୍ୟଥିତ କରିଛି। ସୂଚନାଯୋଗ୍ୟ ଯେ ସମଗ୍ର ଦେଶରେ ୫୦ଟି ବ୍ୟାଘ୍ର ଅଭୟାରଣ୍ୟ ଓ ➤ ପୃ-୬

# 'ନୂଆ ଶିକ୍ଷାନୀତି ନିଯୁକ୍ତି ଚାପ ହ୍ରାସ କରିବ'



**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ବିଶ୍ୱର ସବୁଠାରୁ ବଡ ଅନ୍‌ଲାଇନ୍ ହାକାଥନ୍‌ର ଗ୍ରାଣ୍ଡ ଫିନାଲେକୁ ଭିଡିଓ କନଫରେନ୍ସିଂ ଜରିଆରେ ସମ୍ବୋଧିତ କରି କହିଲେ, ବିଶ୍ୱରେ ଦ୍ରୁତଗତିରେ ପରିବର୍ତ୍ତନ ଘଟୁଛି। ଏଥିପାଇଁ ଆମେ ଏହାକୁ ଦୃଷ୍ଟିରେ ରଖି ନୂଆ ଶିକ୍ଷାନୀତିରେ ନିଯୁକ୍ତି ଖୋଜିବା ପରିବର୍ତ୍ତେ ଅଧିକ ସଂଖ୍ୟାରେ ନିଯୁକ୍ତି ସୃଷ୍ଟିକାରୀଙ୍କୁ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ। ପ୍ରଧାନମନ୍ତ୍ରୀ କହିଲେ, ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକର କହୁଥିଲେ ଶିକ୍ଷାବ୍ୟବସ୍ଥା ଏଭଳି ହେବା ଦରକାର ଯେଭଳି ତାହା ସମସ୍ତଙ୍କ ନିକଟରେ ପହଞ୍ଚି ପାରୁଥିବ। ନୂଆ ଶିକ୍ଷାନୀତି ସେହି ଅନୁଯାୟୀ ପ୍ରଣିତ ହୋଇଛି। 'ତରୁଣ ଭାରତ' ମେଧାର ଭଣ୍ଡାର ଏବଂ ଦେଶର ସମସ୍ୟା ନିମନ୍ତେ ନୂତନ ଏବଂ ସର୍ଜନାତ୍ମକ ସମାଧାନରେ ପରିପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି। ଟିକିଏ ମାର୍ଗଦର୍ଶନ ପାଇଲେ ଶିକ୍ଷାର୍ଥୀମାନେ କୋଭିଡ୍-୧୯ ମହାମାରୀ ଓ ନୂତନ ବୈଶ୍ୱିକ ପରିସ୍ଥିତି ମଧ୍ୟରେ ଭାରତକୁ ଧରି ବହୁ ଆଗକୁ ଅଗ୍ରସର ହେବା ସହ ଏହି ସ୍ୱାସ୍ଥ୍ୟ ସଙ୍କଟକୁ ଟାଳିପାରିବେ। ସେ କହିଲେ, କରୋନା ଭାଇରସ୍ ସମୟରେ ହାକାଥନ୍ ପରିଚାଳନା କରିବା ଥିଲା ବିରାଟ ଆହ୍ୱାନ। ଭୀଷଣ ଆହ୍ୱାନ ସତ୍ତ୍ୱେ ହାକାଥନ୍ ଅନୁଷ୍ଠାନ ଦେଖିବା ବିସ୍ମୟ କଥା। ଏଭଳି ପରିସ୍ଥିତିରେ ଏହି କାର୍ଯ୍ୟକ୍ରମ ସମ୍ଭବ କରାଇ ➤ ପୃ-୬




# ବଞ୍ଚିବାର ଏକମାତ୍ର ସାହାରା ଭିକ୍ଷାବୃତ୍ତି

**ଭଦ୍ରକ :** ସରକାର ନିସ୍ୱ ଓ ଅସହାୟ ଲୋକଙ୍କୁ ଥଇଥାନ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିଥିଲେ ମଧ୍ୟ ବହୁ କ୍ଷେତ୍ରରେ ଏଥିରେ ବ୍ୟତିକ୍ରମ ଦେଖାଯାଉଛି । ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲା ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଂଚାୟତ ଅର୍ନ୍ତଗତ ବେଲଗଡ଼ିଆ ଗ୍ରାମର ରବିନ୍ଦ୍ରଙ୍କ ଠାରେ । ତାଙ୍କ ପାଇଁ ଭିକ୍ଷାବୃତ୍ତି ବଂଚିବାର ମୁଖ୍ୟ ଓ ଏକମାତ୍ର ସାହାରା ପାଲଟିଛି । ସରକାରଙ୍କ ସୁବିଧା ସୁଯୋଗରୁ ବଂଚିତ ରବିନ୍ଦ୍ର ଖାଦ୍ୟ ଅନ୍ୱେଷଣରେ ଏ ଗାଁରୁ ସେ ଗାଁ ଘୁରି ବୁଲୁଥିବାର ଦେଖିବାକୁ ମିଳୁଛି । ସୂଚନା ଅନୁଯାୟୀ:ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅର୍ନ୍ତଗତ ବେଲଗଡ଼ିଆ ଗ୍ରାମର ୰ଲକ୍ଷ୍ମୀଧର ପରିଡ଼ାଙ୍କ ପୁଅ ରବିନ୍ଦ୍ର । ଆଗପଛ ହୋଇ ତାଙ୍କ ବାପାମାଆ ଆରପାରିକୁ ଚାଲିଗଲେ । ଏହାପରେ ସେ ବେସାହାରା ହୋଇଯାଇଥିଲେ । ନିଜ ପେଟ ଚାଖଣ୍ଡେ ପୁରାଇବା ପାଇଁ ଦାଦନ ଖଟିବାକୁ ବାଙ୍ଗାଲୋର ପଳାଇଗଲେ । ସେଠାରେ କଠିନ ପରିଶ୍ରମ କରି ନ ପାରି ପୁଣି ଗାଁ କୁ ପଳାଇ ଆସିଲେ




। ଘରେ ପହଞ୍ଚି ପହଞ୍ଚି ତାଙ୍କୁ ଜ୍ୱର ଦୀର୍ଘ ଦିନ ହେବା ପରେ ମେରୁଦଣ୍ଡରେ ଅସହ୍ୟ ଯନ୍ତ୍ରଣା ଅନୁଭବ କଲେ । ସ୍ଥାନୀୟ ମେଡ଼ିକାଲ ରୁ ଔଷଧ ଆଣି ଖାଇବା ପରେ ଯନ୍ତ୍ରଣା ଉପଶମ ହେବା ପରିବର୍ତ୍ତେ କ୍ରମଶଃ ବୃଦ୍ଧି ପାଇଲା । ତାପରେ ହଠାତ ୨ଟି ଗୋଡ଼ ସହ ଶରୀର ର ଅର୍ଦ୍ଧାଧିକ ଅଂଶ ଅଚଳ ହୋଇ ପଡ଼ିଲା । ତାଙ୍କର ନିଜସ୍ୱ ବୋଲି କେହି ନାହିଁ ଓ ଆର୍ଥିକ ସମ୍ବଳ ଆଦୌ ନାହିଁ କହିଲେ ଚଳେ । ଏପରି ଅବସ୍ଥାରେ ଅକର୍ମଣ୍ୟ ହୋଇପଡ଼ିବା ଯୋଗୁଁ ସେ ସମ୍ପୂର୍ଣ୍ଣ ବେସାହାରା ହୋଇଯାଇଥିଲେ । କୌଣସି କିଛି ଚିକିତ୍ସା ହୋଇନପାରି ଭଗବାନଙ୍କୁ ଭରସା କରି ପଡ଼ିରହିଛନ୍ତି । ରହିବା ପାଇଁ ଘରଦ୍ୱାର ମଧ୍ୟନାହିଁ । ଗାଁ ର ଆ,ଟା ପିଣ୍ଡାରେ ରାତ୍ରୀଯାପନ କରିବା ସହିତ ଦୟାକରି ଯିଏ ଯାହା ଦେଲା,ତାକୁ ହିଁ ଖାଇ ସେ ଜୀଇଁଛନ୍ତି । ଚଲାବୁଲା ବି କରିପାରୁ ନାହାଁନ୍ତି । ସମସ୍ତ ସରକାରୀ ସୁବିଧା ପାଇବାରୁ ସେ ବଂଚିତ ହୋଇ ଆସୁଛନ୍ତି । ଗତ କିଛି ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ**
ପାରିବାରିକ ଅଶାନ୍ତି ଦୂର ହେବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ବିବାହ ଆଶାୟୀମାନଙ୍କ ଆଶା ପୂରଣ ହେବାର ସମ୍ଭାବନା ରହିଛି। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ**
ପରିବାରରେ ସାମାନ୍ୟ କଥାକୁ ନେଇ କଳହ ହୋଇପାରେ। ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ବିଦେଶ ଗସ୍ତର ସୁଯୋଗ ମିଳିବ। ବ୍ୟବସାୟୀମାନେ ଲାଭାବନ୍ ହେବେ।

**ମିଥୁନ**
ଭାଗ୍ୟ ଉଜ୍ଜ୍ୱଳ ରହିବ। ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ଜମିଜମା ବିବାଦ ଲାଗି ରହିବ।

**କର୍କଟ**
ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳତା ପାଇବେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତି ବଜାୟ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ।

**ସିଂହ**
ବ୍ୟବସାୟୀମାନେ ଆଶାତୀତ ଲାଭବାନ୍ ହେବେ। ଚାରିଚକିଆ ଯାନ ପ୍ରତି ସତର୍କତା ରହିବେ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନପ୍ରାପ୍ତିର ପ୍ରବଳ ଯୋଗ ରହିଛି।

**କନ୍ୟା**
ବିଦ୍ୟାର୍ଥୀମାନେ ପ୍ରଶଂସିତ ହେବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ କ୍ଷତି ସହିବେ। ପୂଜାପାଠରେ ମନ ଅଧିକ ଲାଗିରହିବ। ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ।

**ତୁଳା**
ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିପାରନ୍ତି। ଧର୍ମାନୁଷ୍ଠାନରେ ମନ ବଳାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ଅଛି। ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ।

**ବିଛା**
ଶାରୀରିକ ପୀଡା ଅନୁଭବ କରିବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। କୋର୍ଟକଚେରୀ ମାମଲାରେ ସମାଧାନ ହେବ। ଆୟର ନୂତନ ରାସ୍ତା ପ୍ରସ୍ତୁତ କରିବେ।

**ଧନୁ**
ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଭ କରିପାରିବେ।

**ମକର**
ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିପାରେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ।

**କୁମ୍ଭ**
ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ବିବାହ ଆଶାୟୀମାନେ ସଫଳତା ପାଇବେ। ଗୃହରେ ଶାନ୍ତି ବଜାୟ ରହିବ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ। ଜମିଜମା ବିବାଦର ସମାଧାନ ହେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ।

**ମୀନ**
ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ଆର୍ଥିକ ଅସବୁଧା ଲାଗି ରହିବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ‘ମରିସସ୍-ଭାରତ ସାଂସ୍କୃତିକ ସମ୍ପର୍କ ନିବିଡ’

**ନୂଆଦିଲ୍ଲୀ :** ମରିସସ୍ ସହ ଭାରତର ସାଂସ୍କୃତିକ ସମ୍ପର୍କ ଅତି ପ୍ରାଚୀନ ଓ ନିବିଡ। ଭାରତ ଏହାର ଅଂଶୀଦାର ରାଷ୍ଟ୍ରଗୁଡିକ ସହ ଅଭିବୃଦ୍ଧି ପଥରେ ଅଗ୍ରସର ହେବାକୁ ଏହାର ନୀତି ପ୍ରଣୟନ କରୁଛି ଏବଂ ଏହି ଅଂଶୀଦାର ରାଷ୍ଟ୍ରଗୁଡିକ ସହ ସମ୍ପର୍କ ରଖିଲା ବେଳେ ଆର୍ଥିକ ଫାଇଦାକୁ ବିଚାରକୁ ନିଏ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ମୋଦୀ ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ ଜଗନ୍ନାଥଙ୍କ ସହ ମିଳିତ ଭାବେ ପୋର୍ଟଲୁଇସ୍‌ରେ ମରିସସ୍ ସୁପ୍ରିମକୋର୍ଟର ନୂଆ ଅଟ୍ଟାଳିକାକୁ ଉଦ୍‌ଘାଟନ କରିବା ଅବସରରେ ଏହା କହିଛନ୍ତି। ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୋଦୀ ମରିସସ୍‌ର ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇ କୋଭିଡ୍-୧୯ ର ମୁକାବିଲାରେ ସେମାନଙ୍କର ଉଦ୍ୟମକୁ ପ୍ରଶଂସା କରିଥିଲେ। ସେ ମରିସସ୍ ସହ ଭାରତର ବନ୍ଧୁତା ବିଷୟ ଉଲ୍ଲେଖ କରି କହିଲେ ଦୁଇ ଦେଶ ମଧ୍ୟରେ ପୁରାତନ ସମୟରୁ ସାଂସ୍କୃତିକ ସମ୍ପର୍କ ରହିଆସିଛି। ଭାରତ ‘ସାଗର ନୀତି’ରେ ବିଶ୍ୱାସ କରେ, ଯାହା ଅନୁସାରେ ସମଗ୍ର ଅଞ୍ଚଳର ବିକାଶ, ଅଭିବୃଦ୍ଧି ଓ ସୁରକ୍ଷାକୁ ନିଶ୍ଚିତ କରାଯାଇପାରିବ। ପ୍ରଧାନମନ୍ତ୍ରୀ ୨୦୧୫ରେ ‘ସାଗର ଭିଜନ୍’ ଆରମ୍ଭ କରିଥିଲେ। ଭାରତର ବିକାଶ ନୀତିରେ ମାନବ ସମାଜକୁ ସର୍ବଦା ଅଗ୍ରାଧିକାର ଦିଆଯାଇ ଆସୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ବିଶ୍ୱର ଅନ୍ୟ ଦେଶଗୁଡିକ ସହ ଭାରତର ସମ୍ପର୍କ କେବେ ବି ଅର୍ଥକୈନ୍ଦ୍ରିକ ହୋଇନାହିଁ। ଏଥିରେ ସର୍ବଦା ପାରସ୍ପରିକ ସ୍ୱାର୍ଥ ଓ ସମୃଦ୍ଧିକୁ ଅଗ୍ରାଧିକାର ଦିଆଯାଇ ଆସୁଛି। ଅନେକ ଦେଶର ବିକାଶରେ ଭାରତର ଭୂମିକା ନେଇ ସେ କହିଛନ୍ତି। ସେଗୁଡିକ ମଧ୍ୟରେ ଆଫଗାନିସ୍ଥାନ ପାର୍ଲାମେଣ୍ଟ ଅଟ୍ଟାଳିକା, ନାଇଜର୍ ମହାତ୍ମା ଗାନ୍ଧୀ ସମ୍ମିଳନୀ କେନ୍ଦ୍ର, ଶ୍ରୀଲଙ୍କାର ୯ଟି ପ୍ରଦେଶରେ



ଆମ୍ବୁଲାନ୍ସ ସେବା ଓ ନେପାଳରେ ଜରୁରୀକାଳୀନ ଡାକ୍ତରୀ ସେବା ଅନ୍ତର୍ଭୁକ୍ତ। ପ୍ରଧାନମନ୍ତ୍ରୀ କହିଛନ୍ତି, ମରିସସ୍ ସହ ଭାରତର ସମ୍ପର୍କ ଆଗାମୀ ଦିନ ଗୁଡିକରେ ଶିଖର ଛୁଇଁବ ବୋଲି ତାଙ୍କ ଦୃଢ ବିଶ୍ୱାସ ରହିଛି। ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ ଜଗନ୍ନାଥ କହିଛନ୍ତି, ଭାରତ’ ମରିସସ୍‌ର ବିକାଶରେ ସର୍ବଦା ଏକ ବନ୍ଧୁ ରାଷ୍ଟ୍ରର ଭୂମିକା ନିର୍ବାହ କରି ଆସୁଛି। ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଆହୁରି ମଜଭୂତ ହୋଇପାରିଛି। ଶ୍ରୀଜଗନ୍ନାଥ ତାଙ୍କ ଦେଶର ବିକାଶ ପ୍ରକଳ୍ପଗୁଡିକରେ ଭାରତ ସହାୟତା କରିଥିବାରୁ ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୋଦୀଙ୍କ ସବ୍‌କା ସାଥ୍, ସବ୍‌କା ବିକାଶ ଓ ସବ୍ କା ବିଶ୍ୱାସ ନୀତିକୁ ସେ ପ୍ରଶଂସା କରିଛନ୍ତି। ଏହି ଅବସରରେ ମରିସସ୍ ନ୍ୟାୟପାଳିକାର ବରିଷ୍ଠ ଅଫିସର ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ମଙ୍ଗଳ ଅଭିମୁଖେ ‘ରୋଭର୍’



**ନ୍ୟୁୟର୍କ :** ଫ୍ଲୋରିଡାର କେନ୍ କାନାଭେରାଲ୍‌ରୁ ମଙ୍ଗଳ ଅଭିମୁଖେ ଯାତ୍ରା କରିଛି ନାସା ପ୍ରସ୍ତୁତ ରୋଭର। ନାସା’ର ଏହି ମିଶନକୁ ମାର୍ସ ୨୦୨୦ ନାମ ଦିଆଯାଇଛି। ଉକ୍ତ ମିଶନରେ ସାମିଲ ରୋଭରଟିର ନାମ ‘ପର୍ସେଭେରାନ୍ସ’ ରଖାଯାଇଛି। ମଙ୍ଗଳରେ ଜୀବସତ୍ତା ସମ୍ପର୍କିତ ତଥ୍ୟ ସଂଗ୍ରହ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ତା’ ସହିତ ମଙ୍ଗଳ ପୃଷ୍ଠରୁ ମାଟି ଓ କ୍ଷୁଦ୍ର ଶିଳାମାନ ସଂଗ୍ରହ କରି ରୋଭରଟି ପୃଥିବୀକୁ ଫେରିବ। ଗୁରୁବାର ସକାଳେ ଫ୍ଲୋରିଡା ଆକାଶ ମେଘାଛନ୍ନ ଥିବାରୁ ନାସା ମହାକାଶବିଜ୍ଞାନୀ ମଣ୍ଡଳୀ ଚିନ୍ତାପ୍ରକଟ କରିଥିଲେ। ପାଣିପାଗର ୮୦ ଭାଗ ଉପଗ୍ରହ ପ୍ରେରଣ ପାଇଁ ଅନୁକୂଳ ଥିବାରୁ ଆମେରିକାର ବାୟୁସେନା ଘାଟି କର୍ତ୍ତୃପକ୍ଷ ରୋଭର ଛାଡ଼ିବାକୁ ଅସୁବିଧା ହେବ ନାହିଁ ବୋଲି ପରାମର୍ଶ ଦେଇଥିଲେ। ଠିକଣା ସମୟରେ ରୋଭରକୁ ଛଡ଼ା ନଗଲେ, ତାହା ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ମଙ୍ଗଳରେ ଅବତରଣ କରିପାରିବନି ବୋଲି ନାସା ଅନୁଭବ କରିଥିଲା। ବିଶେଷ କରି ନାସା ନିର୍ମିତ ରୋବଟ୍‌ର କାର୍ଯ୍ୟଧାରା ଉପରେ ବୈଜ୍ଞାନିକମାନେ ଅଧିକ କୌତୂହଳ ପ୍ରକାଶ କରିଛନ୍ତି। ପୃଥିବୀ ବାହାରେ ଅନ୍ୟ କୌଣସି ଗ୍ରହ ଉପଗ୍ରହ ଅବା ନକ୍ଷତ୍ର ମଣ୍ଡଳରେ ଜୀବସତ୍ତା ଅଛି କି ନା’, ତା’ ଜାଣିବା ପାଇଁ ନାସା ପକ୍ଷରୁ ନିରନ୍ତର ଗବେଷଣା ଜାରି ରହିଛି। ରୋଭରଟି ପ୍ରାୟ ୭ ମାସ ପରେ ୨୦୨୧ ଫେବୃଆରୀ ୧୮ ତାରିଖରେ ମଙ୍ଗଳରେ ଅବତରଣ କରିବ ବୋଲି ନାସା ପକ୍ଷରୁ କୁହାଯାଇଛି। ପ୍ରାୟ ୧୦ ବର୍ଷ କାଳ ଅକ୍ଲାନ୍ତ ପରିଶ୍ରମ କରି ନାସା ପକ୍ଷରୁ ଅତ୍ୟାଧୁନିକ ରୋଭର ନିର୍ମାଣ କରାଯାଇଛି। ଏହି ରୋଭର ନିର୍ମାଣ ପାଇଁ ବହୁ ଘରୋଇ କମ୍ପାନୀ ପୁଞ୍ଜି ଖଟାଇଛନ୍ତି। କୋଭିଡ୍-୧୯ ସଙ୍କଟ କାଳରେ ମଧ୍ୟ ପୂର୍ବ ଘୋଷଣା ଅନୁଯାୟୀ ନାସା ଗବେଷକ ମଣ୍ଡଳୀ ଠିକଣା ସମୟରେ ମଙ୍ଗଳକୁ ରୋଭର ପଠାଇଥିବାରୁ ଆତ୍ମସନ୍ତୋଷ ଲାଭ କରିଛନ୍ତି। ନାସାର ମଙ୍ଗଳ ମିଶନଟି ୬୮୭ ଦିନ ଭିତରେ ସମ୍ପନ୍ନ ହେବ।

## ୧୦ରେ ଶେଷବର୍ଷ ପରୀକ୍ଷା ରଦ୍ଦ ମାମଲାର ଶୁଣାଣି

**ନୂଆଦିଲ୍ଲୀ :** କୋଭିଡ୍-୧୯ ପାଇଁ ଶେଷବର୍ଷ ଶିକ୍ଷାର୍ଥୀଙ୍କ ପରୀକ୍ଷା ସେପ୍ଟେମ୍ବରରେ କରାଯିବା ସମ୍ବନ୍ଧରେ ୟୁଜିସି ଦେଇଥିବା ନିର୍ଦ୍ଦେଶକୁ ରଦ୍ଦ କରିବାକୁ ସୁପ୍ରିମକୋର୍ଟରେ ଦିଆଯାଇଥିବା ପିଟିସନ୍‌ର ଶୁଣାଣି କରିବାକୁ ଶୁକ୍ରବାର ମନା କରିଦେଇଛନ୍ତି ସୁପ୍ରିମକୋର୍ଟ। ମାମଲାର ଶୁଣାଣିକୁ ଅଗଷ୍ଟ ୧୦କୁ ଘୁଞ୍ଚାଇ ଦିଆଯାଇଛି। ୟୁଜିସି ଏ ସମ୍ବନ୍ଧରେ କହିଛି ଯେ, କୌଣସି ଶିକ୍ଷାର୍ଥୀ ଏଭଳି ଧାରଣା ରଖନ୍ତୁ ନାହିଁ କି ପରୀକ୍ଷା ରଦ୍ଦ ପାଇଁ ସୁପ୍ରିମକୋର୍ଟରେ ପିଟିସନ୍ ଦାଖଲ କରାଯାଇଛି ଏବଂ ପରୀକ୍ଷା ବାତିଲ୍ ହେବ। ତେଣୁ ଶିକ୍ଷାର୍ଥୀମାନେ ପଢାପଢି ଜାରି ରଖିବା ଦରକାର। ଶୁକ୍ରବାର ଶୁଣାଣି ସମୟରେ ଆଇନଜୀବୀ ଅଭିଷେକ ମନୁ ସିଂଘଭି କହିଥିଲେ ଯେ ଅନେକ ବିଶ୍ୱବିଦ୍ୟାଳୟରେ ଅନ୍‌ଲାଇନ୍ ପରୀକ୍ଷା ପାଇଁ ଜରୁରୀ ସୁବିଧା ନାହିଁ। ତେବେ ସିଂଘଭିଙ୍କର ଏହି ବୟାନ ଉପରେ କୋର୍ଟ ରାୟ



ଦେଇ କହିଛନ୍ତି ଯେ, ଅଫ୍‌ଲାଇନ୍‌ରେ ମଧ୍ୟ ବିକଳ୍ପ ଭାବେ ପରୀକ୍ଷା କରାଯାଇହେବ। ତେବେ କୋଭିଡ୍-୧୯ ପରିସ୍ଥିତି ଯୋଗୁଁ ଅନେକ ଅଫ୍‌ଲାଇନ୍ ପରୀକ୍ଷା ଦେବାକୁ ଆସିପାରିବେ ନାହିଁ ବୋଲି ସିଂଘଭିଙ୍କ ଯୁକ୍ତିର ଜବାବ ଦେଇ କୋର୍ଟ କହିଥିଲେ ଯେ, ସେଭଳି ପରିସ୍ଥିତିରେ ଶିକ୍ଷାର୍ଥୀମାନେ ପରେ ଆସି ପରୀକ୍ଷା ଦେଇପାରିବେ। ଏଭଳି ଶୁଣାଣି ଶିକ୍ଷାର୍ଥୀଙ୍କୁ ଭ୍ରମିତ କରିପାରେ, ହେଲେ ଏହା ସେମାନଙ୍କ ହିତ ପାଇଁ କାର୍ଯ୍ୟ କରିବ ବୋଲି ସୁପ୍ରିମକୋର୍ଟ ପକ୍ଷରୁ କୁହାଯାଇଛି। ଏହାପୂର୍ବରୁ ଗୁରୁବାର ୟୁଜିସି ପକ୍ଷରୁ ସୁପ୍ରିମକୋର୍ଟ ନିକଟରେ ଜବାବ ଦାଖଲ କରାଯାଇଥିଲା। ଶିକ୍ଷାର୍ଥୀଙ୍କ ଭବିଷ୍ୟତକୁ ନଜରରେ ରଖି ସେପ୍ଟେମ୍ବର ୩୦ ଭିତରେ ପରୀକ୍ଷା କରାଯିବାକୁ ୟୁଜିସି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାଛଡ଼ା ଏଭଳି ହେଲେ ଉଚ୍ଚଶିକ୍ଷା ପାଇଁ ଶିକ୍ଷାର୍ଥୀମାନେ ଅସୁବିଧାରେ ପଡ଼ିବେନି ବୋଲି ୟୁଜିସି ପକ୍ଷରୁ ସୁପ୍ରିମକୋର୍ଟଙ୍କୁ ଜବାବ ଦାଖଲ କରାଯାଇଛି। ଶେଷବର୍ଷ ପରୀକ୍ଷା ବାତିଲ୍ ପାଇଁ ସୁପ୍ରିମକୋର୍ଟରେ ଦିଆଯାଇଥିବା ପିଟିସନ୍‌ରେ ଛାତ୍ରଛାତ୍ରୀମାନେ କୋଭିଡ୍-୧୯ରେ ଶିକ୍ଷାର୍ଥୀଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନଜରରେ ରଖି ପରୀକ୍ଷା ବାତିଲ୍ ପାଇଁ ଆବେଦନ କରିଥିଲେ। ୟୁଜିସିର ନିର୍ଦ୍ଦେଶ ଦ୍ୱାରା ଅନୁଚ୍ଛେଦ-୨୧ ଅନୁଯାୟୀ ବଞ୍ଚିବା ଅଧିକାର ଆଇନ୍‌ର ଖୋଲାଖୋଲି ଉଲ୍ଲଂଘନ ହେଉଛି।

## ‘ଯୁଦ୍ଧର ଗତି ବଦଳାଇବାରେ ରାଫେଲ୍ ମାହିର’

**ନୂଆଦିଲ୍ଲୀ :** ଭାରତୀୟ ବାୟୁସେନାର ରାଫେଲ୍ ନିକଟରେ ଚୀନର ଚେଙ୍ଗଡୁ ଜେ-୨୦ ଲଢୁଆ ଜେଟ୍ ତୁଚ୍ଛ ବୋଲି ଆଲୋଚନା ଚାଲିଥିଲା ବେଳେ ଆନ୍ତର୍ଜାତିକ ସ୍ତରରେ ବିତର୍କର ସୂତ୍ରପାତ ହୋଇଛି। ଫ୍ରାନ୍ସରୁ ୫ଟି ରାଫେଲ୍ ଜେଟ୍ ଆସି ଭାରତରେ ପାଦ ଦେବାମାତ୍ରେ ଚୀନ ଓ ପାକିସ୍ତାନ ପ୍ରମାଦ ଗଣିବା ଆରମ୍ଭ କରିଛନ୍ତି। ଚୀନର ପିପୁଲ୍ସ ଲିବରେସନ୍ ଆର୍ମି (ପିଏଲ୍‌ଏ) ବ୍ୟବହାର କରୁଥିବା ଲଢୁଆ ଜେଟ୍ ଚେଙ୍ଗଡୁ ଜେ- ୨୦ ନିକଟରେ ବିଶ୍ୱର ଅନ୍ୟ କୌଣସି ଲଢୁଆ ଜେଟ୍ ଉଧେଇ ପାରିବନି ବୋଲି ବେଜିଂର ଦାବି ଏବେ ଦବିଯାଇଛି। ଚେଙ୍ଗଡୁ ଜେ-୨୦ ଲଢୁଆ ଫାଇଟର୍‌କୁ ପିଏଲ୍‌ଏର ବାୟୁସେନା ଚତୁର୍ଥ ପୀଢ଼ିର ଅତ୍ୟାଧୁନିକ ଜେଟ୍ ଦାବି କରି ଫ୍ରାନ୍ସର ରାଫେଲ୍ ଜେଟ୍‌କୁ ପଞ୍ଚମ ପିଢ଼ିର କହି ତାସଲ୍ୟ କରିଛି। ପିଏଲ୍‌ଏ କହିଛି ଯେ ସେମାନଙ୍କ ଚେଙ୍ଗଡୁ ଜେ-୨୦ ତୁଳନାରେ ରାଫେଲ୍ ସେତେ ଶକ୍ତିଶାଳୀ ନୁହେଁ। ମାତ୍ର ଏବେ ଗ୍ଲୋବାଲ୍ ଟାଇମ୍ସ ଯାନ୍ତ୍ରିକ ଜ୍ଞାନକୌଶଳ ପ୍ରତି ଦୃଷ୍ଟିପାତ କରି ରାଫେଲ୍ ଲଢୁଆ ଜେଟ୍‌କୁ ଅତୁଳନୀୟ କହିଛି। ଜୁଲାଇ ୨୯ରେ ଭାରତର ଅମ୍ବାଲା ବାୟୁସେନା ଘାଟିରେ ୫ଟି ରାଫେଲ୍ ଅବତରଣ କରିଛି। ଭାରତୀୟ ବାୟୁସେନାର ୧୭ ସ୍କ୍ୱାଡ୍ରନ୍ ଗୋଲ୍‌ଡେନ୍ ଆରୋ ଏବେ ୫ଟି ରାଫେଲ୍‌ର ପରିଚାଳନା ଦାୟିତ୍ୱ ତୁଲାଉଛି। ରାଫେଲ୍ ଓ ଚେଙ୍ଗଡୁ ଜେ-୨୦ର ବୈଷୟିକ ଦିଗଟିକୁ ଭଲଭାବରେ ଅନୁଧ୍ୟାନ କରିବା ପରେ ବେଜିଂର ପ୍ରତିରକ୍ଷା ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ସେମାନଙ୍କ ମତରେ ରାଫେଲ୍ ନିକଟରେ ଯଦି ଜେ-୨୦ ଦୁର୍ବଳ ପଡ଼ିଯିବ, ଏସିଆରେ ବେଜିଂର କାଟ୍‌ତି ରହିବନି। ବେଜିଂର ସାମରିକ ବିଶେଷଜ୍ଞ ଝାଙ୍ଗ୍ ଜୁଇଫେଙ୍ଗଙ୍କ ମତରେ ତୃତୀୟ ପିଢ଼ିର ଜେଟ୍ ସୁ-୩୦ ଏମ୍‌କେଆଇ ତୁଳନାରେ ରାଫେଲ୍ ସେତେ ଶକ୍ତିଶାଳୀ ନୁହେଁ। ତଫାତ୍



କେବଳ ଏତିକି ଯେ ସୁ-୩୦ ତୃତୀୟ ପିଢ଼ିର ଜେଟ୍ ହୋଇଥିଲା ବେଳେ ରାଫେଲ୍ ତା’ଠାରୁ ସାମାନ୍ୟ ଉନ୍ନତମାନର। ପୃଥିବୀର ଅଧିକାଂଶ ଦେଶ ନିକଟରେ ରାଫେଲ୍ ସମକକ୍ଷ ଯୁଦ୍ଧ ବିମାନ ଅଛି। ତେଣୁ ପାକିସ୍ତାନ ଓ ଚୀନ ବେଶୀ ଛାନିଆ ହେବା ଦରକାର ନାହିଁ। ଗ୍ଲୋବାଲ ଟାଇମ୍ସରେ ଜେ- ୨୦କୁ ଚତୁର୍ଥ ପିଢ଼ିର ଜେଟ୍ ଉଲ୍ଲେଖ କରାଯାଇଛି। ରାଫେଲ୍‌କୁ ୪.୫ ପିଢିର ଲଢୁଆ ଜେଟ୍ ଦର୍ଶାଯାଇଛି। ସମ୍ପୃକ୍ତ ସଂସ୍ଥା ମୁତାବକ ରାଫେଲ୍‌ରେ କେବଳ ଗୋଟିଏ ବିଶେଷତ୍ୱ ହେଉଛି, ଉକ୍ତ ବିମାନଟି ଶତ୍ରୁପକ୍ଷର ର୍‌ୟାଡାରରେ ଧରାପଡ଼ିବନି। ସଂକ୍ଷେପରେ କହିଲେ, ଶତ୍ରୁପକ୍ଷର ଦୃଷ୍ଟି ଏଡ଼ାଇ ସହଜରେ ହମ୍‌ଲା କରିବାରେ ରାଫେଲ୍ ଧୁରନ୍ଧର। ୨୦୧୮ ମେ’ରେ ତିବ୍ବତ ଆକାଶରେ ଚୀନ୍‌ର ଜେ-୨୦ ଲଢୁଆ ଜେଟ୍ ପଇଁତରା ମାରୁଥିବା ସମ୍ପର୍କରେ ଭାରତର ଶକ୍ତିଶାଳୀ ର୍‌ୟାଡ଼ାର ଦୃଷ୍ଟିରେ ଧରା ପଡ଼ିଯାଇଥିଲା। ସେହି ସମୟରେ ଭାରତର ଉତ୍ତର-ପୂର୍ବାଞ୍ଚଳରେ ସୁ-୩୦ ଏମ୍‌କେଆଇ ବେଜିଂକୁ ଜଗି ରହିଥିଲା। ଅନ୍ୟପକ୍ଷରେ ବାୟୁସେନାର ପୂର୍ବତନ ଏୟାର୍ ଚିଫ୍ ମାର୍ଶାଲ ବିଏସ୍ ଧନୋଆ ରାଫେଲ୍‌ର ଗୁଣାବଳୀ ଗାଇବାକୁ ଭୁଲିନାହାନ୍ତି। ଭାରତକୁ ରାଫେଲ୍ ଆଣିବାରେ ଧନୋଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତାଙ୍କ ମତରେ ରାଫେଲ ପ୍ରକୃତରେ ଗେମ୍ ଚେଞ୍ଜର। ଯୁଦ୍ଧର ଗତି ବଦଳାଇବାରେ ରାଫେଲ୍ ମାହିର। ଆମେ ତାକୁ ବୁଦ୍ଧିମାନର ସହ ବ୍ୟବହାର କରିପାରିଲେ, ଦୁର୍ଦ୍ଦାନ୍ତ ଶତ୍ରୁକୁ ସହଜରେ ପରାସ୍ତ କରିବା ସମ୍ଭବପର। ରାଫେଲ୍ ନିକଟରେ ଚୀନର ଜେ-୨୦ କିଛି ନୁହେଁ।

## ଆମେରିକାରେ ବ୍ୟାନ୍ ହେବ ଟିକ୍‌ଟକ୍

**ୱାଶିଂଟନ୍ :** ଭାରତ ପରେ ଆମେରିକା ଚୀନ୍ ଆପ୍ ‘ଟିକ୍‌ଟକ୍’ ବ୍ୟାନ କରିବାକୁ ସ୍ଥିର କରିଛି। ଏ ନେଇ ଶନିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସଙ୍କେତ ଦେଇଛନ୍ତି। ଭାରତ ଭଳି ଆମେରିକାରେ ବି ଟିକ୍‌ଟକ୍ ବେଶ ଲୋକପ୍ରିୟ। ତେବେ ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଆମେରିକା ଏହା ଉପରେ ରୋକ ଲଗାଇବାକୁ ଯାଉଛି। ଚୀନ୍‌ର ବାଇଟ୍ ଡ୍ୟାନ୍ସ କମ୍ପାନୀକୁ ପ୍ରଶାସନ ପକ୍ଷରୁ ଟିକ୍‌ଟକ୍ ଆପକୁ ବିକ୍ରି କରିବାକୁ କୁହାଯାଉଥିବା କିଛି ଦିନ ତଳେ ରିପୋର୍ଟ ପ୍ରକାଶ ପାଇଥିଲା। ସେହିଭଳି ମାଇକ୍ରୋସଫ୍ଟ ମଧ୍ୟ ଏହି ଆପକୁ କିଣିବାକୁ ଚାହୁଁଥିବା କୁହାଯାଉଛି। ଏସବୁ ଭିତରେ ଟ୍ରମ୍ପ ଟିକ୍‌ଟକକୁ ନିଜ ଦେଶରେ ବ୍ୟାନ କରିବାକୁ ସଙ୍କେତ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି, ଏହି ଚାଇନିଜ୍ ଆପକୁ ଆମେରିକାରେ ଖୁବ୍‌ଶୀଘ୍ର ବନ୍ଦ କରିବାକୁ ଯାଉଛୁ। ଏହି ଆପ୍ ଦେଶ ପ୍ରତି ବିପଦ ସୃଷ୍ଟି କରୁଥିବା ସୂଚନା ମିଳିଛି। ତେଣୁ ଆମେ ଖୁବ୍‌ଶୀଘ୍ର ଏହାକୁ ବ୍ୟାନ କରିବୁ ବୋଲି ସେ କହିଛନ୍ତି।

# ଜାତୀୟ ଶିକ୍ଷା ନୀତି -୨୦୨୦କୁ କ୍ୟାବିନେଟ୍ ମଞ୍ଜୁରି

**ନୂଆଦିଲ୍ଲୀ :** ଦୀର୍ଘ ୩୪ ବର୍ଷ ପରେ ଦେଶର ଶିକ୍ଷାନୀତିକୁ ସଂଶୋଧନ କରିଛନ୍ତି ମୋଦି ସରକାର। ନୂଆ ଶିକ୍ଷାନୀତିକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। ନୂଆ ଶିକ୍ଷାନୀତିରେ ଅନେକ ପ୍ରକାରର ପରିବର୍ତ୍ତନ କରାଯାଇଛି। କେନ୍ଦ୍ର ଉଚ୍ଚ ଶିକ୍ଷା ସଚିବଙ୍କ ସୂଚନା ଅନୁଯାୟୀ, ୫ମ ଶ୍ରେଣୀ ଯାଏ ସ୍କୁଲ ଗୁଡିକରେ ପିଲାମାନଙ୍କୁ ଅତିକମରେ ଗୋଟିଏ ବିଷୟ ମାତୃଭାଷାରେ ପଢ଼ାଯିବ। ବୋର୍ଡ ପରୀକ୍ଷାର ଗୁରୁତ୍ୱ କମାଇବା ପାଇଁ ଶିକ୍ଷାନୀତିରେ ବ୍ୟବସ୍ଥା କରାଯାଇଛି। ବୋର୍ଡ ପରୀକ୍ଷାକୁ ଦୁଇ ଭାଗରେ ଅର୍ଥାତ ଅବଜେକଟିଭ ଓ ଡେସକ୍ରେଟିଭ ଭାବେ ଆୟୋଜନ କରାଯିବ। ଦରକାର ପଡିଲେ ବର୍ଷକୁ ଦୁଇଥର ପରୀକ୍ଷା କରାଯିବ। ପିଲାଙ୍କ ବୁଦ୍ଧିକୁ ପ୍ରଖର କରିବା ପାଇଁ ସେହି ଢାଞ୍ଚାରେ ବୋର୍ଡ ପରୀକ୍ଷା କରାଯିବ। ପିଲାଙ୍କ ରିପୋର୍ଟ କାର୍ଡର ଢାଞ୍ଚା ବଦଳାଇବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ରିପୋର୍ଟ କାର୍ଡରେ ଶିକ୍ଷାର୍ଥୀମାନେ ନିଜେ, ସହପାଠୀ ଓ ଶିକ୍ଷକ ରିପୋର୍ଟ ଦେବେ। ଏଥିରେ କେବଳ ମାର୍କ ରହିବ ନାହିଁ। ବରଂ ଏଥିରେ ସେମାନଙ୍କ ଦକ୍ଷତା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପଏଣ୍ଟ ରହିବ। ୬ଷ୍ଠ ଶ୍ରେଣୀରୁ ପିଲାମାନଙ୍କୁ କୋଡିଂ ସମ୍ପର୍କରେ ଶିକ୍ଷାଦାନ କରାଯିବ। ଏହାକୁ ୨୧ତମ ଶତାବ୍ଦୀର ଦକ୍ଷତା ବୃଦ୍ଧି ଭାବେ ବିବେଚନା କରାଯିବ। କମନ ଏଣ୍ଟ୍ରାନ୍ସ ଦେଇ ଆଡମିଶନ ପାଇଁ ଅଫର କରିବ ଏନଟିଏ। ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ଶିକ୍ଷା ଅନୁଷ୍ଠାନରେ ନାଁ ଲେଖାଇବା ପାଇଁ କମନ ଏଣ୍ଟ୍ରାନ୍ସର ବ୍ୟବସ୍ଥା କରାଯିବ। ଅଧାରୁ ପାଠ ଓ ସ୍କୁଲ ଛାଡିଥିବା ପିଲାଙ୍କୁ ସ୍କୁଲ ଆଣିବାର ବ୍ୟବସ୍ଥା ମଧ୍ୟ କରାଯିବ। ୫ ବର୍ଷରୁ କମ ବୟସ୍କ ପିଲାଙ୍କ



ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ବାଲବାଟିକା ତିଆରି କରାଯିବ। ପ୍ରଥମ ଶ୍ରେଣୀରେ ନାଁ ଲେଖାଇବା ପୂର୍ବରୁ ଛୋଟ ପିଲାଙ୍କୁ ଏଠାରେ ତାଲିମ ଦିଆଯିବ। ସ୍କୁଲ ପିଲାଙ୍କୁ ସ୍ୱାସ୍ଥ୍ୟ କାର୍ଡ ଦିଆଯିବ ଓ କ୍ରମାଗତ ଭାବେ ସେମାନଙ୍କର ସ୍ୱାସ୍ଥ୍ୟ ଯାଞ୍ଚ କରାଯିବ। ସ୍କୁଲରେ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ମିଳିବ। ସର୍କୁଲମ କଣ୍ଟେଣ୍ଟକୁ ହ୍ରାସ କରିବାର ବ୍ୟବସ୍ଥା ନୂଆ ଶିକ୍ଷାନୀତିରେ ହୋଇଛି। ଆଇଡିଆ, ଆପ୍ଲିକେସ ଓ ପ୍ରୋବଲେମ ସମାଧାନ କରିବା ଭଳି ପାଠ୍ୟକ୍ରମକୁ ବହିରେ ସାମିଲ କରାଯିବ। କଥୋପକଥନ ଆଧାରରେ ଶିକ୍ଷାଦାନ କରିବାକୁ ବ୍ୟବସ୍ଥା ହେବ ବୋଲି ନୂଆ ଶିକ୍ଷାନୀତିରେ କୁହାଯାଇଛି। ସେହିପରି ଏଣିକି ବ୍ୟାଙ୍କ ପାସ୍ ବୁକ୍ ଭଳି ଉଚ୍ଚ ଶିକ୍ଷା ପାଇଁ ବି କ୍ରେଡିଟ୍ ବ୍ୟାଙ୍କ ରହିବ। ଏହାର ଅର୍ଥ ୪ ବର୍ଷର ଡିଗ୍ରୀ କୋର୍ସ ପାଇଁ କୋର୍ସ କ୍ରେଡିଟ ବ୍ୟବସ୍ଥା କରାଯିବ। ପ୍ରଥମ ବର୍ଷରୁ କେହି ପାଠ ଛାଡିଲେ ବି ସେମାନଙ୍କୁ ସାର୍ଟିଫିକେଟ୍ ଯୋଗାଇ ଦିଆଯିବ। ସେହିଭଳି ଅଧାରୁ ଶିକ୍ଷାର୍ଥୀମାନେ ବିରତି ନେଇପାରିବେ। ଏହାପରେ ସେ ପୁଣିଥରେ ପାଠପଢ଼ା ଆରମ୍ଭ କରିପାରିବେ। ଗ୍ରେଡ୍ ଅନୁସାରେ ସୁବିଧା ପାଇପାରିବେ ଉଚ୍ଚଶିକ୍ଷା ଅନୁଷ୍ଠାନ। ସବୁ ଉଚ୍ଚଶିକ୍ଷା ପାଇଁ ଗୋଟିଏ ରେଗୁଲେଟୋରୀ ଅଥରିଟି ରହିବ। ଶିକ୍ଷା କ୍ଷେତ୍ରକୁ ଅଧିକ ବିକଶିତ କରିବାପ ପାଇଁ ଜିଡିପିର ୬% ଶିକ୍ଷା ବ୍ୟବସ୍ଥାରେ ଖର୍ଚ୍ଚ ପାଇଁ ପଲିସିରେ ବ୍ୟବସ୍ଥା କରାଯାଇଛି। ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନ ଗଠନ କରାଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ନୂଆ ଶିକ୍ଷା ନୀତିରେ ପିଲାମାନଙ୍କ ବିଜ୍ଞାନ ଓ ଗଣିତ ଜ୍ଞାନକୁ ବୃଦ୍ଧି ପାଇଁ ପ୍ରାୟାସ କରାଯିବ। କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟରେ ଶିକ୍ଷାର୍ତୀମାନେ ଦ୍ୱାଦଶ ଶ୍ରେଣୀ ଯାଏ ପାଠ ପଢ଼ିବାର ବ୍ୟବସ୍ଥା କରାଯିବ। ଧନ୍ଦାମୂଳକ ଶିକ୍ଷାକୁ ଅଧିକ ଫୋକସ କରାଯିବ। ଏଥିପାଇଁ ସ୍କୁଲରେ ଷଷ୍ଠ ଶ୍ରେଣୀରୁ ଧନ୍ଦାମୂଳକ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହେବ।

### ବିତରଣ କମ୍ପାନୀକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

# ବିଦ୍ୟୁତ୍ ଯୋଗାଣର ମାନ ବୃଦ୍ଧି କର

**ଭୁବନେଶ୍ୱର :** ପରିଚାଳନା ଓ ବ୍ୟବସାୟିକ ସଂସ୍କାର ମାଧ୍ୟମରେ ରାଜ୍ୟର ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ଆତ୍ମନିର୍ଭରଶୀଳ କରିବା ପାଇଁ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଓପିଟିସିଏଲ୍, ଗ୍ରୀଡ୍‌କୋ ଏବଂ ବିତରଣ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟୁତ୍ ବ୍ୟବସ୍ଥାରେ କୋଭିଡ୍‌ର ପ୍ରଭାବ ଏବଂ ବର୍ତ୍ତମାନର ଆବଶ୍ୟକତା ଆଦି ବିଷୟରେ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସୃଷ୍ଟି କରାଯାଇଥିବା ଭିତ୍ତିଭୂମିକୁ ପୂର୍ଣ୍ଣ ଉପଯୋଗ କରି ବିଦ୍ୟୁତ୍ ଯୋଗାଣର ମାନ ବୃଦ୍ଧି କରିବାକୁ ଶ୍ରୀ ତ୍ରିପାଠୀ ଓପିଟିସିଏଲ୍ ଏବଂ ବିତରକ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରାଗଲେ ଶିଳ୍ପାନୁଷ୍ଠାନମାନେ ଗ୍ରୀଡ୍‌କୋରୁ ବିଦ୍ୟୁତ୍ କିଣିବେ। ନିଜସ୍ୱ ପାୱାର ପ୍ଲାଣ୍ଟରେ ବିଦ୍ୟୁତ୍ ଉତ୍ପାଦନ ଅପେକ୍ଷା ଏହା ସେମାନଙ୍କୁ ଅଧିକ ଶସ୍ତା ଓ ସୁବିଧାଜନକ ହେବ। ଗ୍ରୀଡ୍‌କୋ ବିଦ୍ୟୁତ୍ ନେବା ପାଇଁ ରାଜ୍ୟରେ ପ୍ରତିଷ୍ଠା ହେଉଥିବା ଶିଳ୍ପାନୁଷ୍ଠାନମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶିଳ୍ପ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜବିହାରୀ ଧଳ ରାଜ୍ୟରେ ବିଦ୍ୟୁତ୍ ଯୋଗାଣ



ସ୍ଥିତି ବିଷୟରେ ସୂଚନା ଦେଇ କହିଥିଲେ ଯେ, ରାଜ୍ୟରେ ବର୍ତ୍ତମାନ ବିଭିନ୍ନ ସ୍ରୋତରୁ ୭.୧୫ ଜିଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେଉଛି। ସରକାରଙ୍କ ଲଗାତାର ସାହାଯ୍ୟ ଫଳରେ ବିଦ୍ୟୁତ୍ ଭିତ୍ତିଭୂମିରେ ବ୍ୟାପକ ସମ୍ପ୍ରସାରଣ ହୋଇଛି। ରାଜ୍ୟରେ ଗ୍ରୀଡ୍ ଏବଂ ୩୩/୧୧ କେଭି ସବ୍‌ଷ୍ଟେସନ୍ ସଂଖ୍ୟା ଯଥାକ୍ରମେ ୧୫୬ ଏବଂ ୯୧୯କୁ ବୃଦ୍ଧି ପାଇଛି। ଏଚ୍‌ଟି ଲାଇନ୍ ୧.୫୮,୪୪୫ କିମି ଏବଂ ଏଲ୍‌ଟି ଲାଇନ୍ ୧,୮.୦୧୦ କିମିକୁ ସମ୍ପ୍ରସାରଣ କରାଯାଇଛି। ଗ୍ରାହକ ସଂଖ୍ୟା ୮୯ ଲକ୍ଷକୁ ବୃଦ୍ଧି ପାଇଛି। ବର୍ତ୍ତମାନ ଓଡ଼ିଶା ବିଦ୍ୟୁତ୍ ବଳକା ରାଜ୍ୟର ମାନ୍ୟତା ହାସଲ କରିଛି। ବାହାର ରାଜ୍ୟକୁ ବିକ୍ରି କରିବା ପାଇଁ ବାର୍ଷିକ ପ୍ରାୟ ୧୦୦୦ ମେଗାୱାଟ୍ ବଳକା ବିଦ୍ୟୁତ୍ ଓଡ଼ିଶା ପାଖରେ ଅଛି। ସମୀକ୍ଷା ଜଣାପଡ଼ିଲା ଯେ, କୋଭିଡ୍-୧୯ ସଟ୍‌ଡାଉନ୍ ଓ ଲକ୍‌ଡାଉନ୍ ଆଦି ଯୋଗୁ ବିଦ୍ୟୁତ୍ କ୍ଷେତ୍ର କ୍ଷତିଗ୍ରସ୍ତ ହୋଇଛି। ଗତବର୍ଷ ତୁଳନାରେ ଚଳିତବର୍ଷ ମାର୍ଚ୍ଚରୁ ଜୁନ୍ ମାସ ମଧ୍ୟରେ ବିଦ୍ୟୁତ୍ ଚାହିଦା ଓ ବିକ୍ରି ଶତକଡ଼ା ୧୪ ଭାଗ କମିଛି। ସେହିପରି ଶିଳ୍ପାନୁଷ୍ଠାନମାନଙ୍କର ନିଜସ୍ୱ କାପଟିଭ୍ ବିଦ୍ୟୁତ୍ ଉତ୍ପାଦନ ଓ ବ୍ୟବହାର ମଧ୍ୟ ଏପ୍ରିଲ୍ ଓ ମେ' ମାସରେ ଯଥାକ୍ରମେ ଶତକଡ଼ା ୨୫ ଓ ୧୨ ଭାଗ କମିଛି। ଚାହିଦା କମ୍ ଥିବାରୁ ଗ୍ରୀଡ୍‌କୋର ରଜାସ୍ୱ କମିଥିବାବେଳେ ପାୱାର ସଂଗ୍ରହ ବୁଝାମଣା ଅନୁସାରେ ଗ୍ରୀଡ୍‌କୋଙ୍କୁ ନିର୍ଦ୍ଧାରିତ ରାଶି ଶକ୍ତି ଉତ୍ପାଦନକାରୀ ପ୍ଲାଣ୍ଟମାନଙ୍କୁ ଦେବାକୁ ହେଉଛି। ବିଦ୍ୟୁତ୍ ଏକ ଗୁରୁତ୍ୱପୂର୍ଣ୍ଣ ମୌଳିକ ଆବଶ୍ୟକତା ହୋଇଥିବାରୁ ଗ୍ରୀଡ୍‌କୋଙ୍କୁ ଆବଶ୍ୟକୀୟ ଆର୍ଥିକ ଗ୍ୟାରେଣ୍ଟି ଦେବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ବିତରକ କମ୍ପାନୀମାନେ ଚଳିତବର୍ଷ ମଧ୍ୟରେ ନିଜ ନିଜର ବିଲ୍ ବଣ୍ଟନ ଏବଂ ଦେୟ ଆଦାୟର ଶତକଡ଼ା ୯୮ ଭାଗ ହାସଲ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ବିଶେଷତଃ ସାମୁଦାୟିକ ବୈଷୟିକ ଏବଂ ବ୍ୟବସାୟିକ (ଏ.ଟି ଆଣ୍ଡ୍ ସି.) କ୍ଷତି କମାଇବା ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ଗୁରୁତ୍ୱାରୋପ କରିଥିଲେ। ବିଗତ ବର୍ଷମାନଙ୍କ ମଧ୍ୟରେ ଏହି କ୍ଷତି ଶତକଡ଼ା ୫୭ରୁ ୩୦ ଭାଗକୁ କମାଯାଇପାରିଛି। ଶତକଡ଼ା ୧ ଭାଗ ଏ.ଟି ଆଣ୍ଡ୍ ସି. କ୍ଷତି କମିଲେ ୧୩୦ କୋଟି ଟଙ୍କାର ରାଜସ୍ୱ ମିଳିବ। ତେଣୁ ଓପିଟିସିଏଲ୍, ଗ୍ରୀଡ୍‌କୋ ଏବଂ ବିତରକ କମ୍ପାନୀମାନେ ମିଳିତ ଲକ୍ଷ୍ୟଭେଦୀ କାର୍ଯ୍ୟଯୋଜନା ମାଧ୍ୟମରେ ଏହି କ୍ଷତିକୁ ୧୫% ପର୍ଯ୍ୟନ୍ତ କମାଇବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥଲେ। ନୂତନ ବୈଷୟିକ କୌଶଳଗୁଡ଼ିକ ମାଧ୍ୟମରେ ନିଜର ପରିଚାଳନାଗତ ଦକ୍ଷତା ବୃଦ୍ଧି କରିବା ପାଇଁ ମଧ୍ୟ ବିଦ୍ୟୁତ୍ କମ୍ପାନୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ପ୍ରମୁଖ ଶାସନ ସଚିବ ତଥା ଓପିଟିସିଏଲ୍ ଅଧ୍ୟକ୍ଷ ସୌରଭ ଗର୍ଗ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଗ୍ରୀଡ୍‌କୋର ଆର୍ଥିକ ନିର୍ଦ୍ଦେଶକ ଗଗନ ସ୍ୱାଇଁଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଡିଜିପିଙ୍କ କରୋନା ମୁକାବିଲା ସମୀକ୍ଷା



**କଟକ :** ପୋଲିସ ଡିଜିପି ଶ୍ରୀ ଅଭୟ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷୟରେ ପୋଲିସ ପଦାଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ରାଜ୍ୟର ସମସ୍ତ ରେଞ୍ଜ୍ ଆଇଜି, ଡିଆଇଜି, ସମସ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଭୁବନେଶ୍ୱର ଡିସିପି ଓ କଟକ ଡିସିପି ଏବଂ କଟକ ଓ ରାଉରକେଲା ରେଳବାଇ ଆରକ୍ଷୀ ଅଧିକ୍ଷକ ଯୋଗ ଦେଇଥିଲେ। ଜଣେ ପୋଲିସ କର୍ମଚାରୀ ତଥା ଅଧିକାରୀ କରୋନା ପଜିଟିଭ ଚିହ୍ନଟ ପରେ କି କାର୍ଯ୍ୟକ୍ରମ ଗ୍ରହଣ କରାଯିବ, ସାମ୍ପ୍ରତିକ ପରିସ୍ଥିତିରେ ଅଭିଯୁକ୍ତ ଗିରଫ, ରିମାଣ୍ଡ ଓ ହାଜତ ପାଇଁ ଆଚରଣ ବ୍ୟବସ୍ଥା ଆଦି ମୁଖ୍ୟ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ସେହିଭଳି ମହିଳାଙ୍କ କ୍ଷେତ୍ରରେ ଘଟୁଥିବା ଅପରାଧ ପ୍ରସଙ୍ଗ, ନିଶାଦ୍ରବ୍ୟ ଚୋରା ଚାଲାଣ ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ, ଜିଲ୍ଲାଗୁଡ଼ିକ ଦ୍ୱାରା ଜେମ୍ ପଞ୍ଜୀକରଣ (ଗଭର୍ଣ୍ଣମେଣ୍ଟ ଇ-ମାର୍କେଟ) ପ୍ରସଙ୍ଗ, ପୁଲିସ ପଦକ ପାଇଁ ମନୋନୟନ, ପୋଲିସ ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକର ବର୍ତ୍ତମାନ ସ୍ଥିତି, ପୁଲିସ କର୍ମଚାରୀଙ୍କ ପାଇଁ ପୋଲିସ ଦ୍ୱାରା ପରିଚାଳିତ କୋଭିଡ କେୟାର ସେଣ୍ଟର ଓ କୋଭିଡ କେୟାର ହୋମ୍ ଏବଂ କର୍ମଚାରୀଙ୍କ ବ୍ୟକ୍ତିଗତ ଅଭାବ ଅସୁବିଧା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଅତିରିକ୍ତ ଆରକ୍ଷୀ ନିର୍ଦ୍ଦେଶକ (ରେଳବାଇ) ପ୍ରାଣବିନ୍ଦୁ ଆଚାର୍ଯ୍ୟ, ପୁଲିସ କମିଶନର ଡ. ସୁଧାଂଶୁ ଷଡ଼ଙ୍ଗୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ହେଡ୍‌କ୍ୱାର୍ଟର୍ସ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମ୍) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଗୁଇନ୍ଦା) ଆର୍ କେ ଶର୍ମା, ଆଇଜି (ଆଧୁନିକୀକରଣ) ରେଖା ଲୋହାନି, ଆଇଜି (ପ୍ରୋଭିଜନିଂ) ଯତିନ୍ଦ୍ର କୋୟଲ, ଆଇଜି (ପର୍ସୋନେଲ୍ ଓ ଆଇନଶୃଙ୍ଖଳା) ପ୍ରବୀଣ କୁମାର ପ୍ରମୁଖ ଏହି ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ।

# ଏଣିକି ଅନ୍‌ଲାଇନ୍‌ରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର

**ଭୁବନେଶ୍ୱର :** ଏଣିକି ସହଜରେ ମିଳିବ ଫାୟାର ସେଫ୍ଟି ସାର୍ଟିଫିକେଟ୍ ବା ଅଗ୍ନି ନିରାପତ୍ତା ପ୍ରମାଣପତ୍ର। ଅନ୍‌ଲାଇନ୍ ମୋଡ୍‌ରେ ଭିନ୍ନ ଭିନ୍ନ ବିଲ୍ଡିଂ ପାଇଁ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ପ୍ରଦାନ କରାଯିବ। ଏହାସହ ଅଗ୍ନିଶମ ବିଭାଗର ୮ଟି ସେବା ଏଣିକି ଜନସାଧାରଣରେ ଅନ୍‌ଲାଇନ୍ ମାଧ୍ୟମରେ ପାଇପାରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଓଡ଼ିଶା ଅଗ୍ନିଶମ ସେବା ଅନ୍‌ଲାଇନ୍ ପୋର୍ଟାଲ୍‌ର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅଗ୍ନିଶମ ବିଭାଗର ସମସ୍ତ ସେବା ଆସନ୍ତା ଅକ୍ଟୋବର ୨ ତାରିଖ ସୁଦ୍ଧା ଅନ୍‌ଲାଇନ୍‌ରେ ଉପଲବ୍ଧ କରାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ପୋର୍ଟାଲ୍‌ର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଅନ୍‌ଲାଇନ୍‌ରେ ବିଲ୍ଡିଂର ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ପ୍ରଦାନ କରିବା ପାଇଁ ଏହି ପୋର୍ଟାଲ୍‌ର ଶୁଭାରମ୍ଭ କରି ସେ ବହୁତ ଖୁସି। ଏହା ଦକ୍ଷତା ବୃଦ୍ଧି କରିବା ସହ ସ୍ୱଚ୍ଛତାରେ ଉନ୍ନତି ଆଣିବା ଏବଂ ସମୟୋଚିତ ସେବା ପ୍ରଦାନ କରିବାରେ ସହାୟକ ହେବ। ଟେକ୍ନୋଲୋଜି, ଟିମ୍‌ୱାର୍କ, ଟାନ୍ସପରେନ୍ସି ଏବଂ ଟାଇମ୍ ଜରିଆରେ ଶାସନରେ ପରିବର୍ତ୍ତନ ଆଣିବା ହେଉଛି ମୋ ସରକାରର ୫-ଟି କାର୍ଯ୍ୟକ୍ରମର ପ୍ରାଥମିକତା। ଏହି ପୋର୍ଟାଲ୍ ଆରମ୍ଭ ହେବା ଫଳରେ ବିଲ୍ଡିଂ, ମଲ୍ଟିପ୍ଲେକ୍ସ, ଶପିଂ ମଲ୍ ଏବଂ କ୍ଲିନିକାଲ୍ ଏଷ୍ଟାବ୍ଲିଶ୍‌ମେଣ୍ଟଗୁଡ଼ିକର ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ନାଗରିକମାନେ ଅନ୍‌ଲାଇନ୍‌ରେ ପାଇପାରିବେ। ବଳକା ସେବାଗୁଡ଼ିକ ଏହି ପୋର୍ଟାଲ୍ ସହ ସମନ୍ୱିତ କରାଯାଇ ଅକ୍ଟୋବର ୨ ତାରିଖ ପୂର୍ବରୁ ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ କୋଭିଡ୍ ମହାମାରୀ ଭୟ ମଧ୍ୟରେ ବାତ୍ୟା ଅମ୍ଫନ୍ ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ପାଇଁ ପଶ୍ଚିମବଙ୍ଗକୁ ଯାଇଥିବା ଅଗ୍ନିଶମ ସେବା କର୍ମଚାରୀଙ୍କ ପ୍ରଶଂସା କରିଥିଲେ ମୁଖ୍ୟମନ୍ତ୍ରୀ। ସେହିପରି ଗୁରୁତର ପ୍ଲାଜ୍‌ମା ରୋଗୀଙ୍କ ଚିକିତ୍ସା ପାଇଁ ସ୍ୱେଚ୍ଛାକୃତ ଭାବେ ପ୍ଲାଜ୍‌ମା ଦାନ କରି ଏହି କର୍ମଚାରୀମାନେ ମାନବିକତାର ପରିଚୟ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅଗ୍ନିଶମ ସେବା କର୍ମଚାରୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଆପଣମାନେ କେବଳ ସରକାରୀ କର୍ମଚାରୀ ନୁହନ୍ତି, ଆପଣ ଆମ ଦେଶ ତଥା ଜାତି ପାଇଁ ପରିବର୍ତ୍ତନର ସଚ୍ଚା ଏଜେଣ୍ଟ୍ ବୋଲି ପ୍ରମାଣିତ କରିଛନ୍ତି'। ଏହି ପରିପ୍ରେକ୍ଷୀରେ ଜନସେବାକୁ ଦୃଷ୍ଟିରେ ରଖି ଓଡ଼ିଶା ଅଗ୍ନିଶମ ସେବା ନୂଆ ଜ୍ଞାନକୌଶଳ ଆପଣାଇବା ଜାରି ରଖିବା ସହିତ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ବିରାଟ ପରିବର୍ତ୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ସେହିପରି ଅଗ୍ନିଶମ ସେବା ବିଭାଗ ବିପର୍ଯ୍ୟୟ ମୁକାବିଲାରେ ପ୍ରଶଂସନୀୟ ସେବା ପ୍ରଦାନ କରିଛି ବୋଲି ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର କହିଥିଲେ।

### କୋଭିଡ-୧୯ ସମ୍ପର୍କିତ ପିଆଇବି ୱେବିନାର

# କରୋନାକୁ ପ୍ରତିହତ କରିବା ପାଇଁ ସତର୍କତା ଓ ସଚେତନତା ଉପରେ ବିଶେଷଜ୍ଞଙ୍କ ଗୁରୁତ୍ୱ

**ଭୁବନେଶ୍ୱର,(ପିଆଇବି) :** କରୋନା ପାଇଁ ଅଧିକ ଆତଙ୍କିତ ନ ହୋଇ ସାମାଜିକ ଦୂରତା ରକ୍ଷା, ମାସ୍କ ପରିଧାନ ଓ ବାରମ୍ବାର ହାତ ଧୋଇବା ଭଳି ପ୍ରତିଷେଧକ ଅନୁସରଣ କରିବା ସହ ଭୂତାଣୁ ସମ୍ପର୍କରେ ଜନସଚେତନତା ହିଁ ସମାଜକୁ ସୁସ୍ଥ ରଖିବ ବୋଲି ବିଶେଷଜ୍ଞମାନେ କହିଛନ୍ତି । ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ଆଜି ଅନୁଷ୍ଠିତ ୱେବିନାରରେ ଯୋଗଦେଇ ବିଶେଷଜ୍ଞମାନେ ଏହି ମତ ବ୍ୟକ୍ତ କରିଛନ୍ତି । ଏଥିରେ ଅଂଶଗ୍ରହଣ କରି ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ କୁଳପତି ତଥା ଏମ୍ସ, ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ଅଶୋକ କୁମାର ମହାପାତ୍ର କହିଲେ ଯେ, ମୌଳିକତଃ କୋଭିଡ-୧୯ ଏକ ଶ୍ୱାସକ୍ରିୟା ସଂକ୍ରମଣ ଜନିତ ରୋଗ ହେଲେ ମଧ୍ୟ ରୋଗର ସଂକ୍ରମଣ ବ୍ୟାପକତା ନେଇ ଗବେଷଣା ଦ୍ୱାରା ନୂତନ ତଥ୍ୟମାନ ଆସୁଛି । ଏହା ବାୟୁ ବାହିତ ବୋଲି ତଥ୍ୟ ଆସିବା ପରେ ସାମାଜିକ ଦୂରତ୍ୱ ଓ ମହତ୍ୱ ଅଧିକ ବୃଦ୍ଧି ପାଇଛି । ତେବେ ଶତକଡା ୮୦ ଭାଗ ରୋଗୀ ସାମାନ୍ୟ ଲକ୍ଷଣଯୁକ୍ତ ବା ଲକ୍ଷଣ ବିହୀନ ଥିବାରୁ ଭୟର କୌଣସି କାରଣ ନାହିଁ ।




ଅଧିକ ଲକ୍ଷଣଯୁକ୍ତ ଓ ଜଟିଳ ଅବସ୍ଥାରେ ଥିବା ରୋଗୀଙ୍କ ନିମନ୍ତେ ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଦେଶୀୟ ଚିକିତ୍ସାରେ ବ୍ୟବହୃତ ସାମଗ୍ରୀ ପ୍ରୟୋଗ କଲେ ମଧ୍ୟ ଏହାକୁ ଚିକିତ୍ସାର ଔଷଧ ଭାବେ ବିବେଚନା କରାଯିବା ଅନୁଚିତ । କୋଭିଡ ଭ୍ୟାକସିନ କେବେ ଆସିବ ତାହା ନିର୍ଦ୍ଦିଷ୍ଟ ଭାବେ କହିହେବ ନାହିଁ । ସେପର୍ଯ୍ୟନ୍ତ ସତର୍କତା ଓ ସଚେତନତା ହିଁ ଏହାର ନିର୍ଦ୍ଦିଷ୍ଟ ଉତର ବୋଲି ସେ କହିଛନ୍ତି । ଏଥିରେ ଅଂଶଗ୍ରହଣ କରି ଭୁବନେଶ୍ୱରସ୍ଥିତ ଆଂଚଳିକ ଭେଷଜ ଗବେଷଣା ପରିଷଦ (ଆଇସିଏମଆର - ଆରଏମଆରସି) ନିର୍ଦ୍ଦେଶିକ ଡ. ସଂଘମିତ୍ରା ପତି କହିଥିଲେ ଯେ, କୋଭିଡ-୧୯ ନେଇ କୌଣସି ଅଜଥା ଭୟର ବାତାବରଣ ସୃଷ୍ଟି ହେବା ଅନୁଚିତ । ପରୀକ୍ଷା, ଚିହ୍ନଟ ଓ ଚିକିତ୍ସା ଏହି ତିନୋଟି ପଦ୍ଧତି ଅନୁସରଣ କରି ସଂକ୍ରମଣ ଦୂର କରିବା ନେଇ ପ୍ରୟାସ ଜାରି ରହିଛି । ଓଡିଶାରେ କୋଭିଡ ମାମଲା ବୃଦ୍ଧି ପାଇବା ସହ ପରୀକ୍ଷା ଓ ଚିହ୍ନଟ ପ୍ରକ୍ରିୟାକୁ ମଧ୍ୟ ତ୍ୱରାନ୍ୱିତ କରାଯାଉଛି । ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମା ଚିକିତ୍ସାଳୟରେ ପରୀକ୍ଷା ସୁବିଧା ରହିଛି । ପରୀକ୍ଷା ଭିତିଭୂମିରେ ଦ୍ରୁତ ପ୍ରଗତି ଘଟୁଥିବା ଯୋଗୁଁ ଭବିଷ୍ୟତରେ ଅଧିକରୁ ଅଧିକ ପରୀକ୍ଷା ମଧ୍ୟ କରାଯାଇ ପାରିବ । ଜନସାଧାରଣ ସେ ଦୃଷ୍ଟିରୁ ଅଜଥା ଆତଙ୍କିତ ନ ହେବା ପାଇଁ ସେ ପରାମର୍ଶ ଦେଇଛନ୍ତି । ପିଆଇବି ମହାନିର୍ଦ୍ଦେଶକ ଶ୍ରୀ ଶୈଳେଶ କୁମାର ମାଲବ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ୱେବିନାରରେ ଆଂଚଳିକ କ୍ଷେତ୍ର ପ୍ରଚାର ବ୍ୟୁରୋର ନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ବ୍ୟାପକ ଜନସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ବଳଭଦ୍ର ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପତ୍ର ସୂଚନା କାର୍ଯ୍ୟାଳୟର ଗଣ ଯୋଗାଯୋଗ ଅଧିକାରୀ ଡ. ପ୍ରଦୀପ କୁମାର ଚୌଧୁରୀ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସହାୟକ ଅଧିକାରୀ ଶ୍ରୀ ସ୍ୱାଧିନ ଶକ୍ତି ପ୍ରସାଦ ବୈଷୟିକ ସହଯୋଗ କରିଥିଲେ ।

# 'ଲୋକଙ୍କ ଜୀବନ ରକ୍ଷା ପାଇଁ ଅର୍ଥର ଅଭାବ ରହିବନାହିଁ'

**ଭୁବନେଶ୍ୱର :** ଲୋକଙ୍କ ଜୀବନ ରକ୍ଷା ହେଉଛି ଆମର ପ୍ରାଥମିକତା। ତେଣୁ ଲୋକଙ୍କ ଜୀବନ ରକ୍ଷାରେ ସମ୍ବଳ କେବେ ବି ବାଧକ ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୃଢ଼ତାର ସହ ଘୋଷଣା କରିଛନ୍ତି। କୋଭିଡ-୧୯ ସମ୍ପର୍କରେ ବିଧାୟକମାନଙ୍କ ଏକ ସଚେତନତା କର୍ମଶାଳାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଲେ ଯେ, ଏହି ମହାମାରୀ ବିରୁଦ୍ଧରେ ଲଢ଼େଇରେ ସମ୍ବଳର କେବେ ବି ଅଭାବ ରହିବ ନାହିଁ। କୋଭିଡ୍ ଯୋଦ୍ଧା ମାନଙ୍କର ନିଷ୍ଠା ଓ ତ୍ୟାଗର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ କୋଭିଡ ଯୋଦ୍ଧା ଭାବରେ କାମ କରୁଥିବା ଓଡ଼ିଆ ଭାଇଭଉଣୀମାନେ ଦରମା ପାଇଁ ନୁହେଁ, ଏହି ଲଢ଼େଇକୁ ଏକ ମିଶନ ଭାବରେ ଗ୍ରହଣ କରି ଲୋକଙ୍କ ଜୀବନ ରକ୍ଷା ପାଇଁ ଦିନରାତି ସେବା ଯୋଗାଇ ଚାଲିଛନ୍ତି। ସେମାନଙ୍କ ତ୍ୟାଗ ଓ ନିଷ୍ଠା ସାରା ଓଡ଼ିଶା ପାଇଁ ପ୍ରେରଣା। ସେମାନଙ୍କ ଭିତରେ, ସେମାନଙ୍କ ତ୍ୟାଗରେ ଜଣେ ଜଣେ ଗୋପବନ୍ଧୁ ଦାସ, ମଧୁବାବୁ, ମା ରମାଦେବୀ ଓ ପାର୍ବତି ଗିରି ଭଳି ମହାନ୍ ଦେଶସେବକ ରହିଛନ୍ତି। ସେହି ଯୋଦ୍ଧା ମାନଙ୍କ ତ୍ୟାଗକୁ ଓଡ଼ିଆ ଜାତି ସବୁଦିନ ପାଇଁ ମନେ ରଖିବ ଏବଂ ଏହା ଭବିଷ୍ୟତ ପୀଢ଼ିକୁ ପ୍ରେରଣା ଦେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କୋଭିଡ ଯୋଦ୍ଧା ମାନଙ୍କୁ ଉତ୍ସାହିତ କରିବା ପାଇଁ ସେ ସେମାନଙ୍କ ସହିତ ବ୍ୟକ୍ତିଗତ ଭାବରେ କଥା ହେଉଛନ୍ତି। ଏହି କଷ୍ଟସାଧ୍ୟ ଲଢ଼େଇରେ ସେମାନଙ୍କ ମନୋବଳକୁ ଉଚ୍ଚ ରଖିବା ପାଇଁ ସେମାନଙ୍କ ତ୍ୟାଗକୁ ଆମେ ସମସ୍ତେ ସମ୍ମାନ ଜଣାଇବା ସହିତ ପୁରା ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କୁ ନିବେଦନ କରିଥିଲେ। ଓଡ଼ିଶା ଆଜି ଏହି ଆହ୍ୱାନକୁ ଦୃଢ଼ତାର ସହ ମୁକାବିଲା କରୁଛି। ଏହି ଲଢ଼େଇରେ ସାମିଲ ହୋଇ ଆଗ ଧାଡିରେ ରହି ଅଦୃଶ୍ୟ ଶତ୍ରୁ ବିରୁଦ୍ଧରେ ଯୁଦ୍ଧ ଜାରି ରଖିଥିବା କୋଭିଡ ଯୋଦ୍ଧା ମାନଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଗଭୀର କୃତଜ୍ଞତା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେମାନଙ୍କ କଠିନ ପରିଶ୍ରମ, ତ୍ୟାଗ ଯୋଗୁ ଆଜି ଆମ ରାଜ୍ୟର ୧୮ ହଜାର ଲୋକ କୋଭିଡରୁ ଆରୋଗ୍ୟ ଲାଭ କରିଛନ୍ତି। ଅନ୍ୟ ରାଜ୍ୟ ମାନଙ୍କ ତୁଳନାରେ ଆମେ ଅଧିକ ଲୋକଙ୍କ ଜୀବନ ରକ୍ଷା କରିପାରିଛୁ। ଏକ ଅନିଶ୍ଚିତ ପରିବେଶ ଭିତରେ ନିରନ୍ତର ଭାବରେ କାମ କରିବା ସହଜ କଥା ନୁହେଁ। କିନ୍ତୁ ନିଜ ସଂକ୍ରମିତ ହେବା ସତ୍ତ୍ୱେ ନିଜ ପରିବାର ଲୋକମାନେ ସଂକ୍ରମିତ ହେବା ସତ୍ତ୍ୱେ ଏବଂ ଅନେକ କ୍ଷେତ୍ରରେ ନିଜେ ମୃତ୍ୟୁବରଣ କରୁଥିଲେ ମଧ୍ୟ, ଆମର କୋଭିଡ ଯୋଦ୍ଧାମାନେ ଯେଭଳି ବୀରତ୍ୱର ସହ ଗତ ୧୫୦ଦିନ ହେଲାକାମ କରିଚାଲିଛନ୍ତି, ତାର ପଟାନ୍ତର ନାହିଁ। ଗତ ମାର୍ଚ୍ଚ ୧୩ ତାରିଖରେ ରାଜ୍ୟ ବିଧାନସଭାରେ ତାଙ୍କ ସମ୍ବୋଧନ ବିଷୟରେ ସ୍ମରଣ କରାଇ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ପୃଥିବୀର ଇତିହାସରେ




ବହୁତ କମ୍ ସମୟ ମାନବଜାତି ତା କଳ୍ପନା ବାହାରେ ଏଭଳି ଏକ ଆହ୍ୱାନର ସମ୍ମୁଖୀନ ହେଇଛି। ପ୍ରାୟ ଗତ ୫ମାସ ହେଲା ସାରା ବିଶ୍ୱର ବିଭିନ୍ନ ଦେଶକୁ ଏହି ମହାମାରୀ ପ୍ରଭାବିତ କରିଛି। ଏପରିକି ଯେଉଁ ଦେଶମାନେ ମହାମାରୀରୁ ମୁକ୍ତ ହୋଇସାରିଥିଲେ, ସେମାନେ ମଧ୍ୟ ପୁଣିଥରେ ତା କବଳକୁ ଆସିଯାଇଛନ୍ତି। ଭାରତର ପ୍ରତ୍ୟେକ ରାଜ୍ୟ ଏହାଦ୍ୱାରା କ୍ଷତିଗ୍ରସ୍ତ ହୋଇଛନ୍ତି ଏବଂ ପ୍ରତି ଦୁଇ ଦିନରେ ଏକ ଲକ୍ଷ ନୂଆ ସଂକ୍ରମିତ ସୃଷ୍ଟି ହେଉଛନ୍ତି। ଭାରତ ଆଜି ବିଶ୍ୱର ତୃତୀୟ ସ୍ଥାନରେ ଅଛି। ଓଡ଼ିଶାରେ କୋଭିଡ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯାତ୍ରାରୁ ସଙ୍ଗରୋଧ, ପରୀକ୍ଷା, ଟ୍ରେସିଂ, ଚିକତ୍ସା, ଖାଦ୍ୟ, ରହଣୀ ସବୁକିଛି ଏଠାରେ କୋଭିଡ ରୋଗୀଙ୍କୁ ମାଗଣାରେ ଯୋଗାଇ ଦିଆଯାଉଛି। ଯେତେବେଳେ ଅନ୍ୟ ରାଜ୍ୟର ଡାକ୍ତରଖାନାରେ ଗୁଡିକ ଚିକିତ୍ସା ପାଇଁ ଲକ୍ଷ ଲକ୍ଷ ଟଙ୍କା ଦାବି କରୁଛନ୍ତି, ଓଡ଼ିଶା ସରକାର ସବୁକିଛି ମାଗଣାରେ ଯୋଗାଉଛନ୍ତି। ସାରା ବିଶ୍ୱରେ ଯେକୌଣସି ଅଞ୍ଚଳରେ କୋଭିଡ ରୋଗ ପାଇଁ ଶ୍ରେଷ୍ଠ ଚିକିତ୍ସା ମିଳୁଛି, ତାକୁ ଆମେ ଓଡ଼ିଶାରେ କାର୍ଯ୍ରକାରୀ କରୁଛୁ ଏବଂ କେହି ଲୋକ ଯେପରି ଏହି ସୁବିଧାରୁ ବଞ୍ଚିତ ନ ହେବେ, ସେଥିପାଇଁ ମାଗଣାରେ ଯୋଗାଇ ଦେଉଛୁ। ଏହି ଅବସରରେ ପ୍ଲାଜମା ଚିକିତ୍ସା ପଦ୍ଧତିର ଉତ୍ସାହଜନକ ସଫଳତା ଏବଂ କୋଭିଡ ଟୀକା ସମ୍ପର୍କରେ ସେରମ ଇନ୍‌ଷ୍ଟିଚ୍ୟୁଟ୍ ସିଇଓଙ୍କ ସହ ତାଙ୍କ ଆଲୋନା ବିଷୟରେ ମୁଖ୍ୟମନ୍ତ୍ରୀ ଅବତାରଣା କରିଥିଲେ। ମହାମାରୀର କୁପ୍ରଭାବ ସମ୍ପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଏହି ମହାମାରୀ ଦ୍ୱାରା ପୃଥିବୀର ପ୍ରତ୍ୟେକ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ସ୍ଥାନୀୟ, ଜାତୀୟ ଏବଂ ବିଶ୍ୱସ୍ତରୀରେ ଅର୍ଥନୀତିକୁ ଏହା ବିପୁଳ ଭାବରେ କ୍ଷତିଗ୍ରସ୍ତ କରିଛି। ଆମ ରାଜ୍ୟ ଓଡ଼ିଶା ବିଭିନ୍ନ ଜୀବିକା କାର୍ଯ୍ୟକ୍ରମ ତଥା ଶିଳ୍ପ ପାଇଁ କିଛି ନୂଆ ଉଦ୍ୟମ ଜରିଆରେ ଅର୍ଥନୀତିକୁ ଚଳଚଞ୍ଚଳ କରିବା ପାଇଁ ଉଦ୍ୟମ କରିଛି। ଏହା ଫଳପ୍ରଦ ହେବା ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଅତୀତରେ ଓଡ଼ିଶା ଅନେକ ବିପର୍ଯ୍ୟୟର ମୁକାବିଲା କରିଛି। ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବା ଏବଂ ପୁଣିଥରେ ଦୃଢ଼ ଭାବରେ ପୂର୍ବ ସ୍ଥିତିକୁ ଫେରି ଆସିବାର ଶକ୍ତି ପ୍ରତିଟି ଓଡ଼ିଆଙ୍କ ରକ୍ତରେ ରହିଛି। ମହାମାରୀ ଚାଲିଯିବା ପରେ ଓଡ଼ିଶା ଅଧିକ ଦୃଢ଼ ଓ ସମୃଦ୍ଧ ଭାବରେ ତାର ସ୍ଥିତି ଜାହିର କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଆଶାପୋଷଣ କରିଥିଲେ। ଏହି ଅବସରରେ ବିଧାନସଭାର ବିଧାୟକମାନେ ବ୍ୟକ୍ତିଗତ ଭାବେ ନିଜ ଯତ୍ନ ନେବା ସହିତ ସେମାନଙ୍କ ଅଞ୍ଚଳରେ ଏହି ପରିସ୍ଥିତିରେ ପ୍ରେରଣାଦାୟୀ ନେତୃତ୍ୱ ହେବା ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ରାଜ୍ୟର ସାଢ଼େ ଚାରିକୋଟି ଓଡ଼ିଆ ଭାଇଭଉଣୀଙ୍କୁ କୋଭିଡ ନିର୍ଦ୍ଦେଶାବଳୀକୁ ଅନୁପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ। ସେ କହିଥିଲେ ଯେ, ପ୍ରାକୃତିକ ବିପର୍ଯ୍ୟୟ ହେଉ ବା ମହାମାରୀ ପ୍ରତ୍ୟେକଟି ମଣିଷର ଜୀବନ ରକ୍ଷା କରିବା ତାଙ୍କର ପ୍ରାଥମିକ ଦାୟିତ୍ୱ। ସରକାର କୋଭିଡ ନିୟମାବଳୀକୁ କାର୍ଯ୍ୟକାରୀ କରିବା ପାଇଁ ସବୁ ଘରେ ବା ସବୁ ରାସ୍ତାରେ ରହିବା ସମ୍ଭବ ନୁହେଁ। ସମସ୍ତେ ଏକାଠି ହୋଇ ଏହି ମହାମାରୀ ବିରୁଦ୍ଧରେ ଲଢ଼େଇ କରିବା ପ୍ରତ୍ୟେକଙ୍କର ବ୍ୟକ୍ତିଗତ ଦାୟିତ୍ୱ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଧାୟକଙ୍କୁ ସମ୍ବୋଧନ କରି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ମାର୍ଚ୍ଚ ୧୩ ରୁ କୋଭିଡ ରୋଗ ସମ୍ପର୍କରେ ପ୍ରଥମେ ବିଧାନସଭାରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। କୋଭିଡ ସମ୍ପର୍କରେ ସରକାରଙ୍କ ନିର୍ଦ୍ଦେଶାବଳିର କଡାକଡି ଅନୁପାନଳ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କୋଭିଡ ନିୟନ୍ତ୍ରଣ ପାଇଁ ସମସ୍ତେ ମିଳିମିଶି କାମ କରିବା ଉପରେ ଗୁରୁତ୍ୱ ଦେଇଥିଲେ। କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର କୋଭିଡ ସ୍ଥିତିର ଅନୁଧ୍ୟାନ ପାଇଁ ଏକ ଗୃହ କମିଟି ଗଠନ ଲାଗି ସରକାରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ରାଜ୍ୟରେ କରୋନା ପରିଚାଳନା ସମ୍ପର୍କରେ ଏକ ଉପସ୍ଥାପନା ରଖିଥିଲେ। ଅର୍ଥନୀତିର ପୁନରୁଦ୍ଧାର ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିଧାୟକମାନଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରିମଣ୍ଡଳର ସଦସ୍ୟ, ବିଧାୟକ ବୃନ୍ଦ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୩ - ୦୯ ଅଗଷ୍ଟ, ୨୦୨୦

# ସମୟ ସହ ଆଗକୁ ଯିବାକୁ ହେବ



ସମ୍ପାଦକୀୟ
ତାରକ ମହାନ୍ତି

ପ୍ରକୃତି ବିରୋଧରେ ଯିବା ଓ ବିକାଶ ନାଁରେ ବିନାଶର ପନ୍ଥା ଆପଣେଇଲେ ଏଥିପାଇଁ ମଣିଷକୁ ବହୁମୂଲ୍ୟ ଦେବାକୁ ପଡିବ। ଫଳସ୍ୱରୂପ ଜଳବାୟୁର ପରିବର୍ତ୍ତନ ଯୋଗୁ ବିଭିନ୍ନ ନୂଆ ନୂଆ ସମସ୍ୟା ସହ ମୁକାବିଲା କରି ସ୍ଥିର କରିବାକୁ ହେବ ଯେ, ଯେଉଁ ବୃକ୍ଷଲତା, ନଦନଦୀ ଓ ପଶୁପକ୍ଷୀଙ୍କ ଲାଗି ଆମ୍ଭେମାନେ ଏଯାବତ ଜୀବନ ଧାରଣ କରିଚାଲିଛେ ସେମାନଙ୍କ ବିପକ୍ଷରେ ଯିବା ନିଶ୍ଚିତ ବିପଜ୍ଜନକ। ପ୍ରତି କ୍ଷେତ୍ରରେ ପ୍ରକୃତି ପାଇଁ ମାନବ ସଭ୍ୟତା ତିଷ୍ଠି ରହିଛି। ତେଣୁ ପରିବର୍ତ୍ତିତ ଜୀବନଶୈଳୀରେ ଏଭଳି କିଛି କରିବା ଅନୁଚିତ ଯଦ୍ୱାରା ଭବିଷ୍ୟତରେ ଏହା ପାଇଁ ବହୁମୂଲ୍ୟ ଦେବାକୁ ପଡିପାରେ। ସୁସ୍ଥ ସମାଜ ପାଇଁ ସୁସ୍ଥ ମଣିଷଙ୍କ ଆବଶ୍ୟକତା ରହିଛି। ମାତ୍ର ସମ୍ପ୍ରତି ଦେଖାଯାଉଛି କି ପ୍ରଗତି ନାଁରେ ମଣିଷ ଅବିଚାରିତ ଭାବେ ପ୍ରକୃତି ଉପରେ ଦାଉ ସାଧି ଯେଉଁ କାର୍ଯ୍ୟ ଗୁଡିକ କରୁଛି ତାହା ଭୟଙ୍କର ପରିସ୍ଥିତି ସୃଷ୍ଟି କରିଚାଲିଛି। ନାନାଦି ନୂତନ ବ୍ୟାଧି ମଣିଷ ଜୀବନକୁ ମୃତ୍ୟୁ ଆଡ଼କୁ ଟାଣିନେଉଛି। ତେଣୁ ସୁସ୍ଥ ନିରୋଗ ଜୀବନ ଧାରଣ ପାଇଁ ଯେଉଁ କର୍ମର ଆବଶ୍ୟକତା ରହିଛି ତାହା ପୂରଣ କରିବା ଦିଗରେ ବ୍ରତୀ ହେବାକୁ ପଡିବ। ଏହା ନିଃସନ୍ଦେହ ଯେ, କଲା କର୍ମର ଫଳ ଆମକୁ ହିଁ ଭୋଗିବାକୁ ପଡିବ। ଜୀବନଚର୍ଯ୍ୟାର ମୂଳ ମନ୍ତ୍ର ହେଉଛି ଶୃଙ୍ଖଳା ଓ ସରଳ ଜୀବନଯାପନ। ଅହଂକାର କିମ୍ବା ବିଳାସମୟ ଜୀବନ ମଣିଷର ଆଧାର ନୁହେଁ। ଯେତେଦିନ ପର୍ଯ୍ୟନ୍ତ ଏହି କଥାଟିକୁ ଆମେ ଅନୁସରଣ ନ କରିଛେ ବା ପ୍ରକୃତିର ନିୟମ ପାଳନ ନକରିଛେ ସେତେଦିନ ପର୍ଯ୍ୟନ୍ତ ଏଭଳି ବହୁବିଧ ସମସ୍ୟା ଆମ ଚାରିପାଖରେ ଘେରି ରହିବ। ପରିବର୍ତ୍ତିତ କାଳ ଖଣ୍ଡକୁ ବିଚାର କରି ଜୀବନର ମାର୍ଗ ନିର୍ବାଚିତ କରିବା ହେଉଛି ସମୟୋପଯୋଗୀ ପଦକ୍ଷେପ। ତେଣୁ କରୋନା କାଳରେ ଏଭଳି ଅନେକ କିଛି ପରିବର୍ତ୍ତନ ଦେଖିବାକୁ ମିଳିଛି। ପୂର୍ବାପେକ୍ଷା ବାୟୁମଣ୍ଡଳରେ ପ୍ରଦୂଷଣ କମିବା ସହ ଲୋକଙ୍କ ଜୀବନରେ ସମସ୍ୟାରୁ ଶିକ୍ଷା ଲାଭ ପରେ ଚଳଣି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଜୈବିକ ପରୀକ୍ଷଣ ଆଳରେ ଯେଉଁ ରାଷ୍ଟ୍ର ବିଶ୍ୱକୁ ଧ୍ୱଂସ କରିବେ ବୋଲି ବିଚାର କରୁଥିଲେ, ସେମାନେ ଏବେ ଏହାକୁ ଆଉ ଗୋପନ ରଖିପାରିନାହାନ୍ତି। ନିଜେ ସମୃଦ୍ଧ ହୋଇ ଅନ୍ୟକୁ ଗୌଣ କରିବାର ଭାବନା ସେହି ସବୁ ରାଷ୍ଟ୍ର ପାଇଁ ବିନାଶକାରୀ ସାବ୍ୟସ୍ତ ହେବାକୁ ବସିଛି। ଯାହାର ସଦ୍ୟ ରୂପ ହେଉଛି ମହାମାରୀ କରୋନା। କରୋନା କବଳରେ ବିଶ୍ୱର ୨୧୪ ଦେଶ କିଭଳି ହନ୍ତସନ୍ତ ହେଉଛନ୍ତି ତାହା ଆଉ କହିବାର ଆବଶ୍ୟକତା ପଡିବନି। ସର୍ବଶକ୍ତିମାନ ଆମେରିକା ହେଉ କି କ୍ଷୁଦ୍ର ଦେଶଟିଏ ହେଉ ସମସ୍ତେ କରୋନା ଭୂତାଣୁର ଭୟାବହତା ଅନୁଭବ କରିଛନ୍ତି। ଦୈନିକ ସଂକ୍ରମଣ ବଢୁଛି ଓ ମୃତ୍ୟୁହାର ମଧ୍ୟ ବୃଦ୍ଧି ପାଇଛି। ଏହା ନିଶ୍ଚୟ ମାନବ ସଭ୍ୟତା ପାଇଁ ଏଯାବତ ସବୁଠୁ ଅଧିକ ଘାତ ସାବ୍ୟସ୍ତ ହୋଇଛି। ଯେଉଁଥିପାଇଁ ଜନଜୀବନ ଏକପ୍ରକାର ଠପ ହୋଇଯାଇଛି ବୋଲି କହିହେବ। ବାଣିଜ୍ୟ ବ୍ୟବସାୟ ଶିଳ୍ପ କାରଖାନା ଏକପ୍ରକାର ବନ୍ଦ ବୋଲି କହିହେବ। ସବୁଥିରେ କରୋନା ପାଇଁ କଟକଣା ଲାଗିଛି। ସ୍କୁଲ, କଲେଜ, ମନ୍ଦିର, ମସ୍‌ଜିଦ, ଗୀର୍ଜାଘର ବନ୍ଦ ପଡିଛି। ମନୋରଞ୍ଜନ, ଶିଳ୍ପ ପାଦ ଚଳୁନି। ରୋଜଗାର ହରାଇ ଲକ୍ଷ ଲକ୍ଷ ବେକାର ଏବେ କାମ ଅନ୍ୱେଷଣରେ। ଯାହା କିଛି ଘରୋଇ ସଂସ୍ଥା ଚାଲିଛି ସେଠାରେ ଅର୍ଥ କଟକଣା ଫଳରେ ଲୋକଙ୍କ ଆୟ କମିଛି। ଅନନ୍ୟୋପାୟ ମଣିଷ ଏବେ ଜୀବିକାକୁ ନେଇ ଘୋର ସନ୍ଦିହାନ ଅବସ୍ଥାରେ ରହିଛନ୍ତି। ସରକାର ଲୋକଙ୍କ ଜୀବନ ରକ୍ଷାକୁ ପ୍ରାଥମିକତା ଦେଉଥିବା ବେଳେ ଜୀବିକାର ବାଟ ବନ୍ଦ କରି ଚାଲିଛନ୍ତି। ତେଣୁ କରୋନା ଏଭଳି ଏକ ଆହ୍ୱାନ ସୃଷ୍ଟି କରିଛି, ଯାହା ଭବିଷ୍ୟତ ପିଢ଼ି ପାଇଁ ଏକ ବଡ ଶିକ୍ଷା।

ଏହାରି ଭିତରେ ଦାଉସାଧୁଛି ପ୍ରକୃତି। କେଉଁଠି ପ୍ରବଳ ବର୍ଷ ଯୋଗୁଁ ବନ୍ୟା ଜଳ ଭାସୁଛି ତ ଆଉ କେଉଁଠି ଜଳ ବିହୁନେ କ୍ଷେତ ଫାଟି ଆଁ କରିଛି। କୃଷି ନହେଲେ ଲୋକ ଖାଇବେ କ'ଣ ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ। ତେଣୁ ପ୍ରକୃତି ବିଗିଡିଗଲେ ପରିଣାମ କିଭଳି ଭୟଙ୍କର ହୋଇପାରେ, ଦୁର୍ବିପାକ ହେଉଛି ଏହାର ବଳିଷ୍ଠ ପ୍ରମାଣ। ବାତ୍ୟା, ବନ୍ୟା, ଭୂମିକମ୍ପ ଭଳି ଅନେକ ପ୍ରାକୃତିକ ବିପର୍ଯ୍ୟୟ ବେଳେ ବେଳେ ପ୍ରଗତିର ଗତିରୋଧ କରେ। ଯାହାର ଫଳ ଭୋଗେ ମଣିଷ। ମଣିଷ କରୁଥିବା ଅନ୍ୟାୟ ଭିତରେ ପ୍ରାକୃତିକ ସମ୍ପଦ ଲୁଟ, ଜଙ୍ଗଲ କ୍ଷୟ, ନଦୀର ଗତିପଥ ବଦଳାଯିବା ସହ ଖଣି ଖାଦନ ସଂଖ୍ୟା ବଢ଼ିବା ଦ୍ୱାରା ପ୍ରଦୂଷଣ ମାତ୍ରା ବୃଦ୍ଧି ହେଉଛି ମୁଖ୍ୟ କାରଣ। ଏଥିସହ ବିଷାକ୍ତ ବର୍ଜ୍ୟବସ୍ତୁ, ପଲିଥିନ, ଅନ୍ୟାନ୍ୟ ମାରାତ୍ମକ ଦ୍ରବ୍ୟ ଉତ୍ପାଦନ ମଧ୍ୟ ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ। ପ୍ରଦୂଷଣ ଯୋଗୁ ଅନେକ ପ୍ରଜାତିର ପଶୁ, ପକ୍ଷୀ ଲୋପ ପାଇଗଲେଣି। ପ୍ରକୃତିକୁ ଜିତିବାର ଅହଂକାର ସଭ୍ୟତା ପ୍ରତି ଏବେ ଆହ୍ୱାନ ସୃଷ୍ଟି କରିଛି। ପ୍ରତିଦିନ ନୂଆ ନୂଆ ଗବେଷଣା, ରାସାୟନିକ ପ୍ରୟୋଗ, ଅଣୁ ପରମାଣୁର ପ୍ରତିଦ୍ୱନ୍ଦ୍ୱିତା ଆମକୁ ବ୍ୟାଧିଗ୍ରସ୍ତ ଓ ସ୍ୱଳ୍ପାୟୁ କରିଚାଲିଛି। ଏହା କିନ୍ତୁ ବୁଝିବାକୁ ରାଜି ନୁହେଁ ମଣିଷ। ତେଣୁ ପ୍ରକୃତି ଯେତେବେଳେ ଅସ୍ଥିର ହେଉଛି, ଦୁନିଆ ଉପରେ ତାର ଗଭୀର ପ୍ରଭାବ ପରିଲକ୍ଷିତ ହେବା ବିଚିତ୍ର ନୁହେଁ। ଯେପର୍ଯ୍ୟନ୍ତ ସଭ୍ୟ ମଣିଷ ଏହି କଥାଟିକୁ ଭଲ ଭାବେ ହୃଦୟଙ୍ଗମ ନକରିଛି ସେ ପର୍ଯ୍ୟନ୍ତ ଏଭଳି ପ୍ରାକୃତିକ ବିପର୍ଯ୍ୟୟ ଲାଗିରହିଥିବ। ପ୍ରାଣୀ ଜଗତ ସୁରକ୍ଷିତ ରହିବା ବର୍ତ୍ତମାନ ପରିପ୍ରେକ୍ଷୀରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ତାପମାତ୍ରା ବୃଦ୍ଧି ମଧ୍ୟ ପର୍ଯ୍ୟାବରଣ ପାଇଁ ଅଧିକ ସଙ୍କଟ ସୃଷ୍ଟି କରୁଛି। ସବୁରି ମୂଳରେ ସେଇ ପ୍ରଦୂଷଣର କଳଙ୍କ ଯେଭଳି ମଣିଷ ମୁଣ୍ଡରେ ବୋଝ ହୋଇ ଜଳ ଜଳ ଦିଶୁଥିଲେ ଏ ଦିଗରେ ଯଥେଷ୍ଟ କାର୍ଯ୍ୟକ୍ରମ ହେଉନଥିବା ବେଶ ଅନୁମେୟ। ଅଧିକନ୍ତୁ ବିକଶିତ ରାଷ୍ଟ୍ରମାନେ ନିଜର ଇ-ବର୍ଜ୍ୟକୁ ଅନ୍ୟ ଅର୍ଦ୍ଧ ବିକଶିତ କିମ୍ବା ବିକାଶଶୀଳ ରାଷ୍ଟ୍ରକୁ ପଠାଇବାର ଚକ୍ରାନ୍ତ ଜାରି ରଖିଛନ୍ତି। ଫଳସ୍ୱରୂପ ଯେଉଁ ରାଷ୍ଟ୍ୟ ବିଭିନ୍ନ ବୈଦ୍ୟୁତିକ ଓ କମ୍ପ୍ୟୁଟର ସାମଗ୍ରୀ ନିମନ୍ତେ ଅନ୍ୟ ରାଷ୍ଟ୍ର ଉପରେ ନିର୍ଭରଶୀଳ ସେମାନେ ଏହାକୁ ବହନ କରିବା ପାଇଁ ଏକପ୍ରକାର ବାଧ୍ୟ ହେଉଛନ୍ତି। ତେଣୁ ଏଥିରୁ ପ୍ରଦୂଷଣ କିଭଳି ବଢ଼ିଚାଲିଛି ତାହା ସହଜରେ ଅନୁମାନ ଲଗାଇହେବ। ସର୍ବୋପରି ଭାରତରେ କରୋନା ଏଭଳି ଅବସ୍ଥା ସୃଷ୍ଟି କରିଛି ଯେ, ଦେଶର ୫୦% ଲୋକ ଅଭାବ, ଅସୁବିଧା ଦେଇ ଗତି କରିବାକୁ ବାଧ୍ୟ ହୋଇଛନ୍ତି। କାରଣ ନିର୍ଦ୍ଦିଷ୍ଟ କିଛି ବର୍ଗର ଲୋକ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ଥିଲା ବେଳେ ଛୋଟ ଛୋଟ କାମ କରି ବା ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ବି ସେମାନେଙ୍କର ଦୁଃଖ ବୁଝିବାକୁ କେହି ନାହାନ୍ତି। ଯେଉଁମାନେ ରୋଜଗାର ନକଲେ ସେମାନଙ୍କ ପରିବାର ଚଳାଇବା ଅତ୍ୟନ୍ତ କଷ୍ଟସାଧ୍ୟ ସେମାନଙ୍କ ପାଇଁ କୌଣସି ଦିଗରୁ ସହାୟତା ନ ମିଳିବା ନିଶ୍ଚୟ ଚିନ୍ତାଜନକ। କରୋନା ପାଇଁ ନାନାଦି ଦୁଃଖ କଷ୍ଟ ଭିତରେ ବଞ୍ଚୁଥିବା ମଣିଷମାନେ ଭାଗ୍ୟକୁ ଆଦରି ପଡି ରହିବା ବ୍ୟତିରେକ ଅନ୍ୟ କୌଣସି ଉପାୟ ଖୋଜି ପାଉନାହାନ୍ତି। ତେଣୁ କେନ୍ଦ୍ର ହେଉ ବା ରାଜ୍ୟ ସରକାର ଯୋଜନା ପ୍ରଣୟନ କଲାବେଳେ ସବୁବର୍ଗର ଲୋକଙ୍କ ଚିନ୍ତା ନକଲେ ବ୍ୟବସ୍ଥାର ଅବସ୍ଥା ବଦଳିବା ଥୟ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ବର୍ତ୍ତମାନ ସମୟରେ ଶିକ୍ଷାର ଭବିଷ୍ୟତ ଓ ବିହିତ ପଦକ୍ଷେପ



ଡ. ମୌସୁମୀ ପରିଡା

କରାଳ ରୂପ ନେଇ ବଢିଚାଲିଥିବା କରୋନା ସଂକ୍ରମଣରେ ଜନଜୀବନ ଅସ୍ତବ୍ୟସ୍ତ। ସଟ୍ ଡାଉନ୍, ଲକ୍ ଡାଉନ୍‌ର କଟକଣା ଭିତରେ ଅସରନ୍ତି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସବୁ ବର୍ଗର ଲୋକେ। ସବୁଠାରୁ ବେଶି ଅସୁବିଧା ସହି ମାନସିକ ଚାପରେ ରହୁଛନ୍ତି ପାଠ ପଢୁଥିବା ଛାତ୍ରଛାତ୍ରୀମାନେ। ଯେଉଁମାନେ ଦେଶର ଭବିଷ୍ୟତ ଓ ଆମମାନଙ୍କ ପରପିଢୀ ବା ଉତ୍ତରରଦାୟାଦ ଆଜିକାଲି ସେହିମାନେ ହିଁ ଘର କୋଣରେ ବନ୍ଦୀ। ସଂଗରୋଧ ସେମାନଙ୍କୁ ନିଃସଙ୍ଗ ବନେଇଦେଇଛି ! ବାହାରର ଆଲୋକିତ ଦୁନିଆ କରୋନା କବଳରେ ବିଷାକ୍ତ ହୋଇପଡିଥିବାରୁ ଯାବତୀୟ କଟକଣା ଭିତରେ ସେମାନଙ୍କ ବର୍ତ୍ତମାନ ବେଶ୍ ଫିକା ଓ ମ୍ଳାନ ମନେହେଉଛି। ମନର ଅବସ୍ଥା ଦୋଦୁଲ୍ୟମାନ।

ଚାପଗ୍ରସ୍ତ ହୋଇ ପଢିବା ଉଭୟ ମନ ଓ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଅବଶ୍ୟ ଜୀବନର ନିରାପତ୍ତା ପ୍ରଥମ ଆଉ ସବୁ ପର କଥା। ଦୀର୍ଘଦିନ ହୋଇଯାଇଥିଲେ ବି କରୋନାର ମୁକାବିଲା କରାଯାଇପାରିନି। ମୃତ୍ୟୁ ଓ ସଂକ୍ରମଣର ସଂଖ୍ୟାବୃଦ୍ଧି ଆତଙ୍କ ହୋଇ ଭୟଭୀତ କରାଇବାରେ ଲାଗିଛି। ତାର କରାଳଛାୟାରେ ଭୀତତ୍ରସ୍ତ ମାନବ ଜାତି ଏବେ ବଂଚିବାର ରାହା ଖୋଜୁଛି ! ଏ ଅବେଳରେ ଆଗାମୀ ଭବିଷ୍ୟତକୁ ଦିଗ୍‌ଦର୍ଶନ ଦେବା ଓ ସେମାନଙ୍କୁ ଏ ଅନ୍ଧକାରରୁ ମୁକୁଳାଇନେବା ସହିତ ସହଜ ଓ ସରଳ ବାଟ ଦେଖାଇବା ଆମ ସଭିଙ୍କ କର୍ତ୍ତବ୍ୟ ଓ ଦାୟବଦ୍ଧତା।

ଦୀର୍ଘଦିନର ସଂଗରୋଧ ଖାଲି ସେମାନଙ୍କୁ କାହିଁକି ଆମ ସମସ୍ତଙ୍କୁ ବ୍ୟସ୍ତବିବ୍ରତ କରିଦେବା ସ୍ୱାଭାବିକ। ସେଥିପାଇଁ ବିଭିନ୍ନ ଆଳରେ ସେମାନେ କାର୍ଯ୍ୟବ୍ୟସ୍ତ ରହିବା ଦରକାର। ବାହାରକୁ ନଯିବା ଓ ନିହାତି ଆବଶ୍ୟକ ସ୍ଥଳେ ଯିବାକୁ ପଡିଲେ ତଦନୁଯାୟୀ ସାବଧାନତା ଅବଲମ୍ବନ କରିବାକୁ ଅଭ୍ୟାସରେ ପରିଣତ କରିବାକୁ ପଡିବ।

ଯେଉଁମାନେ ମାଟ୍ରିକ୍ ପରୀକ୍ଷା ଦେବେ ବା ଯେଉଁମାନେ ଯୁକ୍ତ ଦୁଇର ଛାତ୍ରଛାତ୍ରୀ କିମ୍ବା ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବାକୁ ବିଭିନ୍ନ ପ୍ରବେଶିକା ପରୀକ୍ଷା ଦେବାପାଇଁ ପ୍ରସ୍ତୁତ ହେଉଛନ୍ତି, ସେମାନଙ୍କ ପାଇଁ ଏହା କଠିନତମ ସମୟ। ନା କୋଚିଂ ଯାଇପାରିବେ ନା କଲେଜ। ପଢାପଢିର ବ୍ୟବସ୍ଥା ଆଜିକାଲି ଅନ୍‌ଲାଇନ୍‌ରେ। ସ୍ଥିତାବସ୍ଥାକୁ ଗ୍ରହଣ କରିବାକୁ ପିଲାମାନେ ବାଧ୍ୟ। କିନ୍ତୁ ଏସବୁ ଯେ ପର୍ଯ୍ୟାପ୍ତ ନୁହେଁ ସେମାନଙ୍କ ପାଇଁ, ଏହାକୁ ଅନୁଭବ କରି ତଦନୁଯାୟୀ ସମସ୍ୟାର ନିରାକରଣ କରିବାର ସମୟ ଏବେ ଉପନୀତ। କାରଣ କରୋନା ବହୁ ସମୟ ଧରି ଆମମାନଙ୍କ ଗହଣରେ ରହି ମନ ମସ୍ତିଷ୍କକୁ ଚାପଗ୍ରସ୍ତ କରିଦେଇଛି।

ଯେଉଁମାନେ ପଢାପଢି ପରେ ଚାକିରୀ ଖୋଜୁଥିଲେ ସେମାନଙ୍କ ପାଇଁ ମଧ୍ୟ ହତାଶାର ସମୟ। କହିବା ବାହୁଲ୍ୟ ଭବିଷ୍ୟତ ଗଢିବା ଲାଗି ପ୍ରସ୍ତୁତ ହେଉଥିବା ପିଲାମାନଙ୍କ ପାଇଁ ଏହା ଏକ ସଂକଟମୟ ସ୍ଥିତି। କାରଣ ଶିକ୍ଷକ, ଶ୍ରେଣୀ ଗୃହ ଓ ସାମ୍ନାସାମ୍ନି ପାଠପଢା, ପିଲାଙ୍କ ମନରେ ଯେତିକି ରେଖାପାତ କରିପାରେ ଅନ୍ଲାଇନ୍ ଦ୍ୱାରା ତାହା ସେତିକି କରିପାରେନାହିଁ। ଯେହେତୁ ଉଭୟ ପାଠପଢାରେ ଗ୍ରହଣ କରିବାର ମାନସିକ କ୍ରିୟା ବା କ୍ଷମତା ସମାନ୍ ନୁହେଁ।

ପ୍ରାୟ ପ୍ରତିଦିନ ପନ୍ଦର ମିନିଟ୍‌ରୁ ଆରଂଭ କରି ଅଧଘଂଟାଏ ବା ପଇଁଚାଳିଶ୍ ମିନିଟ୍‌ର କ୍ଲାସ୍, ବୋଝ ଉପରେ ନଳିତା ବିଡା ସଦୃଶ ମନେହୁଏ। କାରଣ ଅନ୍ଲାଇନ୍‌ରେ ତିରିଶ୍ ମିନିଟ୍ ଲାଗୁଥିବା କ୍ଲାସ୍ ବାସ୍ତବରେ ପିଲାକୁ ନୋଟ୍ ସହିତ ସମାପନ କଲାବେଳକୁ ଘଂଟାଏରୁ ଦେଢଘଂଟା ଲାଗିଯାଏ ସ୍ଥଳବିଶେଷରେ। କଲେଜ ସହ କୋଚିଂ ବା ଟିଉସନ୍‌ର କ୍ଲାସ୍ କଲାବେଳେ ଦିନକୁ ଚାରି, ପାଂଚଟା କ୍ଲାସ୍ ହୋଇଯାଏ। ଦେଖିବାକୁ ଗଲେ ଅନ୍ଲାଇନ୍ କ୍ଲାସ୍‌ରେ ପ୍ରାୟ ପାଂଚରୁ ଛଅ ଘଂଟା ଦେବାକୁ ହୋଇଥାଏ। ଏତେ ସମୟ ଇଲେକ୍ଟ୍ରୋନିକ୍ସ ମିଡିଆ ସହ ବିତେଇବା କେତେ ବିପଦଜ୍ଜନକ ତାହା ପିଲା ଓ ଅଭିଭାବକମାନେ ଜାଣି ମଧ୍ୟ ନିରୂପାୟ।

ଏଇ କିଛିଦିନ ତଳେ ପୁରୀରେ ସପ୍ତମ ଶ୍ରେଣୀରେ ପାଠ ପଢୁଥିବା ଝିଅଟିଏ ଅନ୍‌ଲାଇନ୍ କ୍ଲାସ୍ କଲାବେଳେ ହଠାତ୍ ଫୋନ୍‌ରେ ବିସ୍ଫୋରଣ ଘଟି ତାହା ଜଳିଯିବାରୁ ଆଘାତ ପ୍ରାପ୍ତ ହୋଇଥିଲା ଝିଅଟି। ବହୁତ ସମୟ ମୋବାଇଲ୍ ଅନ୍ ରହିଲେ ଏଭଳି ଦୁର୍ଘଟଣାମାନ ଘଟେ ପ୍ରାୟତଃ। କିନ୍ତୁ ଏଭଳି ଦୁଃସ୍ଥିତିରେ କଲେଜ ଓ କୋଚିଙ୍ଗ୍‌କୁ ମିଶେଇ ଆପାତତଃ ତିନି, ଚାରି କ୍ଲାସ୍ କଲାପରେ ମୋବାଇଲ୍ ଫୋନ୍‌ର ତାପମାତ୍ରା ବୃଦ୍ଧି ପାଇବା ଯୋଗୁଁ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡୁଛି। କିନ୍ତୁ ଦୁର୍ଭାଗ୍ୟ ଯେ ମୋବାଇଲ୍ ଜନିତ ବିପଦକୁ କେହି ଗୁରୁତ୍ୱ ଦେଉନାହାନ୍ତି।

କାରଣ ଆମର ପ୍ରଚଳିତ ପାଠ୍ୟ ବ୍ୟବସ୍ଥା ହିଁ ସେହିପରି। ଅଣନିଃଶ୍ୱାସୀ ଭାବେ ନଧାଇଁଲେ ପିଲାଟି କିଛି ହାସଲ କରିପାରେନି ବୋଲି କିଛି ବିଶେଷଜ୍ଞଙ୍କର ମତ। ଅନ୍ଧାରରେ ବାଡି ବୁଲେଇବା ପରି ମନେହୁଏ କେବେକେବେ। ତେବେ ବି ପିଲାମାନେ ଏଭଳି ଦୁଃସ୍ଥିତିର ମୁକାବିଲା କରୁଛନ୍ତି। ଅନେକଯାଗାରେ ନେଟ୍‌ୱର୍କ ଆସୁନଥିବାରୁ ସେମାନେ ଅନ୍ଲାଇନ୍ କ୍ଲାସ୍ କରିବାରୁ ମଧ୍ୟ ବଂଚିତ ହେଉଛନ୍ତି।

ଏତେସବୁ ସମସ୍ୟା ଭିତରେ ଥାଇ ପିଲାମାନଙ୍କ ପାଠ୍ୟକ୍ରମକୁ ଦେଖିଲେ ମନେହେଉନି ଠିକ୍ ଭାବେ କ୍ଲାସ୍ କରି, କୋର୍ସ ସାରି ରିଭିଜନ୍ କରିହେବ। ଯଦି ବି ହୁଏ ତାହା ତରବରିଆ ଭାବେ ହେବ। ଫଳରେ ପିଲାମାନଙ୍କ ମନମସ୍ତିଷ୍କ ଉପରେ ଏହାର କୁପ୍ରଭାବ ପଡିବ। ସେମାନଙ୍କ ଭବିଷ୍ୟତ ଅନ୍ଧକାରାଚ୍ଛନ୍ନ ହେବାର ଆଶଂକାକୁ ଏଡେଇ ଦିଆଯାଇନପାରେ। କାରଣ ଏ ସମୟ ହିଁ ସେମାନଙ୍କ ଭବିଷ୍ୟ ନିର୍ମାଣ କରିବାର ସମୟ !

ଏସବୁକୁ ଖାମଖିଆଲି ଭାବେ ବିଚାର ନକରି ଗଭୀର ଭାବେ ବିଚାର ବିମର୍ଷ କରି ନିଷ୍ପତ୍ତି ନେବା ଉଚିତ୍। କାରଣ ସେମାନେ ଆମ ଭବିଷ୍ୟତ। ଭବିଷ୍ୟତ ଅନ୍ଧକାର ହେଉ, ପିଲାଟିଏ ଚାପଗ୍ରସ୍ତ ରହୁ, ଏହା କେଉଁ ଅଭିଭାବକମାନେ ଚାହିଁବେ ! ଏ ସମୟ ଖାଲି ସଂପୃକ୍ତ ପିଲାମାନଙ୍କ ପାଇଁ କଷ୍ଟକର ନୁହେଁ ସେମାନଙ୍କ ବାପା ମାଆ ତଥା ଅଭିଭାବକମାନଙ୍କ ପାଇଁ ମଧ୍ୟ ତତୋଧିକ କଷ୍ଟକର ସମୟ। ପିଲାକୁ ଏଭଳି କଷ୍ଟକର ସ୍ଥିତିରେ ଦେଖୁଥିବା ବାପା ମାଆଙ୍କ ପାଖରେ ଏ ଦୁଃସ୍ଥିତି ଦ୍ୱନ୍ଦ୍ୱ ଓ ଅସହାୟତାଠୁ ବେଶି ଯନ୍ତ୍ରଣାଦାୟକ।

ତେବେ ଅନ୍ଲାଇନ୍ କ୍ଲାସ୍ ଯେ ସବୁ ସମସ୍ୟା ଦୂର କରିପାରେ, ତାହା ଆଦୌ ଗ୍ରହଣୀୟ ନୁହେଁ। ଅନେକ ଯାଗାରେ ନୋଟ୍ସ ଦିଆଯାଉଛି, ତା ସହିତ କିଛି ଜେରକ୍ସ ମଧ୍ୟ। ଯାହାକୁ ଲେଖିବା ମୁସ୍କିଲ୍, ଜେରକ୍ସ କରିବାକୁ ବଜାରକୁ ଯାଇ ଦୋକାନରେ ଲାଇନ୍ ଲଗେଇବାକୁ ପଡିବ। ଯାହା ପୂର୍ବରୁ ସହଜେ ହୋଇପାରୁଥିଲା। ଏବେ ସେଠି କରୋନାଜନିତ ବିଭିନ୍ନ ସମସ୍ୟା ମୁଣ୍ଡ ଟେକୁଛି। ପୁଣି ସୀମିତ ସଂଖ୍ୟକ କ୍ଲାସ୍ ହେବା ଦରକାର ବୋଲି ସମୟ କହୁଛି।

କାରଣ ପିଲାମାନଙ୍କ ମୋବାଇଲ୍ ବା ଇଂଟରନେଟ୍ ବ୍ୟବହାର କରିବାର ସମୟକୁ ନିର୍ଦ୍ଦିଷ୍ଟ ସୀମା ଭିତରେ ରଖିବା ବି ଜରୁରୀ, ଯାହାକୁ ଦୃଷ୍ଟିରେ ରଖି ବିହିତ ପଦକ୍ଷେପ ନେଇଛନ୍ତି ସରକାର। ନହେଲେ ମାତ୍ରାଧିକ ମୋବାଇଲ୍, ଲାପଟପ୍ ବ୍ୟବହାର ସେମାନଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇବ। ଏମିତିରେ ତ ପିଲାମାନେ ମୋବାଇଲ୍‌ରେ ଗୁଗୁଲ୍ ତଥା ଅନ୍ୟାନ୍ୟ ଖେଳରେ ଅଭ୍ୟସ୍ତ। ସଂଗରୋଧ ସମସ୍ୟା ସେମାନଙ୍କୁ ଆଉଟିକେ ମୋବାଇଲ୍ ଓ ଇଂଟର୍‌ନେଟ୍‌ମନସ୍କ କରିଦେଇଛି। ପୁଣି ଅନ୍ଲାଇନ୍ କ୍ଲାସ୍ କରିବାକୁ ହେଉଛି କଲେଜ, ଟିଉସନ୍ ଓ କୋଚିଂର। ସବୁବେଳେ ମୋବାଇଲ୍ ସହ ସଂପର୍କିତ ରହିବା ମଧ୍ୟ ବିପଦଜ୍ଜନକ।

ଏଭଳି ଦୁଃସ୍ଥିତିକୁ ନଜରରେ ରଖି ପାଠ୍ୟକ୍ରମକୁ ହ୍ରାସ କରିବା ନିହାତି ଜରୁରୀ। ଯାହା ସି.ବି.ଏସ୍.ଇ ଆଗରୁ ତାଙ୍କ ପାଠ୍ୟକ୍ରମରେ କରିସାରିଛି। ପିଲାମାନଙ୍କ ଉପରେ ବୋଝ ଟିକେ ହାଲ୍କା ହୋଇଛି। ଏବେ ରାଜ୍ୟରେ ଏହାକୁ ଗ୍ରହଣ କରିବାର ସମୟ ଉପନୀତ। ତେବେ ଯାଇ ପିଲାମାନଙ୍କ ମନୋବଳ ଦୃଢ ହେବ। ସେମାନେ ଅନ୍ଧାର ଭିତରେ ରାହା ପାଇପାରିବେ। ପାଠର ବୋଝ ସେମାନଙ୍କ ମେରୁଦଂଡ ଓ ମନ ଉପରେ ବୋଝ ନହେଉ, ଏହାକୁ ଚିନ୍ତା କରି ବିହିତ ନିଷ୍ପତ୍ତି ନେବାକୁ ପଡିବ।

କାରଣ କରୋନା ସେମାନଙ୍କର ଯେଉଁ ବହୁମୂଲ୍ୟ ଚାରିମାସ ସମୟ ନେଇସାରିଛି, ତାର କ୍ଷତିପୂରଣ କେହି କରିପାରିବେ ନାହିଁ। ସମଭାବାପନ୍ନ ହୋଇ ବୁଝିବାକୁ ହେବ ଏସବୁ ଅସୁବିଧା ଓ ତାର ନିରାକରଣ ସଂପର୍କରେ। ବିହିତ କାର୍ଯ୍ୟାନୁଷ୍ଠାନ ଓ ଉଚିତ୍ ପଦକ୍ଷେପ ଠିକ୍ ସମୟରେ ନନେଲେ ଯଦି ସେମାନଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲିହୋଇଯିବ, ତାର ଉତ୍ତରଦାୟୀ କିଏ ହେବେ ! ଏସବୁ ବିଚାର କରିବାର ସମୟ ଏବେ। ବିଳମ୍ବ ନକରି ସିଦ୍ଧାନ୍ତରେ ପହଂଚିଲେ ପିଲାମାନଙ୍କ ପାଇଁ ମଙ୍ଗଳ ହୁଅନ୍ତା। ମୋବାଇଲ୍‌ରେ କେତେ ସମୟ ରହିବା ଦରକାର, କ୍ଲାସ୍‌ର ସମୟସୀମା ମଧ୍ୟ ତଦନୁରୂପେ ହ୍ରାସ ପାଇବା, ଦିନକୁ କେତୋଟି କ୍ଲାସ୍ ହେବା ଉଚିତ୍ ଓ ପାଠ୍ୟକ୍ରମ ହ୍ରାସକୁ କଡାକଡି ଭାବେ ପାଳନ କରିବାକୁ ଦରକାର।

କରୋନା ନିକଟରେ ଆମକୁ ଛାଡି ଯିବାର ବିଶ୍ୱାସ ହେଉନାହିଁ। ତା ବୋଲି ପିଲାମାନଙ୍କ ଭବିଷ୍ୟତକୁ ହେୟ ମନେକରାଯିବା ଉଚିତ୍ ହେବନି। ସେମାନଙ୍କୁ ଆଗକୁ ନେବାକୁ ହେଲେ କିଛିଟା ସାଲିସ୍ କରିବାକୁ ପଡିବ ଅବସ୍ଥା ସହିତ। ତେଣୁ ସେମାନଙ୍କ ସିଲାବସ୍ ହ୍ରାସ କରିବା ଅନ୍ୟତମ ମୁଖ୍ୟ ଜରୁରୀ ପଦକ୍ଷେପ। ଦୈନିକ କ୍ଲାସ୍‌ଗୁଡିକର ନିର୍ଦ୍ଧାରିତ ଅବଧିକୁ ମଧ୍ୟ କଡାକଡି ଭାବେ ଲାଗୁ କରିବା ଦରକାର। ପିଲାଟିଏ ସର୍ବାଧିକ କେତୋଟିକ୍ଲାସ୍ କରିବ ସେସବୁ ନେଇ ନିୟମ କଡାକଡି ପାଳନ ହେଲେ ପିଲାମାନେ ଅତ୍ୟଧିକ ମାନସିକ ଓ ଶାରୀରିକ ସ୍ତରରେ ଚାପଗ୍ରସ୍ତ ହେବାନାହିଁ। ସେଥିପାଇଁ ବିଭିନ୍ନ ସ୍ତରରେ ଆଲୋଚନା କରି ବିହିତ ପଦକ୍ଷେପ ନିଆଯାଉ।

mousumi.mama7@gmail.com

# ସ୍ୱରକ୍ଷକ ପୃଥିବୀ



ଡଃ ତୃପ୍ତି ରଞ୍ଜନ ଦାସ



ହେ ପୃଥିବୀ ମୋ ଜନ୍ମ ପୂର୍ବରୁ ତୁମେ ଥିଲ, ମୋ ସାତ ପୁରୁଷଙ୍କ ପୂର୍ବରୁ ମଧ୍ୟ ତୁମେ ଥିଲ। ମୁଁ ନଥିବି କିନ୍ତୁ ତୁମେ ଥିବ। ଆଜି ଏହି ଘଡିସନ୍ଧି ମୁହୂର୍ତ୍ତରେ, ମତେ ନିଜ ଉପରେ ଦାୟା ଆସୁଛି ଏବଂ ହସବି ଲାଗୁଛି। କାରଣ ତୁମ ସୁରକ୍ଷା ପାଇଁ ମୁଁ ଚିନ୍ତିତ ଥିଲି, କିନ୍ତୁ ଜାଣିନଥିଲି ତୁମେ ସ୍ୱରକ୍ଷକ ବୋଲି। ବଦଳି ନାହିଁ ତୁମର ଘୂର୍ଣ୍ଣନ। ବଦଳି ନାହିଁ ତୁମ ଋତୁ ଚକ୍ର। ସମୟ ସେଇମିତି ଚବିଶି ଘଣ୍ଟା ଅଛି। ସୂର୍ଯ୍ୟ ସେଇମିତି ପୂର୍ବରେ ଆସି, ପଶ୍ଚିମରେ ଯାଉଛନ୍ତି। ଆକାଶ ବିହଙ୍ଗ ମଣ୍ଡିତ ଅଛି। ସଂଧ୍ୟାରେ ଚଇତି ପବନ ଘୁନ୍ଦାଳୁଛି। ସମୁଦ୍ରରେ ପୂର୍ବପରି ଉତ୍ତାଳ ଲହଡି ଭାଙ୍ଗୁଛି। କିନ୍ତୁ ତୁମକୁ ରକ୍ଷା କରିବାର ଡିଣ୍ଡିମ ପିଟୁଥିବା ମଣିଷ ଆଜି ନିଜେ ଜୀବନ ଭିକ୍ଷା ମାଗୁଛି। ଚାରି କାନ୍ଥରେ ବନ୍ଦୀ ହୋଇ ସ୍ୱରଚିତ ବ୍ୟୁହରେ ଅଣନିଶ୍ୱାସୀ ହୋଇଯାଉଛି। ଏଇ କିଛିଦିନ ମୁଁ ଗୃହ ବନ୍ଦୀ ହେବା ପରେ, ଭରିବାରେ ଲାଗିଛି ତୁମ ବହୁଦିନର କ୍ଷତ। ଯେଉଁ କ୍ଷତର କର୍ତ୍ତା ମୁଁ ନିଜେ। ଜାଣି ବିସ୍ମୟ, ଆଶ୍ଚର୍ଯ୍ୟ ହେଲି ତୁମ କ୍ଷତର ଔଷଧ ମୋ ସ୍ୱବନ୍ଦୀ ବୋଲି। ଏଇଥିରୁ ସ୍ପଷ୍ଟ ପ୍ରମାଣିତ ତୁମେ ମୋ ଉପରେ କେବେ ନିର୍ଭରଶୀଳ ନୁହଁ। ମୂର୍ଖାମୀର ବଶବର୍ତ୍ତୀ ହୋଇ ତୁମକୁ ଅକ୍ତିଆର କରି ବିଜୟର ବାନା ଉଡାଉଥିଲି। ଏବେ ହୃଦୟଙ୍ଗମ ହୁଏ କି ମୁଁ ତୁମକୁ ଜିତି ନଥିଲି, ବରଂ ତୁମେ ମତେ କୋଳେଇ ନେଇଥିଲ। ଆଉ ତୁମେ ଚାହିଁଲେ ମତେ ଯେକୌଣସି ସମୟରେ ତଡିଦେଇ ପାର। ଏଇ କିଛିଦିନ ମଧ୍ୟରେ ପ୍ରଥମଥର ପାଇଁ ମହାକାଶରୁ ଦେଖି ହେଉଥିଲା ତୁମ ସଦ୍ୟଭରିଲା କ୍ଷତକୁ। ଯେଉଁ କ୍ଷତ ମୁଁ କରିଥିଲି ମୋ ମୁଣ୍ଡ ଉପର ଆକାଶରେ, ମୋ ଫୁସଫୁସରେ ନୀତି ଦୋଳି ଖେଳୁଥିବା ବାୟୁରେ ଆଉ ମୋ ପାଦତଳେ ଥିବା ମାଟିର ଗର୍ଭରେ। ଚାଇନା, ଇଟାଲୀ, ୟୁକେ, ଜର୍ମାନୀ ଭଳି ଅନେକ ଦେଶରେ ଅଙ୍ଗାରକାମ୍ଳର ପରିମାଣ ବାୟୁ ମଣ୍ଡଳରେ ଅସ୍ଥାୟୀ କାଳ ପାଇଁ କମି ଆସିଛି। ବିଭିନ୍ନ ଶିଳ୍ପ ଅନୁଷ୍ଠାନ ମାନ ଅସ୍ଥାୟୀ ରୂପେ ବନ୍ଦ ଥିବାରୁ ପ୍ରଦୂଷଣର ସ୍ତର କ୍ଷୀଣ ହୋଇଆସିଛି। ମନୁଷ୍ୟଙ୍କ ଅବାଧ ବିଚରଣ ଏବଂ କାର୍ଯ୍ୟକଳାପ ଅସ୍ଥାୟୀ ସମୟ ପାଇଁ ଅଟକି ଥିବାରୁ, କମି ଆସିଛି ଘୋଡା ଭଳି ଦୌଡୁଥିବା ତୁମ ହୃଦ ସ୍ପନ୍ଦନ। ଭୂବିଜ୍ଞାନୀଙ୍କ ମତ ଅନୁସାରେ ଭୂକମ୍ପରେ ମନୁଷ୍ୟ କୃତ କମ୍ପନ (କଲଚରାଲ ଭାଇବ୍ରେସନ) ପ୍ରଥମ ଥର ପାଇଁ କମି ଆସିଛି। ଆମ ଭାରତରେ ବାୟୁ ଉତ୍କର୍ଷର ସ୍ତରରେ ଉନ୍ନତି ପରିଲକ୍ଷିତ ହୋଇଛି। ଧଉଳଧର ପାର୍ବତ୍ୟ ଅଞ୍ଚଳ ଦୀର୍ଘ ତିରିଶ ବର୍ଷ ପରେ ଜଳନ୍ଧରରୁ ଦେଖାଯିବା ବାୟୁ ପ୍ରଦୂଷଣରୁ ତୁମର କିଞ୍ଚିତ ମୁକ୍ତି ପ୍ରତିତମାନ ହେଉଅଛି। ନୂଆଦିଲ୍ଲୀ ଆଉ ବମ୍ବେ ସହରରେ ବାୟୁ ଉତ୍କର୍ଷର ସ୍ତର ମାପକରେ, ଗତ ବର୍ଷର ଏହି ସମୟ ଠାରୁ ଉନ୍ନତି ପରିଲକ୍ଷିତ ହୋଇଅଛି। ଯମୁନା ନଦୀର ଜଳରେ ଜମୁଥିବା ପାଉଁସିଆ ଫେଣ ଉଭେଇ ଯିବାକୁ ଲାଗିଛି। ତୁମର ଧୈର୍ଯ୍ୟ ଅନନ୍ୟ ଆଉ ଅସୀମ। ଶ୍ରେଷ୍ଠ ଜୀବ ବୋଲି କ୍ଷୁଦ୍ର ଜୀବଙ୍କ ଉପରେ ଦୟା କେବେ ମୁଁ ଦେଖାଇ ନାହିଁ। କେଉଁ ଜୀବକୁ ଭକ୍ଷଣ କଲି, ତ ପୁରି କାହାକୁ ପିଞ୍ଜରାରେ ରଖିଲି ଆଉ ପୁଣି କାହାର ଛାଲକୁ ପୋଷାକ କଲି। ତୁମେ ଉପହାର ଦେଇଥିବା ବାୟୁମଣ୍ଡଳକୁ ଧୂଆଁ ଧୂସରିତ କଲି, ବଞ୍ଚିବା ପାଇଁ ଦେଇଥିବା ଜଳକୁ ବିଷାକ୍ତ କଲି। ତୁମେ ବିପଦରେ ଅଛ ବୋଲି ଚାରିଆଡେ କହି ବୁଲିବା ବେଳେ ଆଉ ତୁମ ସୁରକ୍ଷା ପାଇଁ ଚିନ୍ତା କରୁଥିବା ବେଳେ, ତୁମେ ହିଁ ମୋ କୃତ କର୍ମରୁ ମୋ ପାଇଁ ସଜା ଆଉ ତୁମ ସ୍ୱକ୍ଷତ ଭରିବାର ଔଷଧ ତିଆରି କରିନେଲ।

ଡିହସାହି, କାଦୁଅପଡା, ଜଗତସିଂହପୁର
ଦୂରଭାଷ : ୮୨୪୯୩୫୭୨୭୨




ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା



ଅନୁବାଦ- ଉପାଳୀ ଦାଶ

**ତେଜ : -**

ବେଦରେ ଅନେକ ପ୍ରକାର ପ୍ରେରକ କଥା ରହିଛି। ସେହି କଥା ମଧ୍ୟରୁ ଗୋଟିଏ କଥା ମୁଁ ଏଠାରେ ଉପସ୍ଥାପନ କରୁଛି। କଥାଟି ହେଲା-ଥରେ ଦେବସଭାରେ ଏକ ତେଜୋମୟ ପୁରୁଷଙ୍କର ଆଗମନ ହେଲା। ଆଗନ୍ତୁକଙ୍କର ତେଜ ଏତେ ପ୍ରବଳ ଥିଲା ଯେ, ତାଙ୍କୁ ଦେଖି ଦ୍ୱାରପାଳ ଆପେ ଆପେ ଦ୍ୱାର ଖୋଲି ଦେଇଥିଲା ଓ ନତମସ୍ତକ ହୋଇ ସମସ୍ତ ଅସ୍ତ୍ରଶସ୍ତ୍ର ତଳେ ରଖିଦେଇଥିଲା। ସମସ୍ତ ଦେବଗଣ ଠିଆହୋଇ ତାଙ୍କୁ ସ୍ୱାଗତ ଜଣାଇଲେ। ଦେବରାଜ ଇନ୍ଦ୍ର କିଛି ବୁଝିପାରି ନଥିଲେ। ତେଣୁ ସେ ମନରେ ପ୍ରଶ୍ନ ନେଇ ଗୁରୁ ବୃହସ୍ପତିଙ୍କ ନିକଟରେ ପହଞ୍ଚିଲେ। ଗୁରୁ ବୃହସ୍ପତି ଇନ୍ଦ୍ରଙ୍କୁ କହିଲେ ବାରବର୍ଷ ପର୍ଯ୍ୟନ୍ତ ଏହି ତେଜୋମୟ ପୁରୁଷଙ୍କର ସେବା କର। ଇନ୍ଦ୍ର ବାରବର୍ଷ ସେବା କରିବା ପରେ ସେହି ପୁରୁଷ ଇନ୍ଦ୍ରଙ୍କୁ ପଚାରିଲେ ଯେହେତୁ ତୁମେ ମୋର ଏତେ ସେବା କଲ ତେବେ କୌଣସି ବର ମାଗ ତୁମର ଇଚ୍ଛା ପୂର୍ତ୍ତି ହେବ। ଇନ୍ଦ୍ର କହିଲେ ବାରବର୍ଷ ପୂର୍ବରୁ ଅନେକ ଇଚ୍ଛା ଥିଲା ଏବେ ଆପଣଙ୍କ ସେବା କରି ଇଚ୍ଛାର ସମାପ୍ତ ହୋଇ ମନ ଶାନ୍ତ ହୋଇ ଯାଇଛି। ସେବାକରି ଯେଉଁ ପରମ ଶାନ୍ତି ମିଳିଛି ତାହା ଅବର୍ଣ୍ଣନୀୟ। ତେଜୋମୟ ପୁରୁଷ ପୁଣି କହିଲେ ତଥାପି ତୁମେ କିଛି ଜାଣିବାକୁ କିମ୍ବା ପଚାରିବାକୁ ଚାହଁ ତ ପଚାରିପାର। ଅତି ବିନମ୍ର ଭାବରେ ଇନ୍ଦ୍ର କହିଲେ ନାଥ ! ଆପଣଙ୍କ ଦର୍ଶନ ଅପାର ଶାନ୍ତି ଆଉ ଆନନ୍ଦ ହେଲା। ହେଲେ କୌଣସି ଅସ୍ତ୍ରଶସ୍ତ୍ର ଓ ଅଙ୍ଗରକ୍ଷକ ବିନା ଚଉଦ ଭୂବନରେ ନିର୍ଭୟ ଭାବରେ ଆପଣଙ୍କ ତେଜର ସାମ୍ରାଜ୍ୟ। ଏହାର ରହସ୍ୟ କ'ଣ ? ପ୍ରଶ୍ନ ଶୁଣି ତେଜୋମୟ ପୁରୁଷ ଉତ୍ତର ଦେଲେ ମୁଁ ମୋର ଜୀବନରେ ସତ୍ୟ, ଅହିଂସା, ସଦାଚାର, ବିବେକ ଏବଂ ଶୀଳର ପୂର୍ଣ୍ଣ ରୂପେ ପାଳନ କରିଛି ଯାହା ପ୍ରକାଶପୁଞ୍ଜ ହୋଇ ମୋ ସାଥିରେ ରହିଛି। ପରନ୍ତୁ ଏତିକି କଥା ଜାଣି ତୁମର କୌଣସି ହେତୁ ସିଦ୍ଧ ହେବନାହିଁ। କିଛି ମାଗ ଯାହା ତୁମକୁ ଦେଲେ ମୋତେ ପ୍ରଶନ୍ନତା ହାସଲ ହେବ। ଇନ୍ଦ୍ର କହିଲେ ଯଦି ଏଭଳି କଥା ତେବେ ଆପଣଙ୍କ ପ୍ରଶନ୍ନ ପାଇଁ ଆପଣଙ୍କ ପାଖରେ ଥିବା ସତ୍ୟ, ଅହିଂସା, ବିବେକ, ଶୀଳର ପ୍ରକାଶ ମୋତେ ଦିଅନ୍ତୁ। ଇନ୍ଦ୍ର ବି କିଛି ସାଧାରଣ ନଥିଲେ। ମେଧାମୁକ୍ତରେ ସରସ୍ୱତୀଙ୍କ ପୂର୍ବରୁ ଇନ୍ଦ୍ରଙ୍କର ଉପାସନା କରାଯାଇଛି- "ମେଧା ମେ ଇନ୍ଦ୍ର ଦଦାତୁ"। ତେଣୁ ଇନ୍ଦ୍ରଙ୍କ ବରଦାନ ମାଗିବାରେ ତେଜ ପୁରୁଷ ତଥାସ୍ତୁ କହିଲେ। କହିବା ସଙ୍ଗେ ସଙ୍ଗେ ତାଙ୍କ ଶରୀରରୁ ଦେଦିପ୍ୟମାନ କିରଣ ବାହାରି ଇନ୍ଦ୍ରଙ୍କ ଶରୀରରେ ପ୍ରବେଶ କଲା। ପ୍ରବେଶ କରିବାରେ ତାଙ୍କର କାୟା କୋଟି ସୂର୍ଯ୍ୟସମୟ ତେଜୋମୟ ହୋଇ ଉଠିଲା।

(କ୍ରମଶଃ)



*ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।*

**କ୍ଷୀରୋଦ ଦାସ**

ଭାଗ-୧୯

# ସମ୍ପର୍କର ସୂତା ଖିଅ

**ଘ**ର ଭିତରେ ହରଦମ୍ ଗାରିଗାରିକା ଲୁଙ୍ଗି ଓ ଗଞ୍ଜି ପିନ୍ଧୁଥିବା ମଣିଷ ଜଣେ।

ଆକସ୍ମିକ ଭାବେ ଜୀବନର ସମସ୍ତ ଆବେଗ ଓ ସବୁଜିମା ଉପରକୁ ଓହ୍ଲାଇ ଆସୁଥିଲା ପ୍ରବଳ ଏକ ବୋରଡମ୍।

ରୋଷେଇ ଘରେ ପରିବାର କାଟୁକାଟୁ କିମ୍ବା ଡାଳି ଧୋଉ ଧୋଉ ଅନ୍ୟମନସ୍କ ହୋଇଯାଉଥିଲା ମମତା। ପନ୍ଦର ଦିନ ଧରି ସଫା କରାଯାଇନଥିବା ନଖ ସନ୍ଧିର ମଇଳା। ଫଟା ଶାଢ଼ୀ ଉହାଡରୁ ମଳିନ ପଡିଆସୁଥିବା ଦେହ। ଝାଲୁଆ ମୁହଁ ଓ ଦେହର ରଙ୍ଗ ଫିକା।

ଦୀର୍ଘଶ୍ୱାସ ବାହାରି ଆସେ ମମତାର ଛାତି ଥରାଇ

ଅଥଚ ବର୍ଷକ ପୂର୍ବେ ସଂଭ୍ରାନ୍ତ ବାପା ମା'ଙ୍କର ଅଲିଅଳି ଉଜାଦୁଲାଳୀ ଥିଲା ସେ। ହାତପାଆନ୍ତାରେ ପହଞ୍ଚି ଯାଉଥିଲା ମନ ଚାହୁଁଥିବା ଜିନିଷ। ଶାଢ଼ୀ, ଡ୍ରେସ୍, ଗହଣାର ପ୍ରାଚୁର୍ଯ୍ୟ ମନର ଆଣୁଥିଲା ବିରକ୍ତି। ଦୁଇଜଣ ରୋଷେୟା, ଦି'ଜଣ ଚାକର, ଦି'ଜଣ ମାଳି, ଦୁଇଟା ଆଲିସିସିଆନ କୁକୁର, ଡ୍ୟାଡି, ମମ୍ମି, ଭାଇଙ୍କ ଗହଣରେ ଜୀବନ ଲାଗୁଥିଲା ଅଫୁରନ୍ତ ଉତ୍ସାହ ଆଉ ଶେଷହୀନ ପ୍ରଶାନ୍ତିର ଏକ କମନୀୟ ପରିପ୍ରକାଶ। ରାତି ପାହି ସକାଳ ହେବାଠାରୁ ସଂଧ୍ୟା ଯାଇ ରାତି ହେବା ପର୍ଯ୍ୟନ୍ତ ସମୟ ବିତିଯାଉଥିଲା ନାହିଁ ନଥିବା ଏକ ମସୃଣସ୍ରୋତରେ ତରୀଟିଏ ବାଧହୀନ ଭାବେ ଭାସିଯିବା ପରି।

ହେଲେ ସେସବୁ ଏଠି କାଉଁ? ଅଛି କି? - ମମତା ପ୍ରଶ୍ନ କଲା ନିଜକୁ- "ହଳେ ପ୍ୟାଣ୍ଟ ସାର୍ଟ, ଘୋରି ହୋଇଯାଇଥିବା ହଳେ ଚଟି, ରଙ୍ଗଛଡା ସାଇକେଲଟିଏ ଧରି ଘରଠାରୁ ଆଠ କିଲୋମିଟର ଦୂର ଗୋଟେ ମେଡସିନ୍ ଷ୍ଟୋରକୁ ସକାଳ ଆଠରୁ ଧପାଳୁଥିବା, ସେ'ଠି ଶହ ଶହ ଲୋକଙ୍କୁ ଆଜ୍ଞା ଆଜ୍ଞା କହି କହି ରାତିଅଧବେଳକୁ ଘର୍ମାକ୍ତ ହୋଇ ଫେରି ଗଣ୍ଡାଏ ଖାଇ ଦେଇ ଘୁଙ୍ଗୁଡି ମରା ନିଦରେ ଶୋଇପଡୁଥିବା ଏ ମଣିଷଟିକୁ ତା'ପରି ଝିଅଟିଏ ସ୍ୱାମୀ ବୋଲି ଭାବିବ କାହିଁକି? କି ବିଶେଷତ୍ୱ ଅଛି ତା'ଠାରେ?

ଏକଦା ଯାହା କଥା ଭାବିବା ମାତ୍ରେ ମନ ଭିତରେ ଲହଡି ଭାଙ୍ଗୁଥିଲା ଆନନ୍ଦର ଜୁଆର, ଯାହା କଥା ଭାବିମା ମାତ୍ରେ ସାରା ପୃଥିବୀରେ ଭର୍ତ୍ତି ହୋଇଯାଉଥିଲା ସତେଜ ସବୁଜିମା ଭରା, ରଙ୍ଗ ଭରା ଅସଂଖ୍ୟ ଫୁଲ, ଯାହା କଥା ଭାବିବା ମାତ୍ରେ ରକ୍ତ ମାସଂ ହାଡ ଫେଣ୍ଟି ହୋଇଯାଉଥିଲା ଏକ ମଧୁର ପୀଡାରେ, ଯେଉଁ କଣ୍ଠର ସଙ୍ଗୀତ ଶୁଣିଲେ ହୃଦୟର ତନ୍ତ୍ରୀରେ ତନ୍ତ୍ରୀରେ ସୃଷ୍ଟି ହୋଇଯାଉଥିଲା ନୂପୁରର ଛମ୍‌ଛମ୍ ଝଙ୍କାର, ଏବେ ସସବୁ କଥା ଭାବିବା ମାତ୍ରେ କ'ଣ ପାଇଁ କେଜାଣି ବିଷାକ୍ତ ହୋଇଯାଉଛି ମନ। ସବୁ ଲାଗୁଛି ବିରକ୍ତିକର, ମୂଲ୍ୟହୀନ।

ମମତା! - କେହି ଜଣେ ଡାକିଲା ତା ଭିତରୁ- 'ବର୍ଷକ ପୂର୍ବେ ଏଇ ମଣିଷଟିକୁ ତୁ ଯେ ଜୀବନଠାରୁ ଅଧିକ ଭଲ ପାଉଥିଲୁ, ତା'ପାଇଁ ଘରଦ୍ୱାର, ବାପା-ମା', ଧନସମ୍ପତ୍ତି ସବୁ କିଛିକୁ ଗୋଡ଼ରେ ଆଡ଼େଇ ଦେଇ ଚାଲି ଆସିଥିଲୁ!

"କୁଆଡେ ଗଲା ତୋର ସେଇ ଆବେଗ ଜୁଡୁବୁଡୁ ସୁହାଗ? ସେଇ ସ୍ୱର୍ଗୀୟ ପ୍ରେମର ଇସ୍ତାହାର?

ମମତା କହିଲା, "କବି କଳାକାର ମାନଙ୍କୁ ପ୍ରେମ କରିହୁଏ ସିନା, ବାହା ହେଇ ହୁଏନା। ସେମାନଙ୍କୁ ନେଇ ସ୍ୱପ୍ନର- ତାଜମହଲ ଗଢ଼ିହୁଏ ସିନା, ବାସ୍ତବତାର କୁଡିଆଟିଏ ତୋଳି ହୁଏନା। ଏକଥା ମୁଁ ଜାଣିନଥିଲି। ଜାଣିଥିଲେ ଜୀବନକୁ ଏପରି ଫୋପାଡି ଦେଇନଥା'ନ୍ତି ଯନ୍ତ୍ରଣା ସାଲୁବାଲୁ ଗୋଟେ ନର୍କ ଭିତରକୁ।" - କଇଁ କଇଁ କାନ୍ଦି ଉଠିଲା ମମତା, ଜଣେ ସର୍ବହରା ଛେଣ୍ଡ ପରି। ଧାର ଧାର ଲୁହ ବୋହି ଯାଉଥିଲା ତା' ଆଖିକୁ ଅଭିଭୂତ କରି।

ଏକଥା ସତ ଯେ ବାହା ହେବା ପରେ ସୁରେନ୍ଦ୍ର ହରାଇ ସାରିଥିଲା ନିଜର ମୁକ୍ତ ତଥା କଳାତ୍ମକ ଜୀବନ। ଗୀତ ଲେଖିବା, ଗାଇବା, ଶିଖାଇବାର ଅଦମ୍ୟ ଉତ୍ସାହରେ ପୁଲକିତ ହେବା, ଷ୍ଟେଜ୍ ଉପରେ ମାଇକ୍ରୋଫୋନ୍ ସାମ୍ନାରେ ସଙ୍ଗୀତର ସୀମାହୀନ ଇନ୍ଦ୍ରଧନୁ ଭିତରେ, ଅଗଣିତ ଶ୍ରୋତାଙ୍କ ଉତ୍ସାହିତ କରତାଳିର ମନମତାଣିଆ ଧ୍ୱନି ଭିତରେ ନିଖୋଜ ହୋଇଯିବା ଥିଲା ଜୀବନର ସଂଜ୍ଞା ସତେବେଳେ। ଚାରିପାଖରେ କୌଣସି ପାଚେରୀ ନଥିବା ଜୀବନଟା ଲାଗୁଥିବା ଗୁଣୁଗୁଣୁ ସଙ୍ଗୀତମୟ।

ଏପ୍ରକାର ଜୀବନ ବିପର୍ଯ୍ୟସ୍ତ ହେଲା ମମତା ସହିତ ସଂସାର କରିବାର ଦିନ କେଇଟା ଭିତରେ।

ଏବେ ଆଉ ସମୟ ମିଳେନା ସଙ୍ଗୀତ ସାଧନା ପାଇଁ। ସବୁ ସମୟ କଟେ ଦୋକାନରେ। କ୍ଲାନ ଦେହ ମନ ନେଇ ଘରକୁ ଫେରି କେଉଁଦିନ କେମିତି ଟିକେ ହାରମୋନିୟମ୍ କିମ୍ବା ଗୀଟାର ଧରି ଯଦି ଅକସ୍ମାତ୍ ସେ ବସିଯାଏ, ମମତା ଚିଡ୍ ଚିଡ୍ ହୁଏ। ଯେମିତି ସେ ଦଷ୍କର୍ମଟିଏ କରିପକାଉଛି, ଯେମିତି ଅକ୍ଷମଣୀୟ ଅପରାଧଟିଏ କରି ପକାଉଛି ସେହିପରି ଫଣଫଣ ହୁଏ।

ତା' ପାଇଁ ମମତା ହୃଦୟରେ ପ୍ରବାହିତ ପ୍ରେମର କମନୀୟ ଫଲ୍‌ଗୁଧାର ଯେ ଯା'ଭିତରେ ଶୁଖି ଗଲାଣି, ଏକଥା ଧୀରେ ଧୀରେ ସ୍ପଷ୍ଟ ହୋଇଯାଉଥିଲା ସୁରେନ୍ଦ୍ର ସାମ୍ନାରେ। ସେ ଲକ୍ଷ କରୁଥିଲା ଏକଦା ତା' ପାଇଁ ପାଗଳୀ ହୋଇ ଯାଉଥିବା ଝିଅଟି କେମିତି ସହସା ବଦଳିଯାଇଛି। ଅପରିଚିତ ତଥା ଦୂରନ୍ତ ଜଣା ପଡୁଛି ତା ବ୍ୟବହାର ଓ ଚାଲିଚଳନ!

ଯା ସତ୍ତ୍ୱେ ସୁରେନ୍ଦ୍ର ନିଜର କଳାତ୍ମକ, ସୃଜନଶୀଳ ପ୍ରତିଭାର କିଞ୍ଚିତ ସଦୁପଯୋଗ କରୁଥିଲା ବେଳେବେଳେ। କିଛି କିଛି ଅନୁଷ୍ଠାନ ତାକୁ ଆମନ୍ତ୍ରିତ କରୁଥିଲେ ଅନୁଷ୍ଠାନର ସାଂସ୍କୃତିକ ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ। ଫୁଲତୋଡା ଓ କରତାଳି ଦ୍ୱାରା ସମ୍ବର୍ଦ୍ଧିତ ହେଇ, ଥୋଡେ ପ୍ରଶଂସାକୁ ସାଙ୍ଗରେ ଧରି ସେ ଯେତେବେଳେ ଘରେ ପହଞ୍ଚେ, ଘୃଣାରେ ମୁହଁ ଫେରାଇନିଏ ମମତା।

ତୀକ୍ଷ୍ଣ କଣ୍ଟାଗୁଡାଏ ଫୋଡ଼ି ହୋଇଯାଏ ସୁରେନ୍ଦ୍ର କଳିଜାରେ। ଥପ୍‌ଥପ୍ ହୋଇ ରକ୍ତ ନିଗିଡେ। ଦେହ ଓ ମନ ଭିତରୁ ଆଖି ପିଛୁଳାକେ ଉଭାନ୍ ହୋଇଯାଏ ବଞ୍ଚିବାର ଉତ୍ସାହ ଓ ଆଗ୍ରହ। ଭାରି ଡହଳ ବିକଳ ଲାଗେ। କାନ୍ଦିବାକୁ ମନ ବଳେ।

ଏପରି ସମୟରେ ତା' ଭିତରୁ କେହି ଜଣେ ତା ପିଠି ଆଉଁଷି ଦେଇ ପ୍ରବୋଧନ ଦିଏ- "ବାବୁରେ, ପ୍ରେମିକା ପରି ପତ୍ନୀ ପ୍ରତିଭାରେ ମୁଗ୍ଧ ହୁଏନା। ମୁଗ୍ଧ ହୁଏ ଭଳିକି ଭଳି ଶାଢ଼ୀ ଗହଣାରେ, ଟଙ୍କା ଧନ ପ୍ରାଚୁର୍ଯ୍ୟ ତଥା ଯାବତୀୟ ଘର କରଣାରେ। ତୋ ପ୍ରତିଭାର ଅଂଶୀଦାର ତୁ ନିଜେ। ନିଜ ଭିତରୁ ଆନନ୍ଦ ଖୋଜ୍। ବଞ୍ଚି ଶିଖ୍।"

ଆନନ୍ଦରେ ଆତ୍ମହରା ହେବା ପାଇଁ ଜୀବନ ବିଶେ କିଛି ଦିଏନା। ବରଂ ବେଶ୍ କିଛି ଛଡାଇ ନିଏ ଅପ୍ରତ୍ୟାଶିତ ଭାବେ। ସୁଖମୟ, ପ୍ରତିଶ୍ରୁତିପୂର୍ଣ୍ଣ ଅତୀତ ସହିତ ଅନେକ କିଛି ହଜିଯାଏ ଠିକଣା ବିହୀନ ଗୋଟେ ପ୍ରଖର ସୁଅ ଭିତରେ। ସେ ସୁଅର ଯେତେ ପହଁରିଲେ ବି, ଯେତେ ଗୋଡହାତ ଛାଟିଲେ ବି ସେ ପହଁରିବାର ଶେଷ ନଥାଏ କି ଇପ୍‌ସିତ ଜୀବନଟିର ସତ୍ତା ନଥାଏ।

ଗୋଟେ ଗୋଟେ ମାମୁଲି ଘଟଣା ଜୀବନର ମଙ୍ଗକୁ ଏମିତି ମୋହେ ଯେ, ବିଚରା ମଣିଷ ଦୟନୀୟ ଭାବେ ମକଚି ହୋଇଯାଏ ସେ ଭୟଙ୍କର ଭଉଁରୀ ଭିତରେ।

କୌଣସି ଏକ ଶୀତ ସଂଧ୍ୟାରେ ସ୍ୱେଟର ଜୋଡେ କିଣିବା ପାଇଁ ଦୁହେଁ ବାହାରିଥିଲେ ବଜାର। ଫୁଟ୍‌ପାଥର ନେପାଳୀ ମାନଙ୍କଠାରୁ କିଣିବାକୁ ସୁରେନ୍ଦ୍ର ମାନସିକ ଭାବେ ପ୍ରସ୍ତୁତ ହୋଇ ବାହାରିଥିଲେ ମଧ ବଜାରରେ ପହଞ୍ଚି ମମତା ଜିଦ୍ କଲା 'କେଦାରସନ୍'ରୁ ହିଁ ସ୍ୱେଟର କିଣା ଯିବ। ଫୁଟ୍‌ପାଥରୁ କିଛି କିଣିବାର ଅଭିଜ୍ଞତା ତା'ର ଜମାନାହିଁ।

'କେଦାରସନ୍' ଦୋକାନ ସାମ୍ନାରେ ରିକ୍ସାରୁ ଓହ୍ଲାଇବା ବେଳେ ହିଁ ମମତା ଠିଆ ହୋଇଗଲା ଥମ୍ କରି। ଭୂତ ଦେଖିଲା ପରି ଫେରିଆସିଲା କେଇପାଦ ପଛକୁ। ସୁଟ୍‌କୋର୍ଟ ପରିହିତ ଜଣେ ସୌମ୍ୟଦର୍ଶନ ଯୁବକର ହାତର ହାତ ଛନ୍ଦି ହସ ହସ ମୁହଁରେ ଯେଉଁ ସୁନ୍ଦରୀ ମହିଳା ଜଣକ ଦୋକାନର ପାହାଚରୁ ଓହ୍ଲାଇ ଆସୁଥିଲା, ସେ' ଥିଲା ସେଫାଳୀ। ତା' କଲେଜ ବାନ୍ଧବୀ। ହଠାତ୍ ସେ ସାମ୍ନାସାମ୍ନି ହୋଇଗଲା ତା'ର।

ଅଭିନବ ଆଶ୍ଚର୍ଯ୍ୟଟିଏ ଦେଖିବା ଭଳି ଦୁଇବାନ୍ଧବୀ ପରସ୍ପରକୁ ଆବେଗ ଜୁଡୁବୁଡୁ ଆଖିରେ ଚାହିଁଲେ ଏବଂ କୋଳାକୋଳି ହୋଇଗଲେ।

ସେଫାଳୀ ଚିହ୍ନାଇଦେଲା ତା' ସ୍ୱାମୀଙ୍କୁ। - ମିଷ୍ଟର ପ୍ରଶାନ୍ତ ସାମନ୍ତରାୟ। ଓଏଏସ୍। ଆଡିସିନାଲ୍ ତହସିଲଦାର ଭାବେ ଏଇ ସହରରେ ଫ୍ରେସ୍ ପୋଷ୍ଟିଙ୍ଗ।

ମମତା ଚାହିଁଲା ପ୍ରଶାନ୍ତକୁ। ସ୍ମିତ ହସି ନମସ୍କାର କଲା। ପରେ ପରେ ଚାହିଁଲା ସୁରେନ୍ଦ୍ରକୁ। କି ପରିଚୟ ଦେବ ସେ ନିଜ ସ୍ୱାମୀର? କ'ଣ ତାଙ୍କର ପଦବୀ? ଷ୍ଟାଟସ୍?

(କ୍ରମଶଃ)

## ଭାଗ୍ୟ ସାଜିଲା ଦାଉ

**ସରୋଜ କୁମାର ଜେନା**





**ପୂ**ଜାର ଆଜି ବାହାଘର। ଭାରି ମନ ଖୁସି ବନ୍ଧୁ ପରିଜନଙ୍କର। ସାଙ୍ଗ ସାଥୀମନେ ଆସି ପୂଜାକୁ ସଜେଇ ଦେଉଥାନ୍ତି। ଏପଟେ ମଙ୍ଗନ ଦିନ ଠାରୁ ଦିଅ ମଙ୍ଗୁଳି ହେଲା ବେଳେ। ବାଡୁଅ ପାଣି ଗାଧେଇଲା ବେଳୁ ପୂଜା ଆଖିରେ ଲୁହ। ଏପଟେ ସାଙ୍ଗମାନେ ପୂଜାକୁ ପଚାରୁଥାନ୍ତି ଆରେ ଆଜି ତୁ କାନ୍ଦୁଛୁ କାହିଁକି? ଅସଲ କଥା କିନ୍ତୁ ମନରେ ମାରି ରଖିଥାଏ ଏମିତିରେ ଦିନ ବେଳା ବାହାଘର ହେଉଥାଏ। ମନ୍ଦିର ବିବାହ। ଏଥିନିମନ୍ତେ ସମସ୍ତେ ପ୍ରାୟ ବ୍ୟସ୍ତ ଥାନ୍ତି। ସମୟ ପ୍ରାୟ ୧୨.୦୫ ହେବ ମଧ୍ୟାହ୍ନ। ଠିକ୍ ଏହି ସମୟରେ ବର ଗାଡି ଆସି ପହଞ୍ଚିଲା ଗୋକୁଳାନନ୍ଦ ମନ୍ଦିର ସମ୍ମୁଖରେ। ଝିଅ ପକ୍ଷରୁ ବରକୁ ପାଛୋଟି ନେଲେ ବନ୍ଦାପନା ରୀତିନୀତିରେ। କିଛି ସମୟ ଗଲା ପରେ ବିବାହ ଉତ୍ସବ ଆରମ୍ଭ ହେଲା। ଧୀରେ ଧୀରେ କିଛି ଘଣ୍ଟା ମଧ୍ୟରେ ବିବାହ ଉତ୍ସବ ସମାପନ ହେଲା।

ସଂଧ୍ୟା ହେଇ ଆସୁଥାଏ। ମହାନଦୀର ତଟ ଦେଶରେ ପ୍ରଭୁ ଗୋକୁଳାନନ୍ଦ ମନ୍ଦିର। ସ୍ୱୟଂ ଭଗବାନଙ୍କୁ ସାକ୍ଷୀ ରଖି ବୈଦିକ ନୀତିରେ ପୂଜା ହାତକୁ ସାତ ଜନ୍ମ ପାଇଁ ନୟାଗଡ ଜିଲ୍ଲାର ପଦ୍ମାବତୀ ଗ୍ରାମର ସୁଶାନ୍ତ ରାଉତଙ୍କ ସୁପୁତ୍ର ରମେଶ ରାଉତଙ୍କୁ ପୂଜା ବିବାହ କଲା। ଏଥର ବାରିକ ଭାଇ ଗାଡି ପାଖରୁ ଡାକ ଛାଡିଲା ସମୟ ଯିବାର ହେଲାଣି। ସମସ୍ତେ ଆସବାବପତ୍ର ନେଉଛି ଗାଡିକୁ। ଏହାଶୁଣି ହଠାତ୍ ପୂଜାର ସାନ ବୋଉ ଚେତା ଶୂନ୍ୟ ହୋଇ ପଡିଲେ। ଠିକ୍ ଏହି ସମୟରେ ତାଙ୍କ ପରିବାର ଲୋକ ତାଙ୍କୁ ପାଣି ମାରି ଚେତା କରିଥିଲେ। ବରପୁଅ ଗାଡି ସମ୍ମୁଖରେ ଛିଡା ହୋଇଥାଏ। ଧୀରେ ଧୀରେ ପୂଜା ସମସ୍ତଙ୍କୁ ଧରି କାନ୍ଦିବାକୁ ଲାଗିଥାଏ। ଶେଷରେ ନିଜର ସାନ ବୋଉକୁ ଧରି ପ୍ରବଳ କାନ୍ଦିଲା ବାହୁନି ବାହୁନି। ବିଧିର ବିଧାନ କେ କରିବ ଆନ। ଝିଅ ଜନ୍ମ ପର ଘରକୁ। ଏତେ ଗର୍ଜନ ଫଟା କାନ୍ଦୁ ମୁଁ କେବେ ଦେଖି ନଥିଲି ଏମିତି। ମୁଁ ଏମିତିରେ ସମସ୍ତଙ୍କୁ ଦେଖୁଥାଏ। କିନ୍ତୁ ପୂଜାର ଜନ୍ମ କଲା ପିତା, ମାତାଙ୍କୁ କାଇଁ ପାଇଲି ନାହିଁ। ଯଦିଓ ପୂଜାର ସାନ ଭଉଣୀ ଲିଜା ଓ ତା'ର ସାନ ଭାଇ ଜଗନକୁ ଦେଖୁଥାଏ। କିନ୍ତୁ ତାର ପିତାମାତାଙ୍କୁ ପାଇଲି ନାହିଁ। ହଠାତ୍ ଜଣକୁ ପଚାରିଲି ପୂଜାର ବାପା, ମା' କୁଆଡେ ଗଲେ। ଜଣେ କହିଲା ସେଇବା ତାର ସାନ ବୋଉ ଆଉ ଦାଦା ହେଉଛନ୍ତି ତା'ର ପିତା ଓ ମାତା। ମୁଁ କହିଲି ତୁମେ ଏ କ'ଣ କହୁଛ। ମୁଁ କିଛି ବୁଝି ପାରୁନି। ଏମିତିରେ ଝିଅ ବିଦା ହେଲା ଶାଶୁଘର ଅଭିମୁଖେ। ପ୍ରକୃତ ରହସ୍ୟ କ'ଣ ସଠିକ୍ ଜାଣିବା ପାଇଁ ମୁଁ ଏହି କଥା ପୂଜା ମାଉସୀ ଠାରୁ ବୁଝିଲି। ପ୍ରଥମେ ସେ ମୋତେ ଏହି କଥା ମଙ୍ଗୁ ନଥିଲେ କହିବେ ବୋଲି। ପରବର୍ତ୍ତୀ ପର୍ଯ୍ୟାୟରେ ମୋତେ ସବୁ କଥା କହିଥିଲେ। କହିଲେ ଶୁଣ ସମ୍ବିଦ ବାବୁ। ତୁମେ ଏହି କଥା ଶୁଣିଲେ ଭାବ ବିଭୋଳ ହୋଇଯିବ। ମୁଁ ସେଠିକି ସେଦିନ ବିବାହ ଉତ୍ସବକୁ ଅତିଥି ହୋଇ ଯାଇଥିଲି। ଧୀରେ ଧୀରେ ପୂଜା ମାଉସୀ ମୋତେ ସବୁ କଥା ଖୋଲି କହିଲେ। ମୁଁ ମନ ପ୍ରାଣ ଦେଇ ଏହାକୁ ଶୁଣୁଥାଏ।

ସେଦିନ ଥାଏ ଏକ କଳା ଅନ୍ଧାରର ରାତି। କିଛିଦିନ ପୂର୍ବରୁ ସୁରଟରୁ କାମ ସାରି ଗାଁକୁ ଫେରିଥିଲେ ପୂଜାର ବାପା। କିଛି କମ୍ପାନୀର ପିଏଫ ପଇସା ଧରି ପାଖାପାଖି ଦୁଇଲକ୍ଷ ଟଙ୍କା ହେବ। କିନ୍ତୁ କଣ କରିବା ଯାହା କପାଳରେ ଲେଖା ତାହାକୁ ଭୋଗିବାକୁ ପଡିବ। ଏମିତିରେ ହଠାତ୍ ଗୋଟିଏ ଦିନ ପୂଜା ବାପାଙ୍କ ଦେହ ପ୍ରବଳ ଖରାପ ହୋଇଗଲା। ତାର ବୋଉ ସୁରଭି ସେତେବେଳକୁ କିଛି ବୁଦ୍ଧିବାଟ ପାଇଲା ନାହିଁ। କ'ଣ କରିବ। ପୂଜାର ବାପା ନାରାୟଣ ନାୟକ। ଛାତି ଛାତି ବୋଲି କହି ଗଡି ଯାଉଥାନ୍ତି। ଠିକ୍ ଏହି ସମୟରେ ତା'ର ସାନ ବୋଉ କିଛି ଟଙ୍କା ଯୋଗାଡ କରି ପ୍ରଥମେ ନରସିଂହପୁର ମେଡିକାଲ ପରେ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ କ'ଣ ହେବ କିଛି ସମୟ ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେଦିନ ପୂଜାର ବୋଉ ସୁରଭି ପ୍ରବଳ ଭାଙ୍ଗି ପଡିଥିଲା।

ସେତେବେଳକୁ ପୂଜା ଚାରିବର୍ଷର ହୋଇଥାଏ। ତାର ସାନ ଭଉଣୀ ଲିଜା ଦୁଇ ବର୍ଷର ହୋଇଥାଏ। ଆଉ ସାନ ଭାଇ ଜଗନ ମାତ୍ର ଏକବର୍ଷ ହୋଇଥାଏ। ନିଜ ଜନ୍ମ କଲା ପିତାକୁ ହରାଇଥାଏ ପୂଜା କିନ୍ତୁ କିଛି ଜାଣିପାରୁ ନଥାଏ। ଏମିତିରେ ଶୁଦ୍ଧିକ୍ରିୟା ସରିବା ପରେ କିଛିଦିନ ଅଭାବ ଅନାଟନରେ ଚଳିବା ପରେ ଧୀରେ ଧୀରେ ପିଲା ଗୁଡିକ ବଡ ହେଲେ। କିନ୍ତୁ ପୂଜାର ମାମୁଁ ସନ୍ତୋଷ ଜାଣିବାକୁ ପାଇଲା ତା'ର ଭଉରୀ ସୁରଭି ତା'ଣ ଭିଣେଇ ଯେଉଁ ପିଏଫ୍ ପଇସା ଆଣିଥିଲେ ସେହି ପଇସା ବ୍ୟାଙ୍କରେ ରଖିଛି। ଦିନେ ଏକ ଚକ୍ରାନ୍ତ ଖେଳାଇ ପିଲାପିଲି ଆଉ ସୁରଭିଙ୍କୁ ନେଇ ନିଜ ଗାଁ ମରଦ ମୁଖକୁ ନେଇଗଲା। ସେତେବେଳକୁ ପୂଜା ଜାଣିବାର ହୋଇଗଲାଣି। ହଠାତ୍ ଗୋଟିଏ ଦିନ ସନ୍ତୋଷ ସୁରଭି ସାଥୀରେ ଝଗଡା ଲଗେଇଲା। ଏତେଦିନ ହେଲା ଏଠି ଆସି ରହିଲୁଣୁ ମୋତେ କିଛି ପଇସା ଦେଉନୁ। ସୁରଭି କହିଲା କେଉଁ ପଇସା। ସନ୍ତୋଷ କହିଲା ଜାଣିନୁ କେଉଁ ପଇସା। ବ୍ୟାଙ୍କରେ ନେଇ ଦୁଇଲକ୍ଷ ଟଙ୍କା ଥୋଇଛୁ। ମୋତେ କହୁଛୁ କୋଉ ପଇସା। ସୁରଭି କହିଲା ନାଇ ଭାଇ ଯେଉଁ ପଇସା ଥିଲା ତାହା ତାଙ୍କ ଦେହରେ ମେଡିକାଲରେ ସରିଛି ଆଉ କିଛି ପଇସା ଥିଲା ଯାହା ପିଲାଙ୍କ ପାଠପଢ଼ା ନାନାଦି ଖର୍ଚ୍ଚରେ ସରିଛି। ଆଉ ସ୍ୱଳ୍ପ ପଇସା ବଡଝିଅ ବଡ ହେଲାଣି ତା'ର ନାମରେ ବ୍ୟାଙ୍କରେ ରଖିଛି। ଶେଷରେ ସନ୍ତୋଷ ସୁରଭିକୁ କହିଲା ତୁ ଦେବୁ ନାଁ ନାଇଁ କହିଲୁ। ଏହାଶୁଣି ସୁରଭି କହିଲା ଭାଇ ଏ ତୁ କଣ କହୁଛୁ। ମୋତେ କାହିଁକି ଧମକଉଛୁ। ଏତିକି କାହିଁକି କହିଲା ବୋଲି ସୁରଭି କି ମାନେ ପୂଜାର ବୋଉକୁ ସନ୍ତୋଷ ବାଡେଇ ବାଡେଇ ମାରିଦେଲା। ବାଡେଇଲା ସମୟରେ ପୂଜା ମୋ ବୋଉକୁ ବଞ୍ଚାଅ ବୋଲି ଚିତ୍କାର କରିଥିଲା। କିନ୍ତୁ ଦାଣ୍ଡପଟ କବାଟ ବନ୍ଦ କରିଦେଇଥିଲା ସନ୍ତୋଷ। କିନ୍ତୁ ପୂଜା ଚାଲାଖ ହୋଇ କାହାରି ଏକ ମୋବାଇଲରୁ ସାନବୋଉକୁ କଲ କରିଥିଲା କିନ୍ତୁ ସେ ଆସିଲା ବେଳକୁ ତାକୁ ମାରି ସେହି ଅଗଣାରେ ପୋଡି ଦେଇଥିଲା ବଡ ନୃଶଂସ କାମ କରି ନିଜ ଭଉଣୀକୁ ମାରିବାକୁ ପଛେଇଲା ନାହିଁ ସନ୍ତୋଷ। କିନ୍ତୁ ଏହା ଥାନାରେ ଖବର କେହି ଦେଲେ ନାହିଁ। ଦୁଇଝିଅ ଆଉ ଏକମାତ୍ର ପୁଅକୁ ଆଣି ସେହିଦିନ ଠାରୁ ପାଳିତ ମା' ହିସାବରେ ରଖିଲା ପୂଜାର ସାନବୋଉ ବାସନ୍ତୀ। ଆଜିଯାଏ ବି କେହି ପୂଜାର ମାମୁଁ ଘର କିମ୍ବା ତାର ମାଉସୀ କୌଣସି ସମ୍ପର୍କୀୟ ପଚାରିଲେ ନାହିଁ। ପୂଜା ମାଆ ଚାରିଲା ପରେ ନିଜର ଦୁଇଟି ପିଲା ସହ ଏହି ତିନି ପିଲାଙ୍କୁ ପାଳନ କରିଥିଲେ ପୂଜାର ସାନ ବୋଉ ବାସନ୍ତୀ। ଆଜି ସିନା ପିଲାଗୁଡିକ ମାଆ ଛେଉଣ୍ଡ ଏବଂ ବାପା ଛେଉଣ୍ଡ ହୋଇଗଲେ। କେବେବି ମୋ ନାନୀ ତାଙ୍କୁ ସେହି ସ୍ନେହ ମମତାରୁ ଊଣା କରିନି। ମୁଁ ଏକଥା ସବୁ ଶୁଣି ସାରିଲା ପରେ ମୋ ଆଖିରୁ ଲୁହ ଧାର ଧାର ହୋଇ ବୋହି ଆସିଲା। ସତରେ ବହୁତ କଷ୍ଟ ଦାୟକ ଘଟଣା। କିନ୍ତୁ ପଚାରିଲି ପୂଜା ମାଉସୀକୁ ବାସନ୍ତୀ ମାନେ ପୂଜାର ସାନବୋଉ ତୁମ ବଡ ଭଉଣୀ। ପୂଜା ମାଉସୀ ନିଳୀମା ହଁ କରିଥିଲେ। ହଁ ସେ ମୋ ବଡଭଉଣୀ।

ଶେଷରେ ରାତ୍ର ବହୁତ ହୋଇ ଆସିଥାଏ ମୁଁ ଘର ବାହୁଡା ହେଲି କିନ୍ତୁ ତା'ପୂର୍ବରୁ ବାସନ୍ତୀ ଦିଦିଙ୍କୁ ଦେଖା କରି ଆସିଲି କିଛି ଶାନ୍ତ୍ୱନା ଦେଲି ମଧ୍ୟ। ଯାଇ ତାଙ୍କ ପାଖରେ ପହଞ୍ଚିଲା ବେଳକୁ ଆଖିରୁ ଲୁହ ଝରାଇ କାନ୍ଦୁଥାନ୍ତି। ମୁଁ ବୁଝେଇ କହିଲି କ'ଣ କରିବା ଦିଦି ତୁମ ଭଳି ମା' ଏହି ଦୁନିଆରେ ସମସ୍ତଙ୍କୁ ମିଳୁ। କିନ୍ତୁ ଝିଅ ଜନ୍ମ କରିଛେ ଦିନେ ନା ଦିନେ ପର ଘରକୁ ଯିବେ। ଆଉ ତୁମର ପଣତର ଛାଇ ତଳେ ସେ ବଡ ହୋଇ ଆଜି ପୂଜା ଶାଶୁଘର ଗଲା। ତାହା ତୁମର ମହାନତା। ମୁଁ ଈଶ୍ୱରଙ୍କୁ ଡାକୁଛି ପୂଜାକୁ ଭଲରେ ରଖନ୍ତୁ। ଆଉ ଏହି ସଂସାରରେ ତୁମ ଭଳି ମା ସଭିଙ୍କ ଭାଗ୍ୟରେ ଜୁଟୁ। ଏତିକି କହି ମୁଁ ତାଙ୍କ ପାଦ ସ୍ପର୍ଶ କରି ମୁଣ୍ଡିଆ ମାରି ଘର ବାହୁଡା ହେଲି।

*ବାଲିଝରୀ, ନରସିଂହପୁର, କଟକ*
*ଦୂରଭାଷ : ୯୩୪୮୭୮୩୭୯୧*

## ମହାମାରୀ ଯୋଦ୍ଧା

**ଯୁଧିଷ୍ଠିର ପ୍ରଧାନ**



**ଜ**ମ୍ବୁ ଦ୍ୱୀପେ ଶ୍ରେଷ୍ଠ ପୂଣ୍ୟ ଆର୍ଯ୍ୟାବର୍ତ୍ତ
ଆମ ଜନ୍ମଭୂମି ଭାରତବର୍ଷ
ଜାତି, ଧର୍ମ ପୁଣି ବର୍ଣ୍ଣର ସନ୍ଦେଶ
ଦେଇ ଝରାଇଛି ଅଖଣ୍ଡ ନିର୍ଯାସ
ଋଷିମୁନୀ ଗୁଣୀ ଜ୍ଞାନୀଙ୍କ ସ୍ତବକ
ସଜାଇ ଛାଡିଛି ଅମୀୟ ମହକ।

ଗୀତା ଭାଗବତ ବାଇବେଲ କୋରାନ
ସବୁ ସଂହିତା'ରେ ତତ୍ତ୍ୱ ସଂରକ୍ଷଣ
ଆତ୍ମା ଏକ ସେ' ଯେ ଅମର ସଂସାରେ
ସମସ୍ତେ ସମାନ ପ୍ରଭୁ ଦରବାରେ
ଉଦାର କଣ୍ଠରେ କରେ ଯେ ସ୍ୱୀକାର
ସମଗ୍ର ବସୁଧା ଏକ ପରିବାର।

ମହତ ଉଦ୍ଦେଶ୍ୟ ସାଧନା ପାଇଁ କି
ଆସି ଅଛେ ସର୍ବେ ସଂକଳ୍ପ ନେଇକି
ମନରେ ରହିବ ଯା'ର ଏହି ଭାବ
ବୈକୁଣ୍ଠୁ ଅମୃତ କଳସ ଆଣିବ
ବୈନତେୟ ପ୍ରାୟ କରିଣ ସାହସ
ବଞ୍ଚାଇ ଦେବ ସେ ଏଇ ସାରା ବିଶ୍ୱ
'କରୋନା' ହେଉ ବା ଅନ୍ୟ ମହାମାରୀ
ପଳାଇବ ଛାଡି ଜଗତକୁ ଡରି।

*ମଧୁପୁର, ବାରଙ୍ଗ, କଟକ*
*ଦୂରଭାଷ : ୯୪୩୭୫୬୬୩୯୭*

## କରୋନା ଓ ସରକାର

**ଅକ୍ଷୟ କୁମାର ସାହୁ**



**କ**ରୋନା ଲଢ଼େଇ ଜିତିବା ପାଇଁ
କେନ୍ଦ୍ର ଏବଂ ରାଜ୍ୟ ମିଳି ମିଶି
ଏମିତି ସୁନ୍ଦର ବ୍ୟବସ୍ଥା କଲେ ଯେ
ବିଶ୍ୱବାସୀ ହେଲେ ଖୁସି,
କିନ୍ତୁ ଇଏ କି ଅଜବ କଥା
ଦେଶରେ କରୋନା ଏମିତି ବ୍ୟାପିଲା
ଆମେ କି ପଦକ ଗଲେଣି ଜିତି!
କୋଡିଏଶ ଲକ୍ଷ କୋଟିର ବରାଦ
କରୋନା ଚିକିତ୍ସା ପାଇଁ
ଏକଶ ଚାଳିଶି କୋଟି ଜନତାରେ
ମୁଣ୍ଡ ପିଛା କେତେ ଭାଇ?
ଯେ ଯେଉଁଠି ଥିଲେ ରହି
ଲକ୍ଷେ ଲକ୍ଷେ ଦେଇ, ଛଅ ମାସ ପାଇଁ
ରଖି ଦେଇଥିଲେ ଯାଇକି ନଥାନ୍ତା ହୋଇ।
ସାନିଟାଇଜର, ମାସ୍କ ଦୁର୍ନୀତି
ନ କହିବା ଭାଇ ଭଲ
'ଛ' ଟଙ୍କିଆର ମାସ୍କ ଗୋଟାକୁ
ଷୋହଳ ଟଙ୍କା କିଣା କୌତୁହଳ

କ୍ୱାରେଣ୍ଟାଇନ ହୋମ ଖେଳ
ପ୍ରବାସୀଙ୍କ ଟଙ୍କା ହଡପ ପାଇଁକି
ପିଓ ଓ ବିଡିଓ ମେଳ।
କରୋନା କାରଣୁ ଓକିଲ ବିକିଲେ
କଚେରୀ ହତାରେ ଫଳ
କଳାକାର ପୁଣି ଶୁଖୁଆ ବିକିଲେ
ଚୋର ଖଣ୍ଟ ମାଳ ମାଳ
ପ୍ରବାସୀ ମୁଣ୍ଡରେ କାଳ
ବେପାର, ବେଉସା ବୁଡିଲା ସଭିଙ୍କ
ବେକାରିଆ ହୁଅନ୍ତି ବିକଳ।

କରୋନା କରିଲା ଦୁବକୁ ଦେବତା
ସରପଞ୍ଚ ହେଲେ ଜିଲ୍ଲାପାଳ
କ୍ଷମତା ଦେଖାଇ ସରପଞ୍ଚ ଖେଳେ
ସଟ୍‌ଡାଉନ୍ ଆଉ ଲକଡାଉନ୍ ଖେଳ
ଏବେ ଦିଶୁନାହିଁ ବୁଦ୍ଧି ବଳ
ସଜାଗ ହୋଇକି କରୋନା ନିୟମ
ମାନି ଦେଶବାସୀ ଚଳ।

*ଦୂରଭାଷ :*
*୯୯୩୭୩୭୪୬୦୨୪*









**ଆଦର୍ଶ ମିଶ୍ର**
ଷ୍ଟାଣ୍ଡାର୍ଡ-୧
ନର୍ଥ ସିୟୁଟେ ଏଲିମେଣ୍ଟାରୀ ସ୍କୁଲ
ରୋଡ, ଆଇଲାଣ୍ଡ, ୟୁଏସ୍ଏ

# ଜମିରେ ପାଣି ନମାଡିବାକୁ ନେଇ ମେଘା ପ୍ରକଳ୍ପ ସମ୍ମୁଖରେ ଚାଷୀଙ୍କ ଧାରଣା

**ନରସିଂହପୁର :** ନରସିଂହପୁର ବ୍ଲକ ରେ ଚାଷ ଜମିକୁ ପାଣି ମାଡିବାକୁ ନେଇ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ମେଘା ପ୍ରକଳ୍ପରୁ କାକୁଡିଆ ଗ୍ରାମରେ ଥିବା ଜମି ଗୁଡିକୁ ପାଣି ନମାଡିବା ପ୍ରତିବାଦରେ ମେଘା ପ୍ରକଳ୍ପ ସମ୍ମୁଖରେ ଚାଷୀମାନେ ମଙ୍ଗଳବାର ଧାରଣାଦେଇଛନ୍ତି। ସୂଚନା ଅନୁଯାୟୀ ଜଳସମ୍ପଦ ବିଭାଗ ପକ୍ଷରୁ ଉତ୍ସ- ମହାନଦୀରୁ ଚାଷ ଜମିକୁ ଜଳ ଯୋଗାଇବା ପାଇଁ କାକୁଡିଆ ଗ୍ରାମରେ ଥିବା ଜମିରେ ଉଠା ଜଳସେଚନ ପ୍ରକଳ୍ପ କରାଯାଇଛି। ସେଥିରୁ ଚକ୍ରଗଡ-୩ ବୃହତ ଉଠା ଜଳ ସେଚନ ପ୍ରକଳ୍ପରୁ ଦୁଇହଜାର ହେକ୍ଟର ଜମିରେ ଜଳ ସେଚନ ହେବାକୁ ଥିବା ବେଳେ ଘୋରାଡିଆ-୧ ରୁ ୧୯୫୦ ହେକ୍ଟର ଜମିରେ ପାଣି ମାଡିବା ପାଇଁ ଉକ୍ତ ପ୍ରକଳ୍ପରେ ବ୍ୟବସ୍ଥା କରାଯାଇଛି। ତେବେ ଉକ୍ତ ବ୍ୟବସ୍ଥାକୁ ସୁ ପରିଚାଳନା କରିବାରେ ଅବ୍ୟବସ୍ଥା ଦେଖାଦେଇଛି। ଯାହାଫଳରେ କାକୁଡିଆ ଗ୍ରାମବାସୀଙ୍କ ଜମିରେ ନିର୍ମାଣ ହୋଇଛି ପ୍ରକଳ୍ପ ସତ ମାତ୍ର ସେହି ଗ୍ରାମର ଚାଷୀମାନଙ୍କର ଥିବା ବହୁ ଜମିରେ ପାଣି ମାଡୁ ନଥିବା କୁ ନେଇ ଚାଷୀମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅସନ୍ତୋଷ କୁ ନେଇ ଚାଷୀ ମାନଙ୍କ ପକ୍ଷରୁ ମେଘା ପ୍ରକଳ୍ପ କାର୍ଯ୍ୟ



ନିର୍ବାହୀ ଯନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବି ପତ୍ର ଚାଷୀମାନଙ୍କ ପକ୍ଷରୁ ଦିଆଯାଇଥିଲା। କୁଞ୍ଜବନ ତୋଟାଠାରେ ଥିବା ମେଘା ପ୍ରକଳ୍ପରୁ କାକୁଡିଆ ଗ୍ରାମବାସୀଙ୍କ ଚାଷ ଜମିରେ ହିଡ ଭାଙ୍ଗି ସମାନ କରାଯାଇ ଏହି ପ୍ରକଳ୍ପ ନିର୍ମାର କରାଯାଇଥିଲା। ମାତ୍ର ଚାଷୀମାନଙ୍କ ଜମିରେ ପାଣି ମାଡିବା ପାଇଁ ଆବଶ୍ୟକ ଥିବା ଆଉଟଲେଟ୍ ଚ୍ୟାମ୍ବର ୯ ଟି ଆବଶ୍ୟକ ଥିବା ବେଳେ ମାତ୍ର ୪ଟି ଚ୍ୟାମ୍ବର କରାଯାଇଛି। ଯାହା ଫଳରେ ଶତାଧିକ ହେକ୍ଟର ଜମିରେ ପାଣି ମାଡି ପାରୁନାହିଁ. ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଏହି ପ୍ରସ୍ତାବ କୁ ସରକାରଙ୍କ ନିକଟରେ ଜଣାଇ ତୁରନ୍ତ ପଦକ୍ଷପ ନେବେ ବୋଲି ଗ୍ରାମ ବାସୀଙ୍କୁ ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ ମାତ୍ର ପ୍ରତିଶ୍ରୁତିର ୧୫ ଦିନ ବିତି ଯାଇଥିଲେ ହେଁ କୌଣସି କାର୍ଯ୍ୟକ୍ରମ ବିଭାଗୀୟ ଅଧିକାରୀମାନେ ପଦକ୍ଷପ ନେଇ ନଥିବାରୁ ଆଜି ସକାଳୁ ଗ୍ରାମର ଚାଷୀ ମାନଙ୍କ ପକ୍ଷରୁ ପ୍ରକଳ୍ପ ସମ୍ମୁଖରେ ଦୀର୍ଘ ସମୟ ଧରି ଧାରଣା ଦେଇଥିଲେ। ଚାଷୀମାନଙ୍କ ଧାରଣା ଦେବାପରେ ଉକ୍ତ ପ୍ରକଳ୍ପ ବିଭାଗୀୟ ଅଧରକାରୀ ଶିବ ପ୍ରସାଦ ଶତପଥୀ ଜାଣିବା ପରେ ଉକ୍ତ ଘଟଣା ସଂପର୍କରେ ତାଙ୍କର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ଏହି ଘଟଣାରେ ଦୀର୍ଘ ସମୟଧରି ଚାଷିମାନେ ଧାରଣାରେ ସାମାଜିକ ଦୁରତ୍ୱ ରଖି ବସିବା ପରେ ମେଘା ପ୍ରକଳ୍ପ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ବେହେରା ଘଟଣା ସ୍ଥଳରେ ପହଁଞ୍ଚି ଥିଲେ।

ଚାଷୀ ମାନଙ୍କ ର କହିବା କଥା ଯେ ଆମ ଗ୍ରାମରେ ପ୍ରକଳ୍ପ ଥାଇ ଆମ ଗ୍ରାମର ଜମିରେ ପାଣି ନମାଡି ଅନ୍ୟ ଆଖପାଖ ଗାଁରେ ଥିବା ଜମିରେ ପାଣି ମାଡିବା ଆମ ପାଇଁ ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ସରପଞ୍ଚ ସୁନିଲ କୁମାର ସାହୁ କହିଥିଲେ। ତେବେ ଏହି ଘଟଣାରେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଶ୍ରୀ ବେହରା ଧାରଣାରତ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ତାଙ୍କର ଆବଶ୍ୟକ ଥିବା ଆଉ ୪ ଟି ଆଉଟଲେଟ ଚ୍ୟାମ୍ବର ଏବଂ ମୁଖ୍ୟ ପାଇପରୁ ଆଉ ଏକ ପାଇପର ସଂଯୋଗୀ କରଣ ବ୍ୟବସ୍ଥା ସଂପର୍କରେ ରାଜ୍ୟ ସରାକରଙ୍କୁ ଜଣାଇ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ କହିଥିଲେ। ଏହାପରେ ଉପସ୍ଥିତ ଥିବା ଚାଷୀ ସରୋଜ କୁମାର ସାହୁ, ପ୍ରଭାତ କୁମାର ସାହୁ, ଗ୍ରାମସଭାପତି ପ୍ରକାଶ କୁମାର ବେହେରା, ସମିତି ସଭ୍ୟ ବିଜୟ କୁମାର ସାହୁ, ବିମଳ ପୃଷ୍ଟି,କୁଳମଣୀ ସାହୁ, ଅର୍ନ୍ତଯ୍ୟାମି ସାହୁ, ସରପଞ୍ଚ ଶ୍ରୀ ବେହେରା , କୃଷ୍ଣ ଚନ୍ଦ୍ର ସାହୁ, ଶମ୍ଭୁ ଚରଣ ଦାସ, ବିରଞ୍ଚି ସାହୁ, ଦିଲ୍ଲିପ କୁମାର ବେହେରା, ବ୍ରଜବନ୍ଧୁ ସାହୁ, ବଳରାମ ଦାସ, ସନାତନ ମଳିକ, ସୋମନାଥ ସାହୁ, ସରୋଜ କୁମାର ମଳିକ, ଅନନ୍ତ ଚରଣ ସାହୁ ପ୍ରମୁଖ ବିଭାଗୀୟ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଥିଲେ।

# ପ୍ରଦର୍ଶନୀ ପଡିଆରେ ହେବ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ

**ଭୁବନେଶ୍ୱର :** ରାଜ୍ୟରେ କରୋନା ସଂକ୍ରମଣ ମାମଲା ବୃଦ୍ଧି ପାଉଥିବା ବେଳେ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେଇଛନ୍ତି। ପ୍ରଥମଥର ପାଇଁ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସକୁ ମହାତ୍ମା ଗାନ୍ଧି ମାର୍ଗ ପରିବର୍ତ୍ତେ ପ୍ରଦର୍ଶନୀ ପଡିଆରେ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ଏଥର ରାଜ୍ୟସ୍ତରୀୟ ପରେଡ୍ କେବଳ ପୋଲିସ ବ୍ୟାଣ୍ଡ ପାର୍ଟି, ୩ଟି ପୋଲିସ ବାହିନୀର ଟ୍ରୁପମାନଙ୍କ ଦ୍ୱାରା ଅନୁଷ୍ଠିତ ହେବ। କୋଭିଡ୍ ଯୋଦ୍ଧାମାନଙ୍କ ସହ ସୀମିତ ସଂଖ୍ୟକ ଲୋକଙ୍କୁ ସାମିଲ କରି ଏହି ସ୍ୱାଧୀନତା ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ କରୋନା ମହାମାରୀ ପରିସ୍ଥିତିରେ ସ୍ୱାଧୀନତା ଦିବସ ପାଳନ କିଭଳି କରାଯିବ ସେ ନେଇ ବିଚାରବିମର୍ଶ ହୋଇଥିଲା। କେନ୍ଦ୍ର ସରକାରଙ୍କ ଗାଇଡଲାଇନ ଓ କରୋନା କଟକଣା ମଧ୍ୟରେ ଏହି ଜାତୀୟ ଦିବସକୁ ନିରାଡମ୍ବର ଭାବେ ପାଳନ କରାଯିବ। ଏହି ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନର ସିଧାସଳଖ ପ୍ରସାରଣ ଗଣମାଧ୍ୟମରେ କରାଯିବ ଓ ଲୋକମାନେ ନିଜ ଘରେ ବସି ଟିଭି ମାଧ୍ୟମରେ ସମସ୍ତ କାର୍ଯ୍ୟକ୍ରମ ଦେଖିପାରିବେ। ପୋଲିସ ବ୍ୟାଣ୍ଡ ପାର୍ଟି ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯିବ ଓ ଅନ୍ୟ ୩ଟି ପୋଲିସ ଟ୍ରୁପ୍ ଜାତୀୟ



ପତାକା ଓ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇବେ। ଏହି ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଗୃହ ବିଭାଗ ଓ ସୂଚନା-ଲୋକ ସମ୍ପର୍କ ବିଭାଗ ମିଳିତ ଭାବେ ମଞ୍ଚ ନିର୍ମାଣ, ବ୍ୟାରିକେଡ୍ ତିଆରି, ପାନୀୟ ଜଳ ଯୋଗାଣ, ଆଇନ ଶୃଙ୍ଖଳା ଓ ଅତିଥିଙ୍କ ବସିବା ସ୍ଥାନ ସହ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରିବେ। ଏଥିରେ ସାମାଜିକ ଦୂରତ୍ୱ ଓ କୋଭିଡ ଗାଇଡଲାଇନକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ଆଜିର ଏହି ସମୀକ୍ଷା ବୈଠକରେ ଗୃହ ସଚିବ ସଞ୍ଜିବ ଚୋପ୍ରା, ପୋଲିସ ଡିଜି ଅଭୟଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଂକ୍ରମଣ...

ଉତ୍ତରପ୍ରଦେଶ, କର୍ଣ୍ଣାଟକ, କେରଳ, ଗୋଆ ଆଦି ରାଜ୍ୟରୁ ଓଡ଼ିଶାକୁ ଫେରିଥିବା ପ୍ରବାସୀଙ୍କ ସ୍ୱାବ୍ ନମୁନାରୁ ଏହି ଭୂତାଣୁ ମିଳିଥିବା ଜଣାପଡିଛନ୍ତି। ଗବେଷଣା ପରେ ଏହି ୫ ପ୍ରକାରର କରୋନା ଭାଇରସ ସମ୍ପର୍କରେ ଜଣାପଡିଛି। ଏହି ଗବେଷଣାରେ ସାମିଲ ଥିବା ଆଇଏଲ୍ଏସ୍‌ର ବୈଜ୍ଞାନିକ ସୁନିଲ ରାଘବ କହିଛନ୍ତି, ଉପରୋକ୍ତ ୫ଟି ଭୂତାଣୁ ମଧ୍ୟରୁ ୨୦-ଏ, ୨୦-ବି, ଓ ୨୦-ସି ଅଧିକ ସଂକ୍ରାମକ। ଏହି ଶ୍ରେଣୀର ଭୂତାଣୁ ଶରୀରେ ଥିବା ପ୍ରୋଟିନ ମଧ୍ୟ ଶରୀରରେ ସଂକ୍ରମଣକୁ ବ୍ୟାପକ କରିଦିଏ। ୧୯-ଏ ଓ ୧୯-ବି ଶ୍ରେଣୀର ଭୂତାଣୁ ଦେଶ ବାହାରୁ ଆସିଥିବା ବେଳେ ୨୦-ଏ, ୨୦-ବି ଓ ୨୦-ସି ଶ୍ରେଣୀର ଭୂତାଣୁ ଏଥିରୁ ଉଦ୍ଭବ ହୋଇଛନ୍ତି, ଯାହାକି ସଂକ୍ରମଣ ବଢ଼ିଥିବାରେ ମୁଖ୍ୟ ବାହକ ସାଜିଛି। ଆଇଏଲ୍ଏସ୍ ନିର୍ଦ୍ଦେଶକ ଡ. ପରିଡା କହିଛନ୍ତି, ଭାଇରସ ପ୍ରକାର ମିଳିବା ପରେ ଭ୍ୟାକସିନ ପାଇଁ ସୁବିଧା ହେବ। ଗୋଟିଏ ପ୍ରକାର ଭ୍ୟାକସିନ୍‌ରେ ସମସ୍ତ ଭୂତାଣୁକୁ ରୋକି ହେବ ନାଁ ଅଲଗା ଅଲଗା ଟୀକା ଦରକାର ପଡିବ, ତାହା ସ୍ପଷ୍ଟ ହୋଇପାରିବ। ସର୍ବଭାରତୀୟ ସ୍ତରରେ ଆଇସିଏମ୍ଆର ପକ୍ଷରୁ କରାଯାଇଥିବା ଭାଇରସ ଜେନମ୍ ସିକ୍ୱେନସ ଆନାଲିସିସ କାର୍ଯ୍ୟକ୍ରମରେ ଓଡ଼ିଶାରୁ ସାମିଲ ଥିଲା ଭୁବନେଶ୍ୱର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ ସାଇନ୍ସେସ। ସମଗ୍ର ଦେଶରେ ଆଇଏଲ୍ଏସ୍ ଭଳି ୫ଟି ଅନୁଷ୍ଠାନ ଦ୍ୱାରା ଏହି ଗବେଷଣା କରାଯାଇଛି। ୧୦୩୬ ନମୁନାରୁ ସଂଗୃହୀତ ଭୂତାଣୁର ଜେନମ ସିକ୍ୱେନ୍ସ ଆନାଲିସିସ ହୋଇଛି। ୟୁରୋପୀୟ ଓ ଦକ୍ଷିଣପୂର୍ବ ଏସିଆରୁ ଭୂତାଣୁ ଓଡ଼ିଶାକୁ ସଂକ୍ରମିତ ହୋଇଥିବା ଏହି ବିଶ୍ଳେଷଣରୁ ସ୍ପଷ୍ଟ ହୋଇଥିବା ଆରଏମ୍ଆରସି ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି କହିଛନ୍ତି। ଆଇଏଲ୍ଏସ୍ ନିର୍ଦ୍ଦେଶ ଡା. ଅଜୟ ପରିଡା କହିଛ୍ତି, ଜିନୋମିକ୍ସ ଅଧ୍ୟୟନ ପରେ କରୋନା ସଂକ୍ରମଣକୁ ନେଇ ବହୁ ଉପାଦେୟ ତଥ୍ୟ ହସ୍ତଗତ ହୋଇଛି। ଏହା କୋଭିଡ୍୧୯ ଗବେଷଣା ଦିଗରେ ସହାୟକ ହେବ ଓ ଆଗକୁ ମଧ୍ୟ ଆଇଏଲ୍ଏସ୍‌ରେ ଏହାକୁ ନେଇ ଅଧିକ ଗବେଷଣା ଜାରି ରହିବ ବୋଲି ଶ୍ରୀ ପରିଡା କହିଥିଲେ।

### ଭିଡରୁ ...

ପାଇଁ ପରିବା କିଣିବା ତା'ହେଲେ ମାର୍କେଟରେ ଭିଡ ହ୍ରାସ ପାଇବ। ସେହିଭଳି ଅନେକ ଜିନିଷ ଅନଲାଇନରେ ଅର୍ଡର ମଧ୍ୟ କରାଯାଇ ମାର୍କେଟରେ ଭିଡ କମ କରାଯାଇପାରିବ। କରୋନା କାଳରେ ଅନଲାଇନ ପେମେଣ୍ଟ, ସପିଂ କରି ଲୋକେ ଆମକୁ ସାହାଯ୍ୟ କରିପାରିବେ। ଶିକ୍ଷାନୁଷ୍ଠାନ ଦ୍ୱାରା ଆମକୁ ସହଯୋଗ ସମର୍ଥନ ମିଳିଛି। ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ ଆମ ପାଇଁ ଅନ୍ୟ ଏକ ଚ୍ୟାଲେଞ୍ଜ ଥିଲା ଏବଂ ଏବେ ବି ଅଛି। କିନ୍ତୁ ଘରୋଇ ହସ୍ପିଟାଲରେ ଏବେ କରୋନା ଗାଇଡଲାଇନକୁ କଡାକଡି ଭାବେ ପାଳନ କରାଯାଉଥିବା ପରିଲକ୍ଷିତ ହେଉଛି। ବିଏମ୍‌ସି କମିଶନର କହିଛନ୍ତି, କିଛିଦିନ ଭିତରେ ଆମେ ଟେଷ୍ଟିଂ ବଢ଼ାଇଛୁ। ୟୁନିଟ୍-୧, ମାର୍କେଟ ବିଲ୍ଡିଂ, ମାଛ ମାର୍କେଟ ଓ ପନିପରିବା ମାର୍କେଟ ଆମ ପାଇଁ ଚ୍ୟାଲେଞ୍ଜ ହୋଇଛି। ଆଳୁ ଗଦିରେ ଜଣେ ବ୍ୟକ୍ତି କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ତାଙ୍କରି ଯୋଗୁଁ ପରବର୍ତ୍ତୀ ସମୟରେ ୪୧ଜଣ ଲୋକ କରୋନାରେ ଆକ୍ରାନ୍ତ ହୋଇଥିଲେ। ସେହିଭଳି ମାଛ ମାର୍କେଟରେ ଆମେ କରୋନା ପରୀକ୍ଷା କରିଛୁ। ମାଛ ମାର୍କେଟରୁ ମଧ୍ୟ ୨୧ଜଣ କରୋନା ପଜିଟିଭ ଚିହ୍ନଟ କରିଥିଲୁ। ମାର୍ଛ ମାର୍କେଟରେ ସାମାଜିକ ଦୂରତ୍ୱ ପାଳନ ହେଉନାହିଁ। ଫଳରେ କିଛି ଦିନ ପାଇଁ ୟୁନିଟ୍-୪ ମାଛ ମାର୍କେଟ ବନ୍ଦ କରିଥିଲୁ। ନିକଟରେ ମାଛ ମାର୍କେଟକୁ ଖୋଲାଯାଇଛି। କରୋନା ସଂକ୍ରମଣ ନେଇ ଆଜି ମାର୍କେଟ ଆସୋସିଏସନଙ୍କ ସହିତ ବୈଠକ କରିଥିଲୁ ବୋଲି ଶ୍ରୀ ଚୌଧୁରୀ ସୂଚନା ଦେଇଛନ୍ତି। ବଜାରରେ ବ୍ୟବସାୟୀ ଓ ଗ୍ରାହକ କୋଭିଡ-୧୯କୁ ଗୁରୁତ୍ୱ ଦେଲେ ସଂକ୍ରମଣ ରୋକାଯାଇପାରିବ। ବ୍ୟବସାୟୀ ସଂଘ କୋଭିଡ-୧୯ ଗାଇଡଲାଇନ ପାଳନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଲୋକେ ମାସ୍କ ପିନ୍ଧିବା, ସାମାଜିକ ଦୂରତାକୁ ଗୁରୁତ୍ୱ ଦିଅନ୍ତୁ। ଚାର୍ଟ, ଠେଲା, ଗୁପଚୁପ, ଦୋକାନୀଙ୍କୁ ପାର୍ସଲ ବିକ୍ରି କରିବାକୁ ଅନୁମତି ଦିଆଯାଇଛି। କିନ୍ତୁ ଅନେକ ସ୍ଥାନରେ ଏହାର ଉଲ୍ଲଙ୍ଘନ ହେଉଛି। ବସ୍ତି ଅଞ୍ଚଳରେ କରୋନା ପଜିଟିଭ ଚିହ୍ନଟ ହେବା ପରେ ବସ୍ତି କମିଟି ଗଠନ କରାଯାଇଛି। ସଚେତକ ଟିମ୍ ମାଧ୍ୟମରେ ଆମେ କରୋନା ସଂକ୍ରମଣ ନିୟନ୍ତ୍ରର କରିବା ପାଇଁ ଉଦ୍ୟମ କରୁଛୁ। ୬୦% ବସ୍ତି ଅଞ୍ଚଳରେ ଗୋଟିଏ ବି କରୋନା ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। ରମାଦେବୀ ବସ୍ତିରେ ୨୫୦ଟି ପରିବାରରେ ୧୨୦୦ ଲୋକ ରହୁଛନ୍ତି। ଏଠାରେ ୭ଟି କମିଟି ଗଠନ କରାଯାଇଛି। ଏହି ବସ୍ତିକୁ ଆସିଥିବା ଲୋକେ ପ୍ରଥମେ କଣ୍ଟେନମେଣ୍ଟରେ ରହିଥିଲେ। ଫଳରେ ଜଣେ ବି କରୋନା ପଜିଟିଭ ଚିହ୍ନଟ ହୋଇନାହାନ୍ତି। ବିଏମ୍‌ସି କମିଶନର ଆହୁରି କହିଥିଲେ ଯେ, ପ୍ରାୟ ୧୪୦୦୦ ଲୋକଙ୍କୁ ନେଇ ଆମ ନିକଟରେ ଏକ ସର୍ଭେ କରିଥିଲୁ। ଏଥିରୁ ୧୨୩୬୭ଜଣ ଲୋକ ସଚେତକ ଆପ ଡାଉନଲୋଡ କରିଛନ୍ତି। କୋଭିଡ-୧୯ ନେଇ କୌଣସି ପ୍ରକାରର ଗୁଜବ ଜଣାପଡିଲେ ୧୯୨୯ ହେଲପଲାଇନ୍ ନମ୍ବର, ବିଏମ୍‌ସିର ସଚେତକ ଟିମ୍‌ଏ ଇମେଲରେ ବିଏମ୍‌ସିକୁ ଜଣାଇପାରିବେ। ଆମେ ଏହାକୁ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ନେବୁ।

### ସାବାଡ ...

ସରକାରଙ୍କ ଏହି ନିର୍ଦ୍ଦେଶକୁ କଡ଼ାକଡି ଭାବେ ପାଳନ କରାଯିବ ବୋଲି କମିଶନରେଟ ପୁଲସ ପକ୍ଷରୁ କୁହାଯାଇଛି। ଏହି ସମୟରେ କେବଳ ଅତ୍ୟାବଶ୍ୟକ ସେବାରେ ନିୟୋଜିତ କର୍ମଚାରୀ ଓ ହସ୍ପିଟାଲ ଯିବା କ୍ଷେତ୍ରରେ ଲୋକମାନେ ବାହାରକୁ ଯାଇପାରିବେ। ଏହି ନିୟମ କଟକ ଓ ଭୁବନେଶ୍ୱରରେ ଲାଗୁ କରାଯିବ। ଏଥିସହିତ ଘରେ ରହି ନିଜକୁ ସୁରକ୍ଷିତ ରଖିବା ସହ ପୁଲିସକୁ ସହଯୋଗ କରିବାକୁ କମିଶନରେଟ ପୁଲିସ ପରାମର୍ଶ ଦେଇଛି। ସେହିପରି ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ, ଗର୍ଭବତୀ ମହିଳା ଓ ୧୦ ବର୍ଷରୁ କମ ବର୍ଷର ଶିଶୁଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ଏହା ବ୍ୟତୀତ ସ୍ୱାସ୍ଥ୍ୟ, ପାନୀୟଜଳ, ପରିମଳ, ବିଦ୍ୟୁତ ବିଭାଗ, ଜରୁରିକାଳୀନ ସେବା, କୋଭିଡ-୧୯ ଡ୍ୟୁଟିରେ ଥିବା କର୍ମଚାରୀମାନେ ଏହି ସମୟରେ ଯିବା ଆସିବା କରିପାରିବେ। ଯଦି ଏହି ନିୟମକୁ କେହି ଉଲ୍ଲଂଘନ କରନ୍ତି, ସେମାନଙ୍କ ବିରୋଧରେ ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଆଇପିସିର ଧାର ୧୮୮, ମହାମାରୀ ଆଇନ ୧୮୯୭ରେ ମାମଲା ରୁଜୁ କରାଯିବ ବୋଲି ନିର୍ଦ୍ଦେଶ ରହିଛି। ସେହିପରି ସରକାରଙ୍କ ନିର୍ଦ୍ଦେଶ ମୁତାବକ କୋଭିଡ୍ ନିୟମକୁ କଡ଼ାକଡ଼ି ଭାବେ ଯାଞ୍ଚ କରାଯିବ। ଏଥିସହିତ ଉଲ୍ଲଂଘନକାରୀଙ୍କୁ ସାବାଡ଼ କରିବା ଲାଗି ପୁଲିସ ନୂଆ ଯୋଜନା କରିଛି। ଭୁବନେଶ୍ୱର ଡିସିପି ଏଥିପାଇଁ ଏକ ହ୍ୱାଟ୍ସଆପ ନମ୍ବର ଜାରି କରିଛନ୍ତି। କୌଣସି ସ୍ଥାନରେ ସାମାଜିକ ଦୂରତା, ବିନାମାସ୍କ ଭଳି କୋଭିଡ୍ ନିୟମ ଉଲ୍ଲଂଘନ ହେଉଥିଲେ (୭୪୪୦୦୦୬୭୦୯) ହ୍ୱାଟ୍ସଆପ ନମ୍ବରରେ ଫଟୋ ଓ ଭିଡିଓ ପଠାଇବାକୁ କୁହାଯାଇଛି। ଫଟୋ କିମ୍ବା ଭିଡିଓ ପାଇବା ପରେ ପୁଲିସ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଲୋକଙ୍କ ସୁରକ୍ଷା ପାଇଁ ସାମାଜିକ ଦୂରତା ରକ୍ଷା କରିବା ସହ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ଏଥିସହିତ ସର୍ବସାଧାରଣ ସ୍ଥାନରେ ଛେପ ନପକାଇବା ସହ ୧୦ଜଣରୁ ଅଧିକ ରୁଣ୍ଡ ହେବାକୁ ବାରଣ କରାଯାଇଛି। ଅଧିକାଂଶ ଲୋକେ ନିୟମକୁ ମାନୁଥିବା ବେଳେ ଅଳ୍ପକିଛି ଲୋକ ଏହାକୁ ପାଳନ କରୁନାହାନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୁଲିସ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

### ନିୟମ ...

ଏମ୍‌କେସିଜି ପରିସରରେ ଶୁଭାରମ୍ଭ ହୋଇଥିବା ଦ୍ୱିତୀୟ କୋଭିଡ୍ ହସ୍‌ପିଟାଲରେ ୧୫୦ଟି ଶଯ୍ୟା ରହିଛି ଏବଂ ୨୪ଟି ଆଇସିୟୁର ସୁବିଧା ମଧ୍ୟ ରହିଛି। ସେହିଭଳି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଅର୍ଥ ବିନିଯୋଗରେ ଗୋଳନ୍ଥରାସ୍ଥିତ ଅଶ୍ୱିନୀ କୋଭିଡ୍ ହସ୍ପିଟାଲ ନିର୍ମିତ ହୋଇଛି। ଏଠାରେ ୧୫୦ଟି ଶଯ୍ୟା ଏବଂ ୨୪ଟି ଆଇସିୟୁ ରହିଛି ବୋଲି ମନ୍ତ୍ରୀ ଶ୍ରୀ ଆରୁଖ ସୂଚନା ଦେଇଛନ୍ତି। ଏହି ୨ଟି ହସ୍ପିଟାଲ ଯୋଗେ ଗଞ୍ଜାମ ଜିଲ୍ଲାର କରୋନା ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ପ୍ରଦାନ କରାଯାଇପାରିବ। ଏହା ବ୍ୟତୀତ ବର୍ତ୍ତମାନ ରାଜ୍ୟରେ ପ୍ଲାଜ୍‌ମା ଥେରାପି କରୋନାକୁ ହଟାଇବାରେ ସଫଳ ହୋଇଥିବାରୁ ଆଗାମୀ ଦିନରେ ପ୍ଲାଜ୍‌ମା ଯୋଗେ ଚିକିତ୍ସାକୁ ଅଧିକ ଗୁରୁତ୍ୱ ଦିଆଯିବ। ଯେଉଁ ବ୍ୟକ୍ତିମାନେ ଜିଲ୍ଲାରେ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେବା ପରେ ସୁସ୍ଥ ହୋଇଛନ୍ତି, ସେମାନେ ପ୍ଲାଜ୍‌ମା ଦାନ କରିବାକୁ ଆଗଭର ହୁଅନ୍ତୁ ବୋଲି ମନ୍ତ୍ରୀ ଶ୍ରୀ ଆରୁଖ ନିବେଦନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ଜିଲ୍ଲାରେ ୨୯୦ ଜଣ ପ୍ଲାଜ୍‌ମା ଦାନ କରିବା ପାଇଁ ପଞ୍ଜିକୃତ ହୋଇଛନ୍ତି। ରାଜ୍ୟ ସରକାର ଖୁବ୍‌ଶୀଘ୍ର ବ୍ରହ୍ମପୁର ଏମ୍‌କେସିଜିରେ ପ୍ଲାଜ୍‌ମା ବ୍ୟାଙ୍କର ବ୍ୟବସ୍ଥା କରିବେ। ଫଳରେ ପ୍ଲାଜ୍‌ମା ସଂଗ୍ରହ କରିବାର ସୁବିଧା ରହିବ ବୋଲି ଶ୍ରୀ ଆରୁଖ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏମ୍‌କେସିଜିଠାରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଟି. ଆପାଙ୍ଗ ଆଓ, ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ବ୍ରହ୍ମପୁର ଉପ-ଜିଲ୍ଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ବ୍ରହ୍ମପୁରର ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଟାଟା କୋଭିଡ୍ ହସ୍ପିଟାଲର ପରିଚାଳନା ଦାୟିତ୍ୱରେ ଥିବା ଡାକ୍ତର ଉମା ଶଙ୍କର ମିଶ୍ର, ଏମ୍‌କେସିଜି ମେଡିକାଲ କଲେଜ ଅଧକ୍ଷା ତଥା ଡିନ୍ ପ୍ରଫେସର ଦୀପ୍ତିମୟୀ ତ୍ରିପାଠୀ, ଏମ୍‌କେସିଜି ମେଡିକାଲ କଲେଜ ହସ୍ପିଟାଲର ଅଧୀକ୍ଷକ ପ୍ରଫେସର ଡାକ୍ତର ସନ୍ତୋଷ କୁମାର ମିଶ୍ର, ଗଞ୍ଜାମ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ଉମା ଶଙ୍କର ମିଶ୍ର, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ସୁନିଲ ଅଗ୍ରୱାଲ, ପ୍ରଶାସନିକ ଅଧିକାରୀ ସଚିଦାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଦେଶରେ ବଢ଼ିଲେ...

ପ୍ରକଳ୍ପ ରହିଥିବା ବେଳେ ଓଡ଼ିଶାରେ ୨ଟି ଅଭୟାରଣ୍ୟ ରହିଛି। ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ମୋଟ ୨୭୫୦ ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ ଥିବା ବେଳେ ସେଠାରେ ପ୍ରାୟ ୧୧୯୪ ବର୍ଗ କିଲୋମିଟର ଅଞ୍ଚଳରେ ବ୍ୟାଘ୍ର ଚଳାଚଳ କରନ୍ତି। ସେହିପରି ସାତକୋଶିଆ ଅଭୟାରଣ୍ୟ ୯୬୩ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ ଥିବାବେଳେ ୫୨୩ କିଲୋମିଟର ଅଞ୍ଚଳରେ ବ୍ୟାଘ୍ର ଗତିବିଧି ଦେଖାଦେଇଥାଏ। ରାଜ୍ୟରେ ବାଘଙ୍କ ବଂଶ ବିସ୍ତାର ପାଇଁ ଅନୁକୂଳ ପରିବେଶ ଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିପାଇଁ ଗତ ଆର୍ଥିକ ବର୍ଷକୁ ବିଚାରକୁ ନିଆଯାଇପାରେ। ୨୦୧୯-୨୦ରେ ଶାତକୋଶିଆ ପାଇଁ ୯ କୋଟି ୬୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ୫ କୋଟି ୨୩ ଲକ୍ଷ ଟଙ୍କା ମିଳିଛି। ସେହିପରି ଶିମିଳିପାଳ ଅଭୟାରଣ୍ୟ ପାଇଁ ୧୫ କୋଟି ୬୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ୬ କୋଟି ୬୦ ଲକ୍ଷ ଟଙ୍କା ମିଳିସାରିଛି। ମାତ୍ର ଫଳାଫଳ ଶୂନ। ଏନେଇ ଓଡ଼ିଶା ପରିବେଶ ସମିତିର ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି ଯେ ବାଘ ସଂଖ୍ୟା ଅପରିବର୍ତ୍ତିତ ରହିବା ଆମ ପାଇଁ ନିହାତି ଭାବେ ନିରୁତ୍ସାହଜନକ ଘଟଣା। ଆମେ ବାଘ ସଂଖ୍ୟା ବଢ଼ିବା ପାଇଁ କେବଳ ଶିମିଳିପାଳ ଉପରେ ନିର୍ଭର କରୁଛେ। ମାତ୍ର ଶାତକୋଶିଆକୁ ସେତେଟା ଗୁରୁତ୍ୱ ଦେଉନେ; ଯାହା ନିକଟ ଅତୀତରୁ ସ୍ପଷ୍ଟ ପ୍ରମାଣିତ ହୋଇଛି। ଶାତକୋଶିଆରେ ମହାବଳ ବାଘ ସହ କ'ଣ ଘଟିଲା, ତାହା ଅଳ୍ପ ବହୁତେ ସମସ୍ତଙ୍କୁ ଜଣା।

### 'ନୂଆ ଶିକ୍ଷାନୀତି...

ପାରିଥିବାରୁ ଅଂଶଗ୍ରହଣକାରୀ ଏବଂ ଆୟୋଜକମାନଙ୍କୁ ମୁଁ ଅଭିନନ୍ଦନ ଜଣାଉଛି। ପ୍ରତିଯୋଗିତାର ଚୂଡାନ୍ତ ପର୍ଯ୍ୟାୟକୁ ଆସିଥିବା ଜଣେ ଅଂଶଗ୍ରହଣକାରୀଙ୍କ ବୃଷ୍ଟିପାତ ପୂର୍ବାନୁମାନ ମଡେଲର ପରିକଳ୍ପନାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରି କହିଲେ, ଉଦ୍ଭାବନ ସଫଳ ହେଲେ, ଭାରତ ଭଳି କୃଷିପ୍ରଧାନ ଦେଶର ଚାଷୀମାନଙ୍କୁ ଭାରି ସହାୟକ ହେବ। ପ୍ରଧାନମନ୍ତ୍ରୀ ମୋଦୀ 'ସ୍ମାର୍ଟ ଇଣ୍ଡିଆ ହାକାଥନ୍ ୨୦୨୦' ଗ୍ରାଣ୍ଡ ଫିନାଲେରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଦନ ଦେଉଥିଲେ। ଏ ବର୍ଷ ପ୍ରାୟ ୧୦୦୦୦ ଛାତ୍ରଛାତ୍ରୀ ହାକାଥନ୍ ଅଂଶଗ୍ରହଣ କରିଛନ୍ତି। ଶନିବାର ଠାରୁ ଆରମ୍ଭ ହୋଇଥିବା 'ସ୍ମାର୍ଟ ଇଣ୍ଡିଆ ହାକାଥନ୍ ୨୦୨୦' (ସଫ୍ଟୱେର) ଆସନ୍ତା ୩ ତାରିଖ ଯାଏଁ ଚାଲିବ। ଏହା ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ 'ଅଲ୍ ଇଣ୍ଡିଆ କାଉନ୍‌ସିଲ୍ ଫର୍ ଟେକ୍ନିକାଲ ଏଜୁକେସନ'ର ପର୍ସିଷ୍ଟେଣ୍ଟ ସିଷ୍ଟମ୍ସ ଆଣ୍ଡ ଆଇସି ଦ୍ୱାରା ଆୟୋଜନ କରାଯାଇଛି। ପ୍ରାରମ୍ଭରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଡକ୍ଟର ରମେଶ ପୋଖରିୟାଲ ନିଶଙ୍କ ଘୋଷଣା କରିଥିଲେ ଯେ, ବିଜେତା ୧ ଲକ୍ଷ ଟଙ୍କାର ନଗଦ ପୁରସ୍କାର ପାଇବେ।

### ବଞ୍ଚିବାର ...

ମାସ ତଳେ କୋଭିଡ଼-୧୯ ଯୋଗୁଁ ପ୍ରଶାସନ ତରଫରୁ ଲକ୍‌ଡ଼ାଉନ ଘୋଷିତ ହୋଇଥିବା ବେଳେ ରବିନ୍ଦ୍ର ଅଡ଼ାଳପଙ୍କ ବଜାରସ୍ଥ ଏକ ପରିତ୍ୟକ୍ତ ଘରେ ଅବହେଳିଳ ଭାବେ ଜୀବନ ବିତାଉଥିଲେ। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲା ଓ ବ୍ଲକ ପ୍ରଶାସନ ନିର୍ଦ୍ଦେଶ କ୍ରମେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜମାଦାର ମୁଣ୍ଡା ତାଙ୍କୁ ଏକ ଟ୍ରାଇସାଇକେଲ ପ୍ରଦାନ କରିଥିଲେ ଏବଂ ପ୍ରଶାସନ ଖୁବ ଶୀଘ୍ର ତାଙ୍କୁ ଭତ୍ତା ପ୍ରଦାନ କରିବା ସହ ତାଙ୍କ ନାମକୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅର୍ନ୍ତଭୁକ୍ତ କରିବାର ଘୋଷଣା କରିଥିଲେ ସୁଦ୍ଧା ସେ ଆଜି ପର୍ଯ୍ୟନ୍ତ ଏଥିରୁ ବଂଚିତ ହୋଇଛନ୍ତି । କୋଭିଡ଼-୧୯ ପରି ମହାମାରୀର ପ୍ରକୋପ ସମୟରେ ବିଚରା ରବିନ୍ଦ୍ର ଖାଦ୍ୟ ଅନ୍ୱେଷଣରେ ବିଭିନ୍ନ ପଂଚାୟତ ଘୁରି ବୁଲୁଥିବାର ଦେଖିବାକୁ ମିଳୁଛି । ଏହି ବିଷୟରେ ପୂର୍ବରୁ ଭିନ୍ନକ୍ଷମ ବିଭାଗର ଅତିରିକ୍ତ ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ନିଶାକର ଖୁଣ୍ଟିଆଙ୍କୁ ଯୋଗାଯୋଗ କରିବାରୁ ସରକାରଙ୍କ ନୂତନ ଗାଇଡ଼ ଲାଇନ ଅନୁସାରେ ଅନଲାଇନ ମାଧ୍ୟମରେ ଭତ୍ତା କାର୍ଯ୍ୟ ସଂପର୍ଣ୍ଣ ହେଉଥିବାରୁ ରବିନ୍ଦ୍ରଙ୍କୁ ଏହା ମିଳିବାରେ ବିଳମ୍ବ ଘଟୁଛି । ଖୁବ୍ ଶୀଘ୍ର ତାଙ୍କୁ ଭତ୍ତା ପ୍ରଦାନର ସୁବନ୍ଦୋବସ୍ତ କରାଯିବାର ସେ ପ୍ରକାଶ କରିଥିଲେ । ସରପଂଚ ବିଜୟ ବିଶ୍ୱାଳଙ୍କୁ ଯୋଗାଯୋଗ କରିବାରୁ ଖୁବ୍ ଶୀଘ୍ର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ତାଙ୍କୁ ଅର୍ନ୍ତଭୂକ୍ତ କରାଯାଇ ରାସନ ସାମଗ୍ରୀ ପ୍ରଦାନ କରାଯିବା ସେ ପ୍ରକାଶ କରିଥିଲେ ।

# 'ନୂଆ ଶିକ୍ଷା ନୀତି ଏକ ଯୁଗାନ୍ତକାରୀ ପଦକ୍ଷେପ'

**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଜାତୀୟ ଶିକ୍ଷା ନୀତି ୨୦୨୦କୁ ମଞ୍ଜୁରି ମିଳିଛି। ଏହା ଦେଶରେ ଉଭୟ ବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବ୍ୟାପକ ସଂସ୍କାରମୂଳକ ପରିବର୍ତ୍ତନ ଆଣିପାରିବ। ଏହା ଏକବିଂଶ ଶତାବ୍ଦୀର ପ୍ରଥମ ଶିକ୍ଷା ନୀତି ଯାହା ୩୪ ବର୍ଷ ପୁରୁଣା ଜାତୀୟ ଶିକ୍ଷା ନୀତି, ୧୯୮୬ ସ୍ଥାନରେ ଲାଗୁ ହେବ। ଏହି ନୂଆ ନୀତିର ମୂଳସ୍ତମ୍ଭ ଗୁଡ଼ିକ ହେଲେ ପହଁଚ, ସମାନତା, ଗୁଣବତା, ସୁଲଭତା ଓ ପାରଦର୍ଶିତା। ୨୦୩୦ ସ୍ଥାୟୀ ବିକାଶ ଲକ୍ଷ୍ୟ ଅନୁରୂପ ଏହି ଶିକ୍ଷା ନୀତିକୁ ପ୍ରସ୍ତୁତ କରାଯାଇଛି। ଏହି ନୀତି ମାଧ୍ୟମରେ ଭାରତକୁ ଏକ ଉଜ୍ଜ୍ୱଳ ଜ୍ଞାନ ସମାଜ ଏବଂ ବୈଶ୍ୱିକ ଜ୍ଞାନ ମହାଶକ୍ତି ଭାବେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ନୀତି ଦେଶର ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଶିକ୍ଷାକୁ ଆହୁରି ସାମଗ୍ରିକ, ନମନୀୟ, ବହୁବିଷୟକ କରିବା ସହିତ ଏକବିଂଶ ଶତାବ୍ଦୀର ଆବଶ୍ୟକତାର ଆବଶ୍ୟକତା ପ୍ରତି ଧ୍ୟାନ ଦେବ। ଏହା ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଅଭିନବ ସାମର୍ଥ୍ୟକୁ ଆହୁରି ବିକଶିତ କରିବ। ଏଭଳି ଏକ ଐତିହାସିକ ଶିକ୍ଷା ନୀତି ଆଣଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଶ୍ରୀ ରମେଶ ପୋଖରିଆଲ ନିଶଙ୍କ ଙ୍କୁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଧନ୍ୟବାଦ ଜଣାଇବା ସହ କୃତଜ୍ଞତା ଜଣାଇଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ, ନୂଆ ଶିକ୍ଷା ନୀତି ଅନୁଯାୟୀ ପଂଚମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ନିଜ ମାତୃଭାଷା ପଢିବା ବାଧ୍ୟତାମୂଳକ । ଏହା ଦ୍ୱାରା ପିଲାମାନେ ନିଜ ମାତୃଭାଷା ସମ୍ବନ୍ଧରେ ବ୍ୟାପକ ଭାବେ ତଥ୍ୟ ଜାଣିପାରିବେ । ତିନୋଟି ଭାଷା ସୂତ୍ର ସମେତ, ବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାର ସମସ୍ତ ସ୍ତରରେ ସଂସ୍କୃତ ଭାଷାରେ ପଢ଼ିବାର ଏକ ବିକଳ୍ପ ଛାତ୍ରଛାତ୍ରୀଙ୍କ ନିକଟରେ ରହିବ। ଏହି ନୀତିର ଲକ୍ଷ୍ୟ ୨୦୩୦ ସୁଦ୍ଧା ଶତପ୍ରତିଶତ ଯୁବକ ଓ ପ୍ରୌଢ଼ଙ୍କୁ ସାକ୍ଷରତା ପ୍ରଦାନ କରିବା। ଶିକ୍ଷା କ୍ଷେତ୍ରରେ ସାର୍ବଜନୀନ ନିବେଶକୁ ପ୍ରୋତ୍ସାହନ ଦେବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାମ କରିବେ ଯାହାଫଳରେ ଜିଡିପିରେ ଏହାର ଯୋଗଦାନ ଯଥାଶୀଘ୍ର ୬% ହୋଇପାରିବ। ଦୁଇ କୋଟି ସ୍କୁଲ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଧାରାକୁ ଆଣିବ ଏହି ନୂଆ ଶିକ୍ଷା ନୀତି । ଦୀର୍ଘ ୩୪ ବର୍ଷ ପରେ ଭାରତକୁ ବିଶ୍ୱରେ ଶ୍ରେଷ୍ଠ ଦେଶ କରି ତୋଳିବାରେ ଏହି ନୀତି ମାର୍ଗଦର୍ଶକ ହେବ। ଏହି ନୂଆ ଶିକ୍ଷା ନୀତିରେ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷା ପ୍ରତି ଗୁରୁତ୍ୱାରୋପ କରାଯାଇଛି। ଏଥିପାଇଁ ବିଦ୍ୟାଳୟ ପୁରୁଣା ୧୦+୨ ପାଠଖସଡ଼ା ସ୍ଥାନରେ ୫+୩+୩+୪ ପାଠ୍ୟକ୍ରମ ଢାଂଚା ଲାଗୁ କରିବା ଲାଗି ପ୍ରସ୍ତାବ ଦିଆଯାଇଛି। ଏଥିପାଇଁ ବୟସ ଯଥାକ୍ରମେ ୩-୮, ୮-୧୧, ୧୧-୧୪ ଏବଂ ୧୪-୧୮ ରଖାଯାଇଛି। ସାଧାରଣତଃ ୩-୬ ବର୍ଷ ବୟସ ଶିଶୁର ମେଧାଶକ୍ତି ବିକଶିତ ହେବାର ଗୁରୁତ୍ୱପୂର୍ଣ୍ଣ ସମୟ ବୋଲି ବିଶ୍ୱସ୍ତରରେ ଗ୍ରହଣ କରାଯାଇଛି। ପୂର୍ବରୁ ରାଇଟ ଟୁ ଏଜୁକେସନ ଆକ୍ଟ ୬-୧୪ ଥିବାବେଳେ ଏବେ ଏହା ୩-୧୮ ବର୍ଷ କରାଯାଇଛି, ଯାହାକି ଏକ ଯୁଗାନ୍ତକାରୀ ପଦକ୍ଷେପ । ନୂଆ ଶିକ୍ଷା ନୀତିରେ ଛାତ୍ରଛାତ୍ରୀଙ୍କ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି। ନୂଆ ବ୍ୟବସ୍ଥାରେ ୧୨ ବର୍ଷର ବିଦ୍ୟାଳୟ ଶିକ୍ଷାଦାନ ସହିତ ତିନି ବର୍ଷର ଅଙ୍ଗନୱାଡ଼ି/ପ୍ରାକ ବିଦ୍ୟାଳୟ ଶିକ୍ଷାଦାନକୁ ସାମିଲ କରାଯାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି।

# ଅମାନିଆଙ୍କ ଠାରୁ ଜରିମନା ଆଦାୟ

**ନରସିଂହପୁର :** କୋରୋନାକୁ ପ୍ରତିହତ କରି ପ୍ରତ୍ୟକ ମଣିଷ ନିଜକୁ ସୁରକ୍ଷିତ ରଖିବା ସହ ସମାଜକୁ ସୁରକ୍ଷା ରଖିବା ପାଇଁ ସରକାରୀ ସ୍ତରରେ ବ୍ୟାପକ ସଚେତନତା ଓ ପଦକ୍ଷପ ଗ୍ରହଣ କରାଯାଇଛି। ଗହଳିକୁ ନଯିବା ,ଗହଳି ନକରିବ. ସାମାଜିକ ଦୁରତା ରକ୍ଷା କରିବା, ଅତି ଜରୁରୀକାମ ନଥିଲେ ଘରୁ ନବାହାରିବା, ବାହାରକୁ ଗଲେ ମାସ୍କ ପିନ୍ଧିବା ଭଳି ସଂପର୍କରେ ପ୍ରଶାସନ ପକ୍ଷରୁ ବାରମ୍ବାର ସଚେତନତା କରାଯାଇଛି। ତଥାପି କିଛି ଅମାନିଆ ଅଭ୍ୟାସଗତ ଭାବେ ଏହି ସବୁ କୋଭିଡ କଟକଣାକୁ ଅମାନ୍ୟ କରି ଚାଲିଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ସ୍ଥିତି ଯେତେ ବି ଗମ୍ଭୀର ହେଲେ ଚେତଉ ନଥିବା ଦେଖାଯାଇଛି। କୋରୋନା ର ଗମ୍ଭୀର ପରିସ୍ଥିତିକୁ ନଜରରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବାହାର ଜିଲ୍ଲା କିମ୍ବା ରାଜ୍ୟର ଲୋକଙ୍କୁ ନରସିଂହପୁର ଅଞ୍ଚଳରେ ପ୍ରବେଶ ନିଶେଦ୍ଧାଦେଶ ଜାରି ହୋଇଛି। ଏହି ପରିପ୍ରେକ୍ଷିରେ ଜିଲ୍ଲାପାଳ ଭବାନୀ ଶଙ୍କର ଚଇନୀଙ୍କ ନିର୍ଦ୍ଦେଶ କ୍ରମେ ନରସିଂହପୁର ତହସିଲ ନାକାବନ୍ଦି କରାଯାଇ ପ୍ରବେଶ ପଥରେ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରାଯାଇଛି। ଏପରି ସ୍ଥଳେ ନରସିଂହପୁର ପଞ୍ଚମୁଖୀ ଛକଠାରେ ପୁଲିସ



ପ୍ରଶାସନ ତରଫରୁ ଯାଞ୍ଚ କରାଯାଇ ବିଭିନ୍ନ ଅମାନିଆଙ୍କ ଠାରୁ ତିନି ଦିନରେ ୨୭୨୦୦ ଟଙ୍କାର ଜୋରିମାନା ଆଦାୟ ହୋଇଥିବା ଜଣାପଡିଛି। ଆଜିର ଜୋରିମାନା ଆଦାୟ ବେଳେ ତହସିଲଦାର ଆକାଶ ରଞ୍ଜନ ସାହୁଙ୍କ ତତ୍ୱାବଧାନରେ ନରସିଂହପୁର ପୁଲିସ ପକ୍ଷରୁ ଏସଆଇ ସାବିତ୍ରୀ ଦଳେଇ , ସମ୍ମିତ କୁମାର ବେହେରା, ଆର. ଏନ ପାଠୀ, ମଦନମୋହନ କାଜି, ପ୍ରଫୁଲ୍ଲ ବେହେରା ଙ୍କ ଉପସ୍ଥିତରେ ଜୋରିମନା ଆଦାୟ ହୋଇଛି। କରୋନା ର ଭୟାବହତା ଅଞ୍ଚଳରେ ଦିନକୁ ଦିନ ବଢି ଚାଲିଥିବା ବେଳେ କୋଭିଡ- ୧୯ ର ସରକାରଙ୍କ କଟକଣାକୁ ପାଳନ କରିବାକୁ ବାରମ୍ବାର ଲୋକଙ୍କୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସଚେତନତା କରାଉଥିଲେ ମଧ୍ୟ ଲୋକେ ଏବେ ବି ବୁଝୁ ନଥିବା ଦେଖାଦେଇଛି।



# ମହିମାମୟୀ ମା' ଚଣ୍ଡୀ ଓ ବାବା ପାରକେଶ୍ୱର ମହାଦେବ

**ଭଦ୍ରକ,(ବିକାଶ କୁମାର ଧଳ):** ମନୁଷ୍ୟ ଏପରି ଏକ ପ୍ରାଣୀ ଯିଏକି ଧରାପୃଷ୍ଠକୁ ସ୍ପର୍ଶ କରି ଲୀନ ହେବା ଭିତରେ କୌଣସି ନା କୌଣସି ମୂହୂର୍ତ୍ତରେ ଦେବାଦେବୀଙ୍କ ଆଶ୍ରିତ ହୋଇଥାଏ । ସେହି ଦେବାଦେବୀ ମନୁଷ୍ୟର ଭକ୍ତିରୂପକ ଅର୍ଘ୍ୟରେ ଆଶ୍ରୀର୍ବାଦ ରୂପକ ଆଲୋକ ପ୍ରଦାନ କରି, ବିଭିନ୍ନ ଅଂଚଳରେ ବିଭିନ୍ନ ରୂପରେ ଆର୍ବିଭୂତ ହୋଇ, ମନୁଷ୍ୟର ଚଲାପଥକୁ ସୂଚାରୁ ରୂପେ ପରିଚାଳନା କରିଥାଆନ୍ତି । ବନ୍ତ ବ୍ଲକ ଅନ୍ତର୍ଗତ ଆଗରପଡ଼ାର ପୁରୁଷଣ୍ଡ ଗ୍ରାମରେ ମହିମାମୟୀ ମା' ଚଣ୍ଡୀ ଓ ମହିମାମୟ ଶ୍ରୀଶ୍ରୀ ପାରକେଶ୍ୱର ମହାଦେବ (ବୁଢ଼ାମହାଦେବ)ଙ୍କର ଅଲୌକିକ ବାର୍ତା ସଂପର୍କରେ ଭଦ୍ରକରୁ ବିକାଶ କୁମାର ଧଳଙ୍କର ସ୍ୱତନ୍ତ୍ର ଆଲେଖ୍ୟ । ଆଜକୁ ଚାରିଶହରୁ ଉର୍ଦ୍ଧ୍ୱ ବର୍ଷପୂର୍ବେ ତିନି ବନ୍ଧୁ ଯଥା:- ସଟୁଆ, ପାଣୁଆ ଓ ଚନ୍ଦୁଆ କୌଣସି କାରଣ ବସତଃ କାଂଚି ଯାତ୍ରା କରିଥାନ୍ତି ଓ ସେଠାରୁ ଫେରିବା ସମୟରେ ତାଙ୍କ ସାଥିରେ ମା' ଚଣ୍ଡୀଙ୍କ ଆଗମନ ହୋଇଥାଏ । ମା' ଚଣ୍ଡୀ ତାଙ୍କୁ ନିର୍ଦ୍ଦେଶ ଦିଅନ୍ତି ଯେ ତୁମେ ଆଗେଆଗେ ଚାଲ ମୁଁ ତୁମ ପଛେପଛେ ଚାଲୁଛି । ତୁମେ ଯେଉଁଠାରେ ପଛକୁ ବୁଲି ଚାହିଁବ ମୁଁ ସେହିଠାରେ ପଥର ପାଲଟିଯିବି । ମା'ଙ୍କ ନିର୍ଦ୍ଦେଶ ମାନି କାଂଚିରୁ ତିନି ବନ୍ଧୁ ତାଙ୍କ ଗନ୍ତବ୍ୟ ପଥରେ ଆଗମନ ହୁଅନ୍ତି ଏବଂ ଏପରି ଏକ ପରିସ୍ଥିତି ସୃଷ୍ଟି ହୁଏ ଯେଉଁଠାରେ ମା' ଚଣ୍ଡୀଙ୍କ ନୂପୁର ଶବ୍ଦ ଶୁଣି ନପାରି ତିନି ବନ୍ଧୁ ପଛକୁ ଚାହିଁ ମାତାଙ୍କ ଉପସ୍ଥିତିକୁ ଅନୁଭବ କରିବା ସ୍ଥଳେ ମାତା ପଥର ପାଲଟି ଯାଇ ଏହି ଆଗରପଡ଼ାର ପୁରୁଷଣ୍ଡ ଗ୍ରାମରେ ଅବସ୍ଥାପିତ ହୁଅନ୍ତି । ପରମୁହୁର୍ତ ରେ ସେହି ତିନି ବନ୍ଧୁ ରାଜାଙ୍କ ଆଶ୍ରୀର୍ବାଦର ପାତ୍ର ହୋଇ ତିନୋଟି ଗ୍ରାମ ଦାନ ସ୍ୱରୂପ ପ୍ରାପ୍ତ କରନ୍ତି । ସେହି ତିନୋଟି ଗ୍ରାମ ଯଥା:- କୁଆଁସମଢ଼ିଆ, ଟିକିରା ଓ ଶ୍ରୀରାମପୁର ।



ସେହି ସମୟରେ କୌଣସି ଜାତି ପ୍ରଥାର ପରମ୍ପରା ନଥିବାରୁ ତାଙ୍କୁ ମହାନ୍ତି ଉପାଧିରେ ଭୂଷିତ କରିଥାନ୍ତି ରାଜା ଓ ପରମୂହୁର୍ତରେ ତାଙ୍କ ବଂଶଜ ମାନେ କରଣ ଜାତିରେ ପରିପାଳିତ ହୋଇଥାନ୍ତି । ଆଜି ପର୍ଯ୍ୟନ୍ତ ଏହି ସବୁ ଗ୍ରାମରେ କୌଣସି ଶୁଭ କର୍ମ ହେଲେ ଏକ ଭୁଜ୍ୟ ସେମାନଙ୍କ ନାମରେ ଦେବାର ପରମ୍ପରା ରହିଆସିଛି । ମା'ଙ୍କ ଅବସ୍ଥାପିତ ସ୍ଥାନରେ ତିନୋଟି ଗଡ଼ିଆ ଥିବାର ପରିଲକ୍ଷିତ ହୋଇଛି । ସେହି ତିନୋଟି ଗଡ଼ିଆର ନାମ ଯଥା:- ସଟୁଆ ଗଡ଼ିଆ, ପାଣୁଆ ଗଡ଼ିଆ ଓ ଚଣ୍ଡୀ ଗଡ଼ିଆ ନାମରେ ନାମିତ ହୋଇଛି । ମା' ପ୍ରଥମେ ଏକ ଅଶ୍ୱସ୍ଥ ବୃକ୍ଷ ମୂଳରେ ଅବସ୍ଥାପିତ ହୋଇ ପୂଜା ପାଇଥାନ୍ତି । ସେହି ସମୟରେ ତେଲି ବଂଶଜ ମା' ଙ୍କ ସମ୍ମୁଖରେ ଘର ତୋଳିଥାଏ । ଏକ ସମୟରେ ଖଳାକୁ ମା' ଙ୍କ ସମ୍ମୁଖ କରି ଧାନ ଉଡ଼ାଉ ଥିବା ସମୟରେ ମାଙ୍କ ମୁଖରେ ଧାନ ଗୁଣ୍ଡି ପଡ଼େ । ମା' ପରମୂହୁର୍ତରେ ତାଙ୍କ ପୂଜକକୁ ସ୍ୱପ୍ନାଦେଶ ଦିଅନ୍ତି ଓ ସେହି ତେଲି ବଂଶଜଙ୍କ ଖଳାକୁ ଅନ୍ୟ ଦିଗକୁ କରିବାକୁ ନିର୍ଦ୍ଦେଶ ଦିଅନ୍ତି । କିନ୍ତୁ ସେହି ବଂଶଜ ଜଣଙ୍କ ମା'ଙ୍କୁ ଯଦି ସତରେ ତୁମେ ଅଛ ତୁମେ ତୁମ ମୁହଁ ବୁଲାଇଦିଅ ବୋଲି କହିଥାଏ । ପରବର୍ତୀ ସମୟରେ ମା' ଚଣ୍ଡୀ ଦକ୍ଷିଣ ମୁଖାରୁ ପଶ୍ଚିମ ମୁଖା ହୋଇଥାନ୍ତି କିନ୍ତୁ ସେହି ବଂଶଜଟି ସଂପୂର୍ଣ୍ଣ ଲୋପ ପାଇଯାଇଥାଏ । ପ୍ରଥମେ ମା'ଙ୍କୁ ନଡ଼ା ଛପରର ମାଟି ଘରେ ସ୍ଥାପନ କରି ପୂଜା କରାଯାଉଥାଏ ଓ ତାଙ୍କ ପାଖରେ ଦୁଇଟି ସର୍ପଥିବାର ଦେଖାଯାଇଥାଏ କିନ୍ତୁ ପରେ ପ୍ରାଣବନ୍ଧୁ ପୁହାଣଙ୍କ ଉଦ୍ୟମରେ ଏକ ମନ୍ଦିର ତୋଳା ହୋଇ ମା' ଙ୍କୁ ସେଠାରେ ସ୍ଥାପନ କରାଯାଇ ପୂଜା ଅର୍ଚ୍ଚନା କରାଯାଉଅଛି ଓ ସର୍ପଦୁଇଟି ଅଦୃଶ ହେବାର ଦେଖାଯାଇଅଛି । ସେହିପରି ବହୁବର୍ଷ ପୂର୍ବେ ମହାନ୍ତିପଡ଼ାର ବାସିନ୍ଦା ମଧୂଦାସଙ୍କ ପୁରୁଷଣ୍ଡ ସ୍ଥିତ ଜାଗାରେ ପାରକେଶ୍ୱର ମହଦେବ ଆର୍ବିଭୂତ ହୁଅନ୍ତି । ଜମିଦାରୀ ପ୍ରଥା ପ୍ରଚଳିତ ହେଉଥିବାରୁ ଜମିଦାରୀ ବଳପ୍ରୟୋଗ କରି ଜୈନିକ ସାମୁହିକ ସେବାୟତ ପ୍ରଭୁଙ୍କୁ ନିଜ ଜାଗାକୁ ନେବାକୁ ଚେଷ୍ଟିତ ହୁଅନ୍ତି । ଏବଂ ସେଥିପାଇଁ ସେ ସେହି ସ୍ଥାନକୁ ଖୋଳିବାକୁ ଲାଗନ୍ତି । ପାଖାପାଖି ୧୦/୧୫ ହାତ ଖୋଳିବାପରେ ସେ ପରିଲିଖିତ କରନ୍ତି ଯେ ଯେତେ ଖୋଳୁଛନ୍ତି ପ୍ରଭୁଙ୍କ ଆସ୍ଥାନ ଭିତରକୁ ଭିତରକୁ ସେତେ ଲମ୍ବି ଯାଇଛି । ଏପରି ଏକ ମୂହୁର୍ତ ଆସି ପହଂଚେଞ୍ଚ ଯେଉଁଠି ପ୍ରବଳ ମାତ୍ରାରେ ଜଳ ନିର୍ଗତ ହୋଇ ସ୍ଥାନଟି ଜଳମଗ୍ନ ହୋଇଯାଏ । ଏହା ଦେଖି ସେ ଆଉ ସେ ଜାଗାକୁ ନଖୋଳନ୍ତି । ପ୍ରଥମେ ଚାଳ ଛପର ଘର କରି ଠାକୁରଙ୍କର ପୂଜାର୍ଚ୍ଚନା କରାଯାଉଥିଲା । ପରେ ଗ୍ରାମବାସୀଙ୍କର ମିଳିତ ଉଦ୍ୟମରେ ଏକ ମନ୍ଦିର



ନିର୍ମିତ କରାଯାଇ ବାବାଙ୍କର ପୂଜାର୍ଚ୍ଚନା କରାଯାଉଅଛି । ପୂଜକ ସୁରେନ୍ଦ୍ର ପାଢ଼ୀଙ୍କ କହିବା ଅନୁଯାୟୀ ପ୍ରତି ବର୍ଷ ପ୍ରଭୁଙ୍କ ଉଚ୍ଚତା ଓ ମୋଟେଇ ଏକ ଇଂଚଞ୍ଚ ବର୍ଦ୍ଧିତ ହେବାର ଲକ୍ଷ୍ୟ କରାଯାଉଅଛି ।

ମା' ଚଣ୍ଡୀ ଓ ବାବା ପାରକେଶ୍ୱର (ବୁଢ଼ା ମହଦେବ)ଏହି ଅଂଚଳର ବାବା-ମା ସଦୃଶ । ଏହି ପୀଠ ଦ୍ୱୟର ମହିମା ଅନେକ । ପୀଠ ଦ୍ୱୟ ସଂପର୍କୀୟ ବହୁ ପୁରାତନ ଜନ ସ୍ମୃତି ରହିଥିଲେ ମଧ ତନ୍ମଧ୍ୟରୁ ଲୋକାକୃତ ଜନସ୍ମୃତିରୁ ଜଣାଯାଏ ଯେ ଏକଦା ପୁରୁଷଣ୍ଡ ଗ୍ରାମର ଧୋବା ସାହିର ଜୈନିକ ଝିଅ ଥରେ ତାଙ୍କ ସାଙ୍ଗ ସାଥିଙ୍କ ଗହଣରେ ଭ୍ରମଣ କରି ଘରକୁ ଫେରିଆସିବା ସମୟରେ କୌଣସି ଏକ ମୂହୁର୍ତରେ ମା' ଚଣ୍ଡୀ ତାଙ୍କ ଦେହରେ ଆସି ତାଙ୍କ ଘରେ ରହିଯାଇଥାନ୍ତି । କିଛି ଦିନ ପରେ ଝିଅଟିର ବାପାଙ୍କର ମୃତ୍ୟୁ ବରଣ ଘଟେ । ତାଙ୍କ ମୃତ୍ୟୁର ୧୧ଦିନ ଦିନ ଗୃହରେ ଆମିଷ ଭକ୍ଷଣ କରିବାରୁ ମାତାଙ୍କ କୋପ ଦୃଷ୍ଟିରୁ ଝିଅଟିର ଅଙ୍ଗ ଅଚଳ ହୋଇଯାଇଥାଏ । ସେହି ଅଚଳାବସ୍ଥାରେ ତାକୁ ବାବା ପାରକେଶ୍ୱରଙ୍କ ଆସ୍ଥାନକୁ ଅଣାଯାଇଥାଏ । ପରେ ବାବାଙ୍କୁ ଆରଧନା କରିବାରୁ ଜଣାଗଲା ଯେ ଝିଅଟିର ନାରାୟଣ ବ୍ରତ ନକରିବା ଓ ଘରେ ଆମିଷ ଭକ୍ଷଣ କରିବା କାରଣରୁ ତାଙ୍କ ଶରୀର ଶୁଷ୍କାବସ୍ଥା ହୋଇଛି । ପରେ ବାବାଙ୍କ ଆଦେଶାନୁସାରେ ମା'ଚଣ୍ଡୀଙ୍କୁ ଡ଼ାକି,ତିନି କୁଡ଼ି ଭୋଗ ଲଗାଇ ସେହି ଭୋଗକୁ ଠାକୁରଙ୍କ ପାଦୁକାରେ ମିଶାଇ ତାଦେହ ସାରା ଲେପନ କରିବା ଦ୍ୱାରା ସେ ଆରୋଗ୍ୟମୁକ୍ତ ହୋଇ ସେହି ସ୍ଥାନରୁ ଚାଲିଚାଲି ତାଙ୍କ ଗୃହକୁ ଆସିଥାଏ । ସେହିପରି ପୁରୁଷଣ୍ଡ ଗ୍ରାମର ବୈଦ୍ୟନାଥ ପୁହାଣ ନାମକ ବ୍ୟକ୍ତି ୧୨ବର୍ଷ ବୈବାହିକ ଜୀବନ ଅତିବାହିତ କରିସାରିଥିଲେ ମଧ ତାଙ୍କର କୌଣସି ସନ୍ତାନ ସନ୍ତତି ପ୍ରାପ୍ତ ନହେଉଥିବା ସ୍ଥଳେ ସେ ମା' ଚଣ୍ଡୀ ଓ ବାବା ପାରକେଶ୍ୱରଙ୍କ ଆଶ୍ରୀତ ହୁଅନ୍ତି । ତାଙ୍କ ଭକ୍ତିରେ ପ୍ରସନ୍ନ ହୋଇ ବାବା-ମା ପୂଜକଙ୍କୁ ସ୍ୱପ୍ନାଦେଶ ଦିଅନ୍ତି ଓ ତାଙ୍କ ନିର୍ଦ୍ଦେଶରେ ବୈଦ୍ୟନାଥ ପୂଜାର୍ଚ୍ଚନା କରି ଏକ ପୂତ୍ର ସନ୍ତାନ ପ୍ରାପ୍ତ କରନ୍ତି । ଜନସ୍ମୃତି କହେ ଯେ- ମା' ଙ୍କ ଅଲୌକିକ ଶକ୍ତି ବଳରେ ସାରା ଓଡ଼ିଶାକୁ ଦୂର୍ଭିକ୍ଷର କଳାବାଦଲ ଘେରି ରହିଥିବାବେଳେ ଏହି ଅଂଚଳରେ ଜଳାଜପ କରି ଚଣ୍ଡୀପୂଜା ମାଧମରେ ଇନ୍ଦ୍ର ଦେବତାଙ୍କୁ ପ୍ରସନ୍ନ କରାଯାଇଥାଏ ।

ପ୍ରତିବର୍ଷ ମାଘ ସପ୍ତମୀରେ ମା'ଚଣ୍ଡୀଙ୍କ ଠାରେ ଭକ୍ତଙ୍କର ପ୍ରବଳ ଭୀଡ଼ ହୋଇଥାଏ । ପାଖଆଖରୁ ବହୁ ଭକ୍ତ ସେଦିନ ମା'ଙ୍କ ଆଶ୍ରୀବାଦ ଭିକ୍ଷା କରିଥାନ୍ତି ଓ ଅଂଚଳଟି ଚଳଚଂଚଳ ହୋଇଉଠିଥାଏ । ସେହିପରି ବାବାଙ୍କ ପୀଠରେ ଜାଗର, କାର୍ତିକ ପୂର୍ଣ୍ଣିମା ଆଦିରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥାଏ । ଶ୍ରାବଣ ମାସରେ କାଉଡ଼ିଆ ମାନେ ଅଂଚଳର ବିଭିନ୍ନ ସ୍ଥାନରୁ ଆସି ବୁଢ଼ାମହାଦେବପୀଠରେ ଜଳାଭିଷେକ କରିଥାନ୍ତି।



# 'ରାଜ୍ୟରେ କୋଭିଡ ପରିଚାଳନା ନୈରାଶ୍ୟଜନକ'

**ଭୁବନେଶ୍ୱର :** ରାସ୍ତା ପାର୍ଶ୍ୱ ଉଠା ଦୋକାନୀମାନଙ୍କୁ (ଷ୍ଟ୍ରିଟ୍ ଭେଣ୍ଡର)ବୀମା ଭୁକ୍ତ କରାଇ ପ୍ରିମିୟମ ରାଶି ରାଜ୍ୟସରକାର ଦେବା ପାଇଁ ବିଜେପି ପକ୍ଷରୁ ଚଳିତ ମାସ ୨୪ ତାରିଖରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଦାବୀ କରାଯାଇଥିଲା। ଏହାର ଜବାବରେ ସରକାରୀ ଦଳମୁଖପାତ୍ର କିଛି ତଥ୍ୟ ଉପସ୍ଥାପନ କରି କହିଥିଲେ ଯେ, ରାଜ୍ୟ ସରକାର ଜଣ ପିଛା ୩୦୦୦ ହଜାର ଟଙ୍କାକରି ୪୫,୬୦୦ ଜଣ ରାସ୍ତା ପାର୍ଶ୍ୱ ଉଠା ଦୋକାନୀ(ଷ୍ଟ୍ରିଟ୍ ଭେଣ୍ଡର)ଙ୍କୁ ଆର୍ଥିକ ସହାୟତା ଦେଇଛନ୍ତି । କିନ୍ତୁ ଏଭଳି କୋଣସି ତଥ୍ୟ ରାଜ୍ୟ ସରକାରଙ୍କ କୈାଣସି ୱେବ୍ସାଇଟ୍‌ରେ କିମ୍ବା କୈାଣସି ମହାନଗର ନିଗମ, ମ୍ୟୁନିସିପାଲଟି, ଏନ୍ଏସି ଗୁଡିକର ୱେବସାଇଟ୍‌ରେ ଉପଲବ୍ଧ ନାହିଁ। ତେଣୁ ଶାସକ ଦଳର ମୁଖପାତ୍ର ମହୋଦୟ ଏଭଳି ଭ୍ରମାତ୍ମକ ବକ୍ତବ୍ୟ ନଦେଇ ଏହି ତଥ୍ୟଟି କେଉଁଠୁ ପାଇଲେ ଓ ଏହାର ସତ୍ୟତା ପ୍ରକାଶ କରିବାକୁ ବିଜେପି ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି ଦାବୀ କରିଛନ୍ତି। ରାଜ୍ୟ ସରକାରଙ୍କ କୈାଣସି ୱେବ୍ସାଇଟ୍‌ରେ ରାସ୍ତା ପାର୍ଶ୍ୱ ଉଠା ଦୋକାନୀଙ୍କ(ଷ୍ଟ୍ରିଟ୍ ଭେଣ୍ଡର) ତାଲିକା କାହିଁକି ପ୍ରକାଶ କରାଯାଇନାହିଁ ? ଶାସକ ବିଜେଡି ମୁଖପାତ୍ରଙ୍କ ବକ୍ତବ୍ୟ ଅନୁଯାୟୀ ମହାନଗର ନିଗମ ଗୁଡିକରେ ଥିବା ୪୫,୬୦୦ଟି ରାସ୍ତା ପାର୍ଶ୍ୱ ଉଠା ଦୋକାନୀମାନଙ୍କର(ଷ୍ଟ୍ରିଟ୍ ଭେଣ୍ଡର) ସଠିକ୍ ଚିହ୍ନଟ ହୋଇଛି ତ? ରାଜ୍ୟରେ ଥିବା ୫ଟି ମହାନଗର ନିଗମ, ୪୮ଟି ମ୍ୟୁନିସିପାଲଟି ଓ ୬୧ଟି ଏନ୍ଏସି ଗୁଡିକରେ ରାସ୍ତା ପାର୍ଶ୍ୱ ଉଠାଦୋକନୀଙ୍କ(ଷ୍ଟ୍ରିଟ୍ ଭେଣ୍ଡର) ତାଲିକା କାହିଁକି ସାର୍ବଜନୀନ କରାଯାଇ



ନାହିଁ ? ରାସ୍ତା ପାର୍ଶ୍ୱ ଉଠା ଦୋକାନୀ (ଷ୍ଟ୍ରିଟ୍ ଭେଣ୍ଡର)ଚିହ୍ନଟ ପକ୍ରିୟା କେବେ କରାଯାଇଥିଲା ? ରାସ୍ତା ପାର୍ଶ୍ୱ ଉଠାଦୋକାନୀ(ଷ୍ଟ୍ରିଟ୍ ଭେଣ୍ଡର) ଚିହ୍ନଟ ତାଲିକା ଭୂଲ ଅଛି କହି ତାଙ୍କୁ ପୁଣି ଟଙ୍କା ଫେରାଇବା ପାଇଁ ନିର୍ଦ୍ଦେଶ ଦେବେ ନାହିଁ ତ ? ଏହି ଭଳି ୫ଟି ପ୍ରଶ୍ନର ଜବାବ୍ ଦେବା ପାଇଁ ଶ୍ରୀ ମହାନ୍ତି ଉଭୟ ଶାସକ ବିଜେଡି ଏବଂ ରାଜ୍ୟ ସରକାରଙ୍କ ପାଖରେ ଦାବୀ କରିଛନ୍ତି। ୨୪ ମାର୍ଚ୍ଚ ୨୦୨୦ ତାରିଖ ପର୍ଯ୍ୟନ୍ତ ତାଲିକାଭୁକ୍ତ ହୋଇଥିବା ରାସ୍ତା ପାର୍ଶ୍ୱ ଉଠା ଦୋକନୀ (ଷ୍ଟ୍ରିଟ୍ ଭେଣ୍ଡର)ତାଲିକାକୁ ଏହି ଯୋଜନାରେ ସାମିଲ୍ ହେବା ପାଇଁ ରାଜ୍ୟ ସରକାର ଧାର୍ଯ୍ୟ କରିଛନ୍ତି। ମାତ୍ର ଏହି ଅବଧିକୁ ଜୁନ୍ ୧, ୨୦୨୦କୁ ବୃଦ୍ଧି କରିବା ପାଇଁ ଶ୍ରୀ ମହାନ୍ତି ଦାବୀ କରିଛନ୍ତି।

ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ଭାରତ ଯୋଜନାରେ ଉଠା ଦୋକାନି ମାନଙ୍କ ପାଇଁ ୧୦ ହଜାର ଟଙ୍କାର ବିନା ବନ୍ଧକରେ ଋଣର ବ୍ୟବସ୍ଥା କରିଛନ୍ତି। ୨୫ ତାରିଖରେ ପ୍ରଧାନମନ୍ତ୍ରୀ ଏହି ଯୋଜନାର ସମୀକ୍ଷା କରିଥିଲେ । ଦେଶର ୨ ଲକ୍ଷ ୬୦ ହଜାରରୁ ଉର୍ଦ୍ଧ୍ୱ ଉଠା ଦୋକନୀ (ଷ୍ଟ୍ରିଟ୍ ଭେଣ୍ଡର) ୧୦ ହଜାର ଟଙ୍କା ପାଇଁ ଆବେଦନ କରିଛନ୍ତି । ୬୪ ହଜାର ଉଠା ଦୋକନୀ (ଷ୍ଟ୍ରିଟ୍ ଭେଣ୍ଡର)ଙ୍କୁ ଋଣ ଯୋଗାଇ ଦେବା ନେଇ ମଂଜୁରୀ ମିଳିଛି ଏବଂ ୫୬୦୦ ଜଣ ଉଠା ଦୋକନୀ (ଷ୍ଟ୍ରିଟ୍ ଭେଣ୍ଡର)ଙ୍କୁ ବ୍ୟାଙ୍କ ୧୦ ହଜାର ଲେଖାଏଁ ଦେଇ ସାରିଲାଣି । ଏକଥାକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ ଯେ, ଏହି ସହାୟତା ରାଶି ପାଇବା ପାଇଁ ଓଡିଶାରେ କେତେ ଜଣ ଉଠାଦୋକାନୀ ଆବେଦନ କରିଛନ୍ତି ? କେତେ ଜଣଙ୍କୁ ଋଣ ନେବା ପାଇଁ ମଂଜୁରୀ ମିଳିଛି ଏବଂ କେତେ ଜଣଙ୍କୁ ଟଙ୍କା ମିଳିଛି, ତାହାର ଏକ ସ୍ପଷ୍ଟ ଚିତ୍ର ରାଜ୍ୟବାସୀଙ୍କ ଆଗରେ ରଖନ୍ତୁ । ଏହା ସହ ମୁଖ୍ୟମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାର ନିଜେ ସମୀକ୍ଷା କରି ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଏହି ଯୋଜନାରେ ସାମିଲ କରାନ୍ତୁ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଗତ ୨୪ ତାରିଖ ସାମ୍ବାଦିକ ସମ୍ମିଳନୀ ପରେ କୋଭିଡ୍ ପରିଚାଳନା ପାଇଁ ରାଜଧାନୀ ଭୂବନେଶ୍ୱର ଦାୟୀତ୍ୱରେ ଥିବା ରାଜ୍ୟ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀଙ୍କ ସ୍ପଷ୍ଟୀକରଣ ଆହୁରି ଅଧିକ ବେଥିତ କରିଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ସ୍ପଷ୍ଟିକରଣରେ ବରିଷ୍ଠ ଅଧିକାରୀ କହିଥିଲେ ଯେ, ଭୂବନେଶ୍ୱରର ୬୭ଟି ୱାର୍ଡରେ ଦୈନିକ ୧୪୦୦ କୋଭିଡ୍ ପରୀକ୍ଷା ହେବା ସହ ୬ଟି ସ୍ଥାନରେ ୮୭୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ହୋମ୍ କାର୍ଯ୍ୟ କରୁଛି । ଏହା କଣ ସତ୍ୟ ? କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ୬୭ଟି ୱାର୍ଡରେ ଥିବା କଲୋନି, ଆପାଟମେଂଟ ଓ ବିଭିନ୍ନ ଗାଁ, ବିଭିନ୍ନ ବସ୍ତି ଏବଂମାର୍କେଟ ଏରିଆ ଗୁଡିକରେ ସାନିଟାଇଜେସନ୍ କଥା କହିଲେ ନାହିଁ । ଏଭଳି କଠିନ ସମୟରେ ମାସ୍କ, ସାନିଟାଇଜେର୍ ଓ ସାମାଜିକ ଦୂରତା ସହିତ ଜୀବନକୁ ସୁରକ୍ଷିତ ରଖି ଜୀବିକାକୁ ଗୁରୁତ୍ୱ ଦେବା ମଧ ଆବଶ୍ୟକ ଅଟେ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଗତ ୨୭ ଜୁଲାଇ ରେ ଏସ.ୟୁ.ଡି.ଏ (ସୁଡା) ଓ ବିଏ.ମ.ସି ମିଳିତ ବୈଠକ କରି ଉପରଠାଉରିଆ ଭାବେ ପ୍ରେସ ରିଲିଜ ଦେଲେ ଯାହାର କୌଣସି ନିର୍ଦ୍ଦିଷ୍ଟ ଖସଡା ପ୍ରସ୍ତୁତ ହୋଇନାହିଁ। କୋଭିଡ ପରିଚାଳନା ଦାୟୀତ୍ୱରେ ଥିବା ଅଧିକାରୀମାନଙ୍କୁ ସମସ୍ତ ସରକାରୀ ଏବଂ ବେସରକାରୀ ହସ୍ପିଟାଲ ଗୁଡିକରେ 'କୋଭିଡ-୧୯ ଆସିଷ୍ଟାଂଟ କେୟାର' କରି କୋଭିଡ ସଂପର୍କିତ ସୂଚନା ଦେବାର ବ୍ୟବସ୍ଥା କରାଯାଉ। ପିଏମ୍ ଷ୍ଟ୍ରିଟ୍ ଭେଣ୍ଡରସ୍ ଆତ୍ମନିର୍ଭର ନିଧି ଯୋଜନାରେ ହିତାଧିକାରୀଙ୍କ ଇ-ରେଜିଷ୍ଟେସେନ୍ ପାଇଁ ବିଏମସିର ସମସ୍ତ ୩ଟି ଜୋନାଲ୍ ଅଫିସରେ ହେଲ୍ପ ଡେକ୍ସ ଖୋଲାଯାଇ ଏହାର ପରିଚାଳନା କରିବାକୁ ଶ୍ରୀ ମହାନ୍ତି ଦାବୀ କରିବା ସହ ଏଭଳି ଏକ ବିପତି ସମୟରେ ସବୁଠାରୁ ବେଶି ଆର୍ଥିକ ଯନ୍ତ୍ରଣାରେ ପୀଡିତ ଥିବା ନିମ୍ନ ମଧବିତପରିବାରଙ୍କ ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଆର୍ଥିକ ସହାୟତା ଘୋଷଣା କରିବାକୁ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି।

# ଓଡ଼ିଶାରେ ୩ ରୁ ୪% ହେପାଟାଇଟିସ୍ ରୋଗୀ

**ଭୁବନେଶ୍ୱର :** ଅସାବଧାନତା ଓ ଦାୟିତ୍ୱହୀନତା ପାଇଁ ମଣିଷ ବହୁ ମାରାତ୍ମକ ରୋଗର ଶିକାର ହୋଇଥାଏ। ବେଳେ ବେଳେ ମଣିଷ ସବୁ ଜଣି ମଧ ଅବହେଳା କାରଣରୁ ରୋଗକୁ ଆମନ୍ତ୍ରଣ କରିଥାଏ। ମଣିଷ ଅସାବଧାନତା, ଦାୟିତ୍ୱହୀନତା ଓ ଅବହେଳା କାରଣରୁ ହେପାଟାଇଟିସ୍ ରୋଗକୁ ଆମନ୍ତ୍ରଣ କରିଥାଏ। ଏହି ରୋଗରୁ ମୁକ୍ତି ପାଇବା ପାଇଁ ଯଥେଷ୍ଟ ସଚେତନତା ସହିତ ପ୍ରତିଶେଧମୂଳକ ପଦକ୍ଷେପର ଆବଶ୍ୟକତା ରହିଛି। ସାରା ବିଶ୍ୱରେ ରୋଗୀ ମୃତ୍ୟୁର ୭ମ ମୁଖ୍ୟ କାରଣ ପାଲଟିଛି ହେପାଟାଇଟିସ୍। ବିଶ୍ୱରେ ଭୟାନକ ରୋଗ ଭାବରେ ଉଭା ହୋଇଛି ହେପାଟାଇଟିସ୍ ରୋଗ। ବର୍ତ୍ତମାନ ବିଶ୍ୱରେ ୫୦୦ ଶହ ବିଲିଅନ୍ ହେପାଟାଇଟିସ୍ ରୋଗରେ ପୀଡ଼ିତ ଅଛନ୍ତି। ସେମାନଙ୍କ ଭିତରୁ ୩ଶହ ୫୦ମିଲିଅନ୍ ହେପାଟାଇଟିସ୍ ବି'ରେ ଆକ୍ରାନ୍ତ ହୋଇଥିବାବେଳେ ହେପାଟାଇଟିସ୍ ସି'ରେ ପୀଡ଼ିତ ହୋଇଛନ୍ତି ୫୦ ମିଲିଅନ୍ ଲୋକ। ବିଶ୍ୱରେ ୧.୫ ମିଲିଅନ୍ ଲୋକ ଏହି ହେପାଟାଇଟିସ୍ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟ ମୁଖରେ ପଡ଼ିଛନ୍ତି। ସେହିପରି ମୋଟ୍ ରୋଗୀଙ୍କ ମଧ୍ୟରୁ ୫୦ ପ୍ରତିଶତ ଲିଭର ସମସ୍ୟାରେ ପୀଡ଼ିତ ହୋଇଛନ୍ତି। ବର୍ତ୍ତମାନ ଭାରତରେ ୩ରୁ ୪ ପ୍ରତିଶତ ଦେଖାଦେଉଥିବାବେଳେ ଓଡ଼ିଶାରେ ୨ରୁ ୩ ପ୍ରତିଶତ ରୋଗୀ ଏହି ରୋଗରେ ପୀଡ଼ିତ ଅଛନ୍ତି। ଏହି ରୋଗକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଜନସଚେତନତା ନିତାନ୍ତ ଆବଶ୍ୟକ। ସରକାର ରୋଗକୁ ସମୂଳେ ନାଶ କରିବାକୁ ସମସ୍ତଙ୍କ ପାଇଁ ଜାତୀୟ ହେପାଟାଇଟିସ୍ ଟିକାଦାନ



ଯୋଜନା ପ୍ରସ୍ତୁତ କରିବା ଜରୁରି। ଯଦି ଏହି ଟିକାଦାନ ଯୋଜନା ଭାତରରେ କାର୍ଯ୍ୟକାରୀ ହୁଏ ପୋଲିଓ ଭଳି ହେପାଟାଇଟିସ୍ ରୋଗ ଭାରତରୁ ସମ୍ପୂର୍ଣ୍ଣ ଭାବେ ଆସନ୍ତା ୧୦୦ ବର୍ଷ ମଧରେ ନାଶ ଯିବ ବୋଲି ପେଟ ଓ ଲିଭର ରୋଗ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ସାରା ବିଶ୍ୱରେ ବର୍ତ୍ତମାନ ଏ, ବି, ସି, ଡି, ଇ ନାମରେ ୫ ପ୍ରକାର ହେପାଟାଇଟିସ୍ ରୋଗ ଦେଖାଦେଇଥିବା ବେଳେ ସବୁଠାରୁ ମାରାତ୍ମକ ହେଉଛି ହେପାଟାଇଟିସ୍-ବି ଓ ସି। ହେପାଟାଇଟିସ୍-ଏ ଓ ଇ ଏହି ଦୁଇଟି ରୋଗ ସାଧାରଣତଃ ଦୂଷିତ ଜଳ ଓ ଅସ୍ୱାସ୍ଥ୍ୟକର ପରିବେଶ ପାଇଁ ହୋଇଥିବା ବେଳେ ହେପାଟାଇଟିସ୍- ବି ଓ ସି ରକ୍ତ ସଂସ୍ପର୍ଶ ଜନିତ ହୋଇଥାଏ। ଏହି ବି ଓ ସି ବହୁ ପରିମାଣରେ ରକ୍ତ ଗ୍ରହଣ, ଅସୁରକ୍ଷିତ ଯୌନ ସମ୍ପର୍କ ଓ ଇଞ୍ଜେକ୍ସନ ଦ୍ୱାରା ହୋଇଥାଏ। ସେହିପରି ବି ଓ ସି ରୋଗରେ ଯକୃତ କ୍ୟାନ୍ସର, ଯକୃତ ବୃଦ୍ଧି ଜନିତ ରୋଗ ଦେଖାଦେଇଥାଏ। ତେଣୁ ଏହି ମାରାତ୍ମକ ରୋଗରୁ ମୁକ୍ତି ପାଇବା ପାଇଁ ଟିକା ନେବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

### କେନ୍ଦ୍ର ରେଳମନ୍ତ୍ରୀଙ୍କୁ ପତ୍ର ଲେଖିଲେ ଧର୍ମେନ୍ଦ୍ର

# ହରିଦାସପୁର-ପାରାଦୀପ ରେଳ ଲାଇନ୍ ଉଦ୍‌ଘାଟନ କରନ୍ତୁ ମୋଦି,ନବୀନ



**ଭୁବନେଶ୍ୱର :** ବହୁ ପ୍ରତିକ୍ଷୀତ ହରିଦାସପୁର-ପାରାଦୀପ ୮୨ କିମି ରେଳପଥ ସଂପୂର୍ଣ୍ଣ ହେବା ସ୍ଥିତି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭବ୍ୟ ଉପସ୍ଥିତିରେ ଏହି ପ୍ରକଳ୍ପର ଉଦଘାଟନ ପାଇଁ କେନ୍ଦ୍ର ରେଳମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହା ସହ ଏହି ରେଳପଥରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ତୁରନ୍ତ ଆରମ୍ଭ କରିବା ପାଇଁ କେନ୍ଦ୍ର ରେଳମନ୍ତ୍ରୀଙ୍କ ବ୍ୟକ୍ତିଗତ ଆଗ୍ରହର ସହ ନେଇ ଏହାର କାମ କରିବାକୁ ଅନୁରୋଧ କରିଛନ୍ତି ଶ୍ରୀ ପ୍ରଧାନ । ଏହି ଯାତ୍ରୀବାହୀ ଟ୍ରେନ୍ ଚାଲିବା ସହ କେନ୍ଦ୍ରାପଡ଼ା ଜିଲ୍ଲାରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ସର୍ବ ପ୍ରଥମ ଥର ହେବ । କେନ୍ଦ୍ରାପଡ଼ାରେ ରେଳ ଚଳାଚଳ ପାଇଁ ଏହି ଜିଲ୍ଲା ବାସୀଙ୍କର ଦୀର୍ଘ ବର୍ଷର ସ୍ୱପ୍ନ ରହିଛି । କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କର ଏହି ସ୍ୱପ୍ନ ପୂରଣ ପାଇଁ ରେଳମନ୍ତ୍ରୀ ତ୍ୱରିତ ପଦକ୍ଷେପ ନେବେ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି। ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ବିଗତ ବର୍ଷ ମାନଙ୍କରେ ଅନେକ ଜନପ୍ରତିନିଧି, ସାଂସଦ ଏହି ପ୍ରକଳ୍ପ ପାଇଁ ନିଜର ଇଚ୍ଛା ଦେଖାଇବା ସହ ତାଙ୍କ ଉପସ୍ଥିତିରେ ପ୍ରକଳ୍ପର ଶୀଘ୍ର ସମାପ୍ତ ପାଇଁ ରେଳ ମନ୍ତ୍ରଣାଳୟକୁ ଅପିଲ୍ କରିଛନ୍ତି । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱ ନେବା ପରେ ପୂର୍ବବର୍ତ୍ତୀ ସରକାର ସମୟରେ ଥିବା ସମସ୍ତ ବାଧାବିଘ୍ନକୁ ଦୂର କରି ଏହାକୁ ସର୍ବାଧିକ ଗୁରୁତ୍ୱ ଦେଲେ । ପ୍ରଗତି ପ୍ରକଳ୍ପରେ ଏହାକୁ ସାମିଲ କରି ଖୋଦ୍ ନିଜେ ଏହି ପ୍ରକଳ୍ପ ଅଗ୍ରଗତିର ନିୟମିତ ବ୍ୟବଧାନରେ ସମୀକ୍ଷା କରିବା କାରଣରୁ ପ୍ରକଳ୍ପର କାମ ତ୍ୱରାନ୍ୱିତ ହେଲା। ଏହାବ୍ୟତିତ ଦୀର୍ଘ ସମୟ ଧରି ପଡି ରହିଥିବା ଏହି ପ୍ରକଳ୍ପରେ ରେଳ ମନ୍ତ୍ରଣାଳୟ ସମେତ କେନ୍ଦ୍ର ରେଳମନ୍ତ୍ରୀ ବ୍ୟକ୍ତିଗତ ହସ୍ତକ୍ଷେପ କରିଥିବାରୁ ଶ୍ରୀ ପ୍ରଧାନ ପିୟୂଷ ଗୋଏଲଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଏହି ପ୍ରକଳ୍ପ ପାଇଁ ଥିବା ଜମି ଅଧିଗ୍ରହଣ, ଆଇନ୍ ଶୃଙ୍ଖଳା ମାମଲାରେ ମଧ୍ୟ ଓଡିଶା ସରକାର ସହଯୋଗ କରିଥିବାରୁ ଧନ୍ୟବାଦ ଜଣାଇଛନ୍ତି ଶ୍ରୀ ପ୍ରଧାନ । ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ୮୨ କିମିର ଏହି ପ୍ରକଳ୍ପ ରାଜ୍ୟର ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବ । ଦୈତାରୀ-ବଂଶପାଣୀ ଖଣି ଅଞ୍ଚଳ ସହ ପାରାଦୀପର ଦୂରତ୍ୱକୁ ଏହି ରେଳପଥ ଅଧା କମାଇ ଦେବ । ପ୍ରମୁଖ ଖଣିଜ ଅଞ୍ଚଳ ଯାଜପୁର ଓ କେନ୍ଦୁଝର ସହ ମୁଖ୍ୟ ସଂଯୋଗ ପଥ ହେବା ସହ ଦେଶର ପ୍ରମୁଖ ଇସ୍ପାତ ଉତ୍ପାଦନର ପେଣ୍ଠସ୍ଥଳି କଳିଙ୍ଗନଗର ସହ ବଡ ଭୂମିକାରେ ସଂଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ୧୯୯୯ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ କରକମଳରେ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ପଡ଼ିଥିଲା । ଏହି ପ୍ରକଳ୍ପ ଜଗତସିଂହପୁର-କେନ୍ଦ୍ରାପଡ଼ା-ଯାଜପୁର ଜିଲ୍ଲାବାସୀଙ୍କ କେବଳ ରେଳ ଲାଇନ ସ୍ୱପ୍ନ ପୂରଣ ପାଇଁ ବଡ଼ ପଦକ୍ଷେପ ନଥିଲା ବରଂ ଏହି ଅଞ୍ଚଳର ଆର୍ଥିକ ପ୍ରଗତି ପାଇଁ ଏକ ଐତିହାସିକ ପଦକ୍ଷେପ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ସ୍ୱପ୍ନକୁ ସାକାର କରି ଡାଉନଷ୍ଟ୍ରିମ ଶିଳ୍ପ ମାଧ୍ୟମରେ ଓଡ଼ିଶା ଓ ପୂର୍ବ ଭାରତର ବିକାଶ ଦିଗରେ ବଡ଼ ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ପ୍ରଧାନ ଏହି ପତ୍ରରେ କହିଛନ୍ତି। ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ପ୍ରାକୃତିକ ଗ୍ୟାସ ପାଇପଲାଇନ, ଇଣ୍ଡିଆନ ଅଏଲ ବିଶୋଧନାଗାରର ସଂପ୍ରସାରଣ ଓ ପେଟ୍ରୋକେମିକାଲ କମ୍ପଲେକ୍ସ, ପାରାଦୀପ ପ୍ଲାଷ୍ଟିକ୍ ପାର୍କ ପରି ବିଭିନ୍ନ ପ୍ରକଳ୍ପ ସାହାଯ୍ୟରେ ପୂର୍ବ ଭାରତର ବ୍ଲୁ ଇକନୋମୀର ପ୍ରାଣକେନ୍ଦ୍ର ହେବାକୁ ଯାଉଥିବା ବନ୍ଦର ସ୍ମାର୍ଟସିଟି ପାରାଦୀପକୁ ବିକଶିତ କରାଯାଉଛି ।

# ପଞ୍ଚାୟତସ୍ତରକୁ ସମ୍ପ୍ରସାରିତ ହେବ କୃଷି ବିଭାଗର 'ଦକ୍ଷତା' ପୋର୍ଟାଲ୍

**ଭୁବନେଶ୍ୱର :** ୫-ଟି ଲକ୍ଷ୍ୟ ହାସଲ ଦିଗରେ ଅନ୍ୟ ଏକ ଉଲ୍ଲେଖନୀୟ ପଦକ୍ଷେପ ଭାବେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ପ୍ରସ୍ତୁତ 'ଦକ୍ଷତା' ପୋର୍ଟାଲ୍‌କୁ ଚଳିତ ଖରିଫ ଋତୁଠାରୁ ଗ୍ରାମପଞ୍ଚାୟତ ସ୍ତରକୁ ସମ୍ପ୍ରସାରିତ କରାଯିବ। ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ଦକ୍ଷତା ପୋର୍ଟାଲ୍‌ର ବିଭିନ୍ନ ବୈଷୟିକ ଦିଗ ଏବଂ ଏହାର ପ୍ରୟୋଗ ବିଷୟରେ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ପୋର୍ଟାଲ୍‌ର ବିଭିନ୍ନ ବିଭାଗ ଏବଂ ମୂଲ୍ୟାୟନ ବିଷୟ ସମୀକ୍ଷା କରି ମୂଲ୍ୟାୟନଗୁଡ଼ିକୁ ପୂର୍ଣ୍ଣ ତଥ୍ୟଭିତ୍ତିକ କରିବାକୁ ମୁଖ୍ୟ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ମୂଲ୍ୟାୟନ ପ୍ରକ୍ରିୟାରେ କୌଣସି ଅଧିକାରୀଙ୍କ ବ୍ୟକ୍ତିଗତ ମତାମତ ବା ବିଚାର ସ୍ଥାନିତ ନକରି କ୍ଷେତ୍ରସ୍ତରରେ ହୋଇଥିବା ବାସ୍ତବ ବିକାଶଭିତ୍ତିକ କରିବା ପାଇଁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ।




ଏହା ମାଧ୍ୟମରେ କ୍ଷେତ୍ରସ୍ତରରେ ପ୍ରକୃତପକ୍ଷେ ଉତ୍ତମ କାର୍ଯ୍ୟ ସମ୍ପାଦନ କରୁଥିବା ଅଧିକାରୀମାନଙ୍କ ଚିହ୍ନଟ ହୋଇପାରିବ ବୋଲି ସେ କହିଥିଲେ। ଦକ୍ଷତା ପୋର୍ଟାଲ୍‌ର ମୌଳିକ ଢାଞ୍ଚାକୁ ନେଇ ନିଜ ନିଜ ବିଭାଗ ନିମନ୍ତେ ସମାନ ପ୍ରକାର କାର୍ଯ୍ୟ ସମ୍ପାଦନ ପରିମାପକ ସଫ୍ଟୱେର୍ ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ପ୍ରାମାଣିକ କୃଷି କାର୍ଯ୍ୟର ସ୍ଥାନ ଏବଂ ହିତାଧିକାରୀମାନଙ୍କର ଜିଓ ଟ୍ୟାଗିଂ କରି ଏହି ମୂଲ୍ୟାୟନ ପୋର୍ଟାଲ୍‌ରେ ଅପ୍‌ଲୋଡ୍ କରିବାକୁ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଉତ୍ତମ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ବିଭିନ୍ନ ପ୍ରକାର ଅଣଆର୍ଥିକ ପ୍ରୋତ୍ସାହନ ସହ ସମ୍ମାନିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଶ୍ରୀ ଗର୍ଗ ଜଣାଇଥିଲେ ଯେ, ଦକ୍ଷତା ପୋର୍ଟାଲ୍‌କୁ ପ୍ରାୟ ୯ ମାସ ବ୍ୟାପୀ ଆଲୋଚନାତ୍ମକ ପ୍ରକ୍ରିୟା ମାଧ୍ୟମରେ ପ୍ରସ୍ତୁତ କରାଯାଇଛି। ଏଥିରେ ସମସ୍ତ ଅଂଶୀଦାରଙ୍କୁ ସାମିଲ୍ କରାଯାଇଛି। କ୍ଷେତ୍ରସ୍ତରରେ କାର୍ଯ୍ୟରତ ଅଧିକାରୀମାନଙ୍କର ପ୍ରାୟ ୪୦୦ଟି ପରାମର୍ଶକୁ ଏଥିରେ ସମନ୍ୱିତ କରାଯାଇଛି। ବିଭାଗୀୟ ସ୍ୱତନ୍ତ୍ର ସଚିବ ସୁରେଶ ବଶିଷ୍ଠ କହିଥିଲେ ଯେ କ୍ଷେତ୍ରସ୍ତରରେ ନିୟୋଜିତ ସମସ୍ତ ଗ୍ରୁପ୍ ବି' ଏବଂ ଗ୍ରୁପ୍ ସି' ଅଧିକାରୀମାନଙ୍କୁ ଦକ୍ଷତା ଅନ୍ତର୍ଭୁକ୍ତ କରାଯାଇଛି। ଏହା ମାଧ୍ୟମରେ ସମସ୍ତ ସହାୟକ କୃଷି ଅଧିକାରୀ, କୃଷି ଇଞ୍ଜିନିୟର, କୃଷି ଓଭରସିୟର୍, ଗ୍ରାମ କୃଷି କର୍ମୀ, ସହକାରୀ ଉଦ୍ୟାନ ଚାଷ ଅଧିକାରୀ, ଉଦ୍ୟାନ ଚାଷ ସମ୍ପ୍ରସାରଣ ଅଧିକାରୀ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ, ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ ଅଧିକାରୀଙ୍କ କାର୍ଯ୍ୟ ସମ୍ପାଦନ ଆକଳନ କରାଯିବ। ଏଥିପାଇଁ ୧୦୦ ପୂର୍ଣ୍ଣ ସଂଖ୍ୟାବିଶିଷ୍ଟ ପରିମାପକ ନିର୍ଦ୍ଧାରଣ କରାଯାଇଥିଲା। ପ୍ରତିମାସରେ ଏହି ଆକଳନ ହେବ ଏବଂ ପ୍ରତ୍ୟେକ ଅଧିକାରୀ ପୋର୍ଟାଲ୍‌ରେ ନିଜର ସ୍ଥିତି ଦେଖିପାରିବେ। ସଫ୍ଟୱେର୍‌ରେ ମାସିକ ପ୍ରଗତି ରିପୋର୍ଟ ସ୍ଥାନିତ ହୋଇଛି ଏବଂ ଏହାକୁ ବିଭିନ୍ନ ସତ୍ୟାପନ କୌଶଳ ସହ ସଂଯୋଜିତ କରାଯାଇଛି। ପୋର୍ଟାଲ୍‌ରେ 'କୃଷି ସମ୍ପ୍ରସାରଣ' ଆପ୍ ଏବଂ 'ନିଷ୍ପତ୍ତି ସହାୟକ ବ୍ୟବସ୍ଥା' ଆପ୍ ମଧ୍ୟ ସନ୍ନିବେଶିତ କରାଯାଇଛି। କ୍ଷେତ୍ରସ୍ତରୀୟ କୃଷି, ମୃତ୍ତିକା ସଂରକ୍ଷଣ ଏବଂ ଉଦ୍ୟାନଚାଷ ଅଧିକାରୀମାନେ ନିଜ ନିଜର ମୋବାଇଲ୍ ଫୋନ୍ ମାଧ୍ୟମରେ ତଥ୍ୟ ଅପ୍‌ଲୋଡ୍ କରିପାରିବେ ବୋଲି କୃଷି ନିର୍ଦ୍ଦେଶକ ମୁଥୁକୁମାର ଜଣାଇଥିଲେ। ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା, ନିର୍ଦ୍ଦେଶକ ମୁଥୁ କୁମାରଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଙ୍କ କୃତିତ୍ୱ



**ଭୁବନେଶ୍ୱର :** ନିକଟରେ ବହୁ ପ୍ରତିକ୍ଷୀତ ମ୍ୟାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥର ସାରା ରାଜ୍ୟରୁ ମୋଟ ୫ଲକ୍ଷ ୩୪ହଜାର ୮୪୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ସେଥିରୁ ଶତକଡ଼ା ୭୮.୭୬ ଯାହାକି ୪ଲକ୍ଷ ୨୧ହଜାର ୨୫୬ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଏଥର ଓଡ଼ିଶାରେ ୩୧ଟି ବିଦ୍ୟାଳୟରେ ଫଳଶୁନଥିବା ଜଣାଯାଇଛି। ଛାତ୍ରଙ୍କ ଅପେକ୍ଷା ଛାତ୍ରୀଙ୍କ ପାସ ହାର ଅଧିକ ଅଛି। ସାରା ରାଜ୍ୟରେ ଗ୍ରେଡ୍ ଏ-୧ରେ ୧୨ଶହ ୭୯ଜଣ ପରୀକ୍ଷାର୍ଥୀ କୃତିତ୍ୱ ଅର୍ଜନ କରିଥିବାବେଳେ ରାଜଧାନୀର ଭୀମଟାଙ୍ଗିରେ ଥିବା ଏକାମ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ପ୍ରୀତି ପ୍ରତିଭା ନିଶଙ୍କ ୫୫୦ ନମ୍ବର ରଖି ଗ୍ରେଡ-ଏ୧ରେ ଟପ୍ପର ହୋଇଛନ୍ତି। ଏଥିପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରୀତି ପ୍ରତିଭାଙ୍କ ଦକ୍ଷତାକୁ ପ୍ରଶଂସା କରିବା ସହିତ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରୀତି ପ୍ରତିଭାଙ୍କ ପିତା ରମେଶଚନ୍ଦ୍ର ନିଶଙ୍କ ପୋଲିସ ବିଭାଗରେ କାର୍ଯ୍ୟ କରୁଥିବା ବେଳେ ମା' ପ୍ରତିମା ନିଶଙ୍କ ଜଣେ ସୁଗୃହିଣୀ। ଝିଅର ସଫଳତାରେ ନିଶଙ୍କ ପରିବାର ଖୁସିବ୍ୟକ୍ତ କରିଛନ୍ତି।

# ନରସିଂହପୁରରେ ମରୁଡି ଆଶଙ୍କା

## ନିଅଣ୍ଟିଆ ବର୍ଷା,ମରିଯାଉଛି ଧାନ ତଳି,ଶହଶହ ଏକର ଜମି ପଡିଆ, ଚିନ୍ତାରେ ଚାଷୀ

**ନରସିଂହପୁର :** ଆଷାଢ ପରେ ଶ୍ରାବଣ ମାସ ଶେଷ ହେବାକୁ ବସିଲାଣି। ଚଳିତ ବର୍ଷ ଚାଷ କାର୍ଯ୍ୟ ବିଳମ୍ବରେ ଆରମ୍ଭ ହେବା ଏବଂ ବର୍ଷା ଅଭାବରୁ ମରୁଡି ଆଶଙ୍କା କୁ ନେଇ ନରସିଂହପୁର ଅଞ୍ଚଳରେ ଚାଷୀ ମାନଙ୍କ ମଧ୍ୟରେ ହତାସର ବାତାବରଣ ଦେଖିବାକୁ ମିଳିଛି। ଚଳିତ ମାସ ଶେଷ ସୁଦ୍ଧା ଚାଷ କାର୍ଯ୍ୟ ପାଇଁ ଯେତିକି ପରିମାଣର ବର୍ଷା ଆବଶ୍ୟକ ତା ଠାରୁ ବହୁ କମ ପରିମାଣରେ ବର୍ଷା ହୋଇଛି। ଆକାଶରେ ବର୍ଷା ର ବାଦଲ ଦେଖା ଦେଉଥିଲେ ମଧ୍ୟ ବର୍ଷାର ନାଁ ଗନ୍ଧ ଦେଖା ନାହିଁ ଆସନ୍ତା ଏକ ସପ୍ତାହ ମଧ୍ୟରେ ବର୍ଷା ନହେଲେ ମରୁଡି ସୁନିଶ୍ଚିତ ବୋଲି ପ୍ରମୁଖ ଚାଷୀ ମାନଙ୍କ ଠାରୁ ଶୁଣିବାକୁ ମିଳିଛି। ରଜ ପରଠାରୁ ଚାଷ କାର୍ଯ୍ୟ ଆରମ୍ଭ ହୋଇଯାଉଥିବା ବେଳେ ଜୁନ ଓ ଜୁଲାଇ ମାସରେ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ପ୍ରତ୍ୟକ ବର୍ଷ ଭଲ ହୋଇଥାଏ। ମାତ୍ର ଚଳିତ ବର୍ଷ ଚାଷ କାର୍ଯ୍ୟ ଆରମ୍ଭରୁ ନିଅଣ୍ଟିଆ ବର୍ଷା ପାଇଁ ଶହ ଶହ ଏକର ଜମି ପଡିଆ ରହିଛି। ଏଥି ସହିତ ଧାନ ତଳି ପକାଇବା ଓ ରୁଆପୋତା ଆଦିରେ କରୋନା ଭୁତାଣୁ ସଂକ୍ରମଣ ଯୋଗୁଁ ଶ୍ରମିକ ନମିଳିବା ପ୍ରଭୃତି ବ୍ୟାପକ ସମସ୍ୟା



ଦେଖାଦେଇଛି। ଜୁଲାଇ ମାସ ୩୦ ତାରିଖ ସୁଦ୍ଧା ଯେତିକି ବର୍ଷା ହୋଇଛି ସେଥିରେ କେବଳ ଧାନ ଜମି ଗଜା ହୋଇଛି। ଯାହା ଫଳରେ ବହୁ ସ୍ଥାନରୁ ଧାନ ତଳି ଉଠାଯାଇପାରୁ ନାହିଁ। ପାଣି ଅଭାବରୁ ଧାନ ତଳି ରୁଆ ହୋଇପାରୁ ନାହିଁ । ଏହି ସ୍ୱଳ୍ପ ବର୍ଷାରେ ଚାଷ କାର୍ଯ୍ୟ ସମ୍ଭବ ନୁହେଁ ବୋଲି ବହୁ ଅଗ୍ରଣୀ ଚାଷୀ କହିଛନ୍ତି। ସବୁଠାରୁ ବଡ କଥା ହେଉଛି ଯେ ବର୍ଷା ନହେବା ଯୋଗୁଁ ପଡିଥିବା ତଳି ସବୁ ମରିବାକୁ ବସିଲାଣି। ନିଅଣ୍ଟିଆ ବର୍ଷା ଯୋଗୁଁ ନରସିଂହପୁର ର ବିଭିନ୍ନ ଅଞ୍ଚଳରେ ଥିବା ଧାନ ଚାଷ ଜମିରେ ବେଉଶଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏହି ବ୍ଲକର ଶତକଡା ଅଶି ଭାଗ ଜମିରେ ଧାନ ଚାଷ ହୋଇଥାଏ। ବ୍ଲକର ବାଲିଝରୀ, ବାସେଳିହତା, ଋଷିପଡା, ସିଆରିଆ, କାନପୁର, ଚମ୍ପେଶ୍ୱର, ପଦାମାଳ , ଏକଡାଳ, ବାଲିସାହି, ପାଇକପଡା ପାଟଣା,କାଞ୍ଜିଆପଦା, ନିଜିଗଡ, ନୂଆପାଟଣା, ନିମସାହି,ବୋକୋଡା, ନୁଖାପଡା, ଅଲରା, ଦେଉଳିଇଁ , ଜୟମଙ୍ଗଳ, ଫୁଲପଡା, ସରଧାପୁର, ଜିଲିଣ୍ଡା ପ୍ରଭୃତି ପଞ୍ଚାୟତରେ ଥିବା ଜମି ଗୁଡିକରେ ଧାନ ଫସଲ ହୁଏ। ଏ ସବୁ ଅଞ୍ଚଳର ଜମି ବର୍ଷାଜଳ ଉପରେ ନିର୍ଭର କରିଥାଏ। ବର୍ଷା ନଥିବାରୁ ଏସବୁ ଧାନ ଜମିରେ ମରୁଡି ଆଶଙ୍କା କୁ ଏଡାଇ ଦିଆଯାଇ ନପାରେ। ଅବଶିଷ୍ଟ ଜୁଡୁମୁ, ବସନ୍ତପୁର, କମଳାଡିହ, ରେଗେଡା ଜମି ଗୁଡିକ ରେ ଜଳ ସେଚନ ବ୍ୟବସ୍ଥା ଥିଲେ ମଧ୍ୟ ଠିକ ଭାବରେ ପାଣି ନମାଡି ବାରୁ ବହୁ ଜମି ପଡିଆ ରହିଛି। ବିଶେଷ କରି ଓଲବ ଏବଂ ଦେବଭୂମି ଅଞ୍ଚଳ ପାହାଡିଆ ଯୋଗୁଁ ସବୁବେଳେ ବର୍ଷାର ଅଭାବ ଯୋଗୁଁ ଠିକ ଭାବରେ ଧାନ ଚାଷ ହୋଇ ପାରୁନାହିଁ। ଜଳସେଚନ ବିଭାଗ ପକ୍ଷରୁ ଯାଇଥିବା କେନାଲ ଗୁଡିକ ଦୀର୍ଘ ବର୍ଷ ଧରି ସଫା ହୋଇନଥିବାରୁ ପାଣିର ଅଭାବ ଦେଖାଦେଇଛି। ବ୍ଲକରେ ଉଠା ଜଳସେଚନ ନାମକୁ ମାତ୍ର ରହିଛି। ଯେଉଁଠି ମଟର ପଏଣ୍ଟ ଅଚଳତ ବିଦ୍ୟୁତ ସଂଯୋଗ ନଥିବାରୁ ପ୍ରୋଜେକ୍ଟ ଗୁଡିକ ଅକାମି ହୋଇ ପଡିଛି। ମୋଟାମୋଟି ଭାବେ କହିବାକୁ ଗଲେ ଚଳିତ ବର୍ଷ ନରସିଂହପୁର ବ୍ଲକରେ ଚାଷ କାର୍ଯ୍ୟରେ ଚାଷୀ ବିଫଳ ହୋଇଛନ୍ତି ବୋଲି କୃଷକ ସଂଘର ସଭାପତି ସନାତନ ସ୍ୱାଇଁ ଏଠାରେ ସୂଚନା ଦେଇଛନ୍ତି। ଗୋଟିଏ ପଟେ କରୋନା ଭୁତାଣୁ ସଂକ୍ରମଣ ଭୟ ଅନ୍ୟପଟେ ବିଲ ପଡିଆ, ବର୍ଷାବିନା ମରୁଡି ଯୋଗୁଁ ନରସିଂହପୁର ଚାଷୀକୁଳ ର ମେରୁଦଣ୍ଡ ଭାଙ୍ଗି ଦେଇଛି ବୋଲି ସାଧାରଣରେ ଆଲୋଚନା ହୋଇଛି।

# ଘରୋଇ ସ୍ୱାସ୍ଥ୍ୟ ଅନୁଷ୍ଠାନ ପାଇଁ ନୂଆ ଗାଇଡ୍‌ଲାଇନ




**ଭୁବନେଶ୍ୱର :** ଘରୋଇ ହସ୍ପିଟାଲ୍, ନର୍ସିଂହୋମ୍ ଓ ଲାବୋରୋଟୋରିରେ ରାପିଡ୍ ଆଣ୍ଟିଜେନ୍ ଓ ଆରଟି-ପିସିଆର ଟେଷ୍ଟିଂ ଲାଗି ରାଜ୍ୟ ସରକାର ନୂଆ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ରାଜ୍ୟର ଏହିସବୁ ସ୍ୱାସ୍ଥ୍ୟ ଅନୁଷ୍ଠାନକୁ ବିଭାଗ ଚିଠି ଲେଖି ଅବଗତ କରାଇଛି। ବିଭାଗ କହିଛି ଯେ ଏଣିକି ଏହିସବୁ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକ ରାପିଡ୍ ଆଣ୍ଟିଜେନ୍ ଓ ଆରଟି-ପିସିଆର ଟେଷ୍ଟିଂ କରିପାରିବେ। ହେଲେ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଗାଇଡ୍‌ଲାଇନ୍‌କୁ ପାଳନ କରିବା ବାଧ୍ୟତାମୂଳକ। ପ୍ରଥମେ ରାପିଡ୍ ଆଣ୍ଟିଜେନ୍ ଓ ଆରଟି-ପିସିଆର ଟେଷ୍ଟିଂ ଲାଗି ଓଡ଼ିଶା କ୍ଲିନିକାଲ୍ ଆକ୍ଟରେ ପଞ୍ଜୀକରଣ କରିବାକୁ ହେବ। ଯେଉଁମାନେ ଏହି ପରୀକ୍ଷା କରାଇବେ, ସେମାନେ ପ୍ରଥମେ ସ୍ୱତନ୍ତ୍ର ଭାବେ ଆଇସିଏମ୍‌ଆର୍‌ର ଏସଓପି ଅନୁଯାୟୀ ପ୍ରଶୀକ୍ଷଣ ନେବା ଆବଶ୍ୟକ। ହସ୍ପିଟାଲ କର୍ତ୍ତୃପକ୍ଷ ଯେଉଁମାନଙ୍କ ପରୀକ୍ଷା କରାଇବେ, ଆଇସିଏମ୍‌ଆର ଓ ବିଏମ୍‌ଡବ୍ଲ୍ୟୁ ଗାଇଡ୍‌ଲାଇନ୍ ଅନୁଯାୟୀ ସ୍ୱତନ୍ତ୍ର ଭାବେ ସ୍ୱାବ୍ ସଂଗ୍ରହ ଓ ପରୀକ୍ଷା କରାଇବେ। ସମ୍ପୃକ୍ତ ବ୍ୟକ୍ତିଙ୍କ ପରୀକ୍ଷା ରିପୋର୍ଟ ପ୍ରଥମେ ଆସିଏମ୍‌ଆର ପୋର୍ଟଲରେ ଅପ୍‌ଲୋଡ୍ କରାଇବେ। ଏହା ସହିତ ପରୀକ୍ଷାକାରୀଙ୍କ ରିପୋର୍ଟ ରାଜ୍ୟ କର୍ତ୍ତୃପକ୍ଷଙ୍କୁ ପ୍ରଥମେ ଅବଗତ କରାଇବେ। ଏହାର ୨୪ଘଣ୍ଟା ପରେ ପରୀକ୍ଷାକାରୀଙ୍କୁ ରିପୋର୍ଟ ସମ୍ପର୍କରେ ସୂଚନା ଦେବେ। ରାଜ୍ୟ ସରକାରଙ୍କ ଦ୍ୱାରା ଟେଷ୍ଟିଂ ପାଇଁ ନିର୍ଦ୍ଧାରିତ କରାଯାଇଥିବା ଦର ଅନୁସାରେ ସମ୍ପୃକ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନମାନେ ଉଚିତ ମୂଲ୍ୟ ନେବେ। ଆଣ୍ଟିଜେନ୍ ଟେଷ୍ଟିଂ ପାଇଁ ୪୫୦ଟଙ୍କା ଧାର୍ଯ୍ୟ କରିଛନ୍ତି।













Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି